# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶନିବାର, ସେପ୍ଟେମ୍ବର ୧୫/୨୦୧୮ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Dhenkanal-Angul, Saturday, September 15 /2018 (Career & Appointment) | ★★★★★

୧୪ଶ ଭାଗ ୨୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





**ଶୁଟର ବିଜୟବୀରଙ୍କୁ ସ୍ୱର୍ଣ୍ଣ**

ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ଭାରତର ବିଜୟବୀର ସିଦ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । **୧୪**

**୦୨** **ହୃଦୟ ସହ ଭଲପାଏ ଗଣେଶ ଉତ୍ସବ: ସୋନାଲି**

ନ୍ୟୁୟର୍କରେ ଚିକିତ୍ସାଧୀନ ତଥା ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡ଼ିତ ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଗଣେଶ ପୂଜା ସହ କିପରି ଜଡ଼ିତ ସେ ବିଷୟ ଟୁଇଟର୍‌ରେ ଶେୟାର କରିଛନ୍ତି ।




# ‘ସୁନ୍ଦରୀ’କୁ ନେଇ ଅଡୁଆ ମୁହଁ ମୋଡୁଛି କେନ୍ଦ୍ର

## ଜମ୍ମୁ-କଶ୍ମୀରରେ ଦୁର୍ଘଟଣା
## ଖାତକୁ ଖସିଲା ବସ୍: ୧୭ ମୃତ



ଦୁର୍ଘଟଣାଗ୍ରସ୍ତ ବସ୍ ।

କିସ୍ତୱାର, ୧୪।୯(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଶୁକ୍ରବାର ଏକ ବସ୍ ଦୁର୍ଘଟଣା ଘଟି ୧୭ ଜଣ ପ୍ରାଣ ହରାଇଛନ୍ତି । ସକାଳେ ମିନିବସ୍‌ଟି କେଶୱାନ ଅଞ୍ଚଳରୁ କିସ୍ତୱାର ଅଭିମୁଖେ ଯାତ୍ରା କରୁଥିଲା । ଥକରାଇ ନିକଟସ୍ଥ ଦନ୍ଦରାନ୍ ଦେଇ ଯାଉଥିବାବେଳେ ଯାନ ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ତାହା ୩୦୦ ଫୁଟ ଉପରୁ ଖାତକୁ ଖସିପଡ଼ିଥିଲା । ଏହି ଘଟଣାରେ ଅନ୍ୟ ୧୬ ଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି ।

କିସ୍ତୱାର ଜିଲା ବିକାଶ କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ ସୂଚନା ମୁତାବକ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ଚେନାବ୍ ନଦୀକୂଳରେ ପଡ଼ିବା ପରେ ସେନା, ☞ପୃଷ୍ଠା–୪

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ସାତକୋଶିଆର ‘ସୁନ୍ଦରୀ’ ବାଘୁଣୀକୁ ନେଇ ଏବେ ଅଡୁଆରେ ରାଜ୍ୟ ସରକାର । ମଣିଷ ମାରିବା ପରେ ବାଘୁଣୀ ସାତକୋଶିଆରେ ରହିବ ନା ମଧ୍ୟପ୍ରଦେଶର ବାନ୍ଧବଗଡ଼ ଅଭୟାରଣ୍ୟକୁ ଫେରିଯିବ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି ବନ ବିଭାଗ । ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି, ବାଘୁଣୀକୁ ଫେରାଇ ଦିଆଯିବ କି ନାହିଁ ତାହା ନିଷ୍ପତ୍ତି ହୋଇନାହିଁ । ବାଘ ବିଷୟରେ ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ନିଷ୍ପତ୍ତି ନିଏ । ତେଣୁ ତାଙ୍କୁ ଆମେ ଜଣାଇଦେଇଛୁ । ଏହାଛଡ଼ା ବାଘୁଣୀ ମଣିଷ ମାରିବା କଥା ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ । ଆମେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ । ସବିଶେଷ ତଦନ୍ତ ରିପୋର୍ଟ ଆସିବା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି ।

ସେପଟେ ଏନ୍‌ଟିସିଏ(ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଏସ୍‌ଓପି କହୁଛି ଯେ, ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ବାଘ ବିଷୟରେ ନିର୍ଣ୍ଣୟ ନେବାର ଅଧିକାର କେବଳ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କର ରହିଛି । ଏସ୍‌ଓପିରେ ଆହୁରି ମଧ୍ୟ ଲେଖାଯାଇଛି ଯେ, ଯଦି ବାଘ ମଣିଷ ମାରିବା ପ୍ରମାଣ ମିଳେ, ତେବେ ତା’କୁ ଆଉ ଜଙ୍ଗଲରେ ଖୋଲା ଛଡ଼ାଯାଇ ପାରିବ ନାହିଁ । ତା’କୁ ଯେକୌଣସି ଅନୁମୋଦିତ ଉପାୟରେ ଧରାଯାଇ ନିକଟ ଚିଡ଼ିଆଖାନାକୁ ହସ୍ତାନ୍ତର କରାଯିବ । ତେଣୁ ନିୟମାନୁସାରେ ଏ କ୍ଷେତ୍ରରେ ସୁନ୍ଦରୀକୁ ନନ୍ଦନକାନନକୁ ପଠାଇବାର ବ୍ୟବସ୍ଥା କରାଯିବା ଉଚିତ । ବାଘୁଣୀକୁ ଧରିବା ପାଇଁ ମଧ୍ୟପ୍ରଦେଶରୁ ଏକ ଟିମ୍ ଆସି ଓଡ଼ିଶାରେ ପହଞ୍ଚିଛି । ☞ପୃଷ୍ଠା–୪

### ଡବ୍ଲ୍ୟୁଆଇଆଇ ନିଷ୍ପତ୍ତି ନେବ: ମନ୍ତ୍ରୀ



## ବିପ୍ରଡିହରେ ବାଘୁଣୀ ଆତଙ୍କ

- ବିଟ୍ ହାଉସ ପୋଡ଼ିଦେଲେ ଗ୍ରାମବାସୀ
- ପହଞ୍ଚିଲା ବନ ବିଭାଗ ଟିମ୍
- ସୁରକ୍ଷା ପାଇଁ ୨ ପ୍ଲାଟୁନ ଫୋର୍ସ ନିୟୋଜିତ

ବଇଣ୍ଡା, ୧୪।୯(ଡି.ଏନ.ଏ.)–

ସାତକୋଶିଆକୁ ଆସିଥିବା ମଧ୍ୟପ୍ରଦେଶ ବାଘୁଣୀ ‘ସୁନ୍ଦରୀ’ ଶୁକ୍ରବାର ଅପରାହ୍ନରେ ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ବିପ୍ରଡିହ ଗ୍ରାମରେ ଆତଙ୍କ ଖେଳାଇଛି । ବାଘୁଣୀ ଗ୍ରାମର ପ୍ରକାଶ ପ୍ରଧାନଙ୍କ ଏକ ଗାଈ ଓ ବାଛୁରୀ ଏବଂ ବୃନ୍ଦାବନ ପ୍ରଧାନଙ୍କ ଏକ ଗାଈକୁ ମାରି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ଗ୍ରାମରେ ଥିବା ବିଟ୍ ହାଉସ୍‌କୁ ପୋଡ଼ି ଦେଇଛନ୍ତି ।

ଅପରାହ୍ନ ପ୍ରାୟ ୫ଟାରେ ବାଘୁଣୀ ଧଣ୍ଡାତୋପା ରେଞ୍ଜକୁ ପଳାଇ ଆସିଥିଲା ଏହା ବିପ୍ରଡିହ ଗ୍ରାମ ନିକଟସ୍ଥ ଏକ ବିଲରେ ଚରୁଥିବା ୨ଟି ଗାଈ ଓ ବାଛୁରୀକୁ ଘୋଷାଡ଼ି ନେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବିଲରେ ଚରୁଥିବା ଗୋରୁଙ୍କ ବୋବାଳି ଶୁଣି ଗାଈ ଚରାଳିମାନେ ଭୟରେ ଗ୍ରାମ ଭିତରକୁ ଚାଲିଆସିଥିଲେ । ☞ପୃଷ୍ଠା–୪

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

### ଓଡ଼ିଶାକୁ ଅଣଦେଖା

- ବିପତ୍ତି, କେନ୍ଦ୍ରୀୟ ଯୋଜନାରୁ ମିଳୁନାହିଁ ସହାୟତା
- ପିଏମ୍‌ଏୱାଇ-ଜି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବନ୍ଦ ହେବା ଆଶଙ୍କା

ପ୍ରାକୃତିକ ବିପର୍ଯ୍ୟୟ ଘେରରେ ଓଡିଶା । କେତେବେଳେ ବନ୍ୟା ତ ପୁଣି କେତେବେଳେ ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ରାଜ୍ୟକୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି । ପ୍ରତିବର୍ଷ କିଛି ନା କିଛି ବିପତ୍ତି ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି । ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଗୋଟିଏ ପଟେ ପ୍ରାକୃତିକ ବିପତ୍ତି ରାଜ୍ୟକୁ ଦୋହଲାଇ ଦେଉଥିବା ବେଳେ ସହାୟତା ବଦଳରେ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଦାଉ ସାଧୁଛି । କେବଳ ପ୍ରାକୃତିକ ବିପତ୍ତି ନୁହେଁ କେନ୍ଦ୍ରୀୟ ଅନୁଦାନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ।

ଗତ ୫ ବର୍ଷର କେନ୍ଦ୍ରୀୟ ସହାୟତାକୁ ଦେଖିଲେ ତାହା ଜଳ ଜଳ ହୋଇ ଦେଖାଯାଉଛି । ଏହି ସମୟ ମଧ୍ୟରେ ରାଜ୍ୟ ବାତ୍ୟା, ବନ୍ୟା, ମରୁଡ଼ି, ଅଦିନିଆ ବର୍ଷା, ରୋଗପୋକ ଆକ୍ରମଣ ଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୩–୧୪ରୁ ୨୦୧୭–୧୮ ମଧ୍ୟରେ ରାଜ୍ୟ ସରକାର ପ୍ରାକୃତିକ ବିପତ୍ତିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କଠାରୁ ୮,୯୫୪.୬୧ କୋଟି ଟଙ୍କା ସହାୟତା ମାଗିଥିଲେ । କେନ୍ଦ୍ରୀୟ ସହାୟତା ୪ ଭାଗରୁ କମ୍ ମିଳିଛି, ଅର୍ଥାତ ୧୭୫୦.୫୨ କୋଟି ଟଙ୍କା ।

୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟା ଗଞ୍ଜାମ ଉପକୂଳ ଦେଇ ଓଡିଶାକୁ ପ୍ରବେଶ କରିଥିଲା । ଏଥିରେ ୧୮ଟି ଜିଲାର ୧୭୧ଟି ବ୍ଲକର ୧୮ ହଜାର ୩୭୦ ଗ୍ରାମ ପ୍ରଭାବିତ ହୋଇଥିଲା । ୧୩ ନିୟୁତ ଲୋକ ପ୍ରଭାବିତ ହେବା ସହ ୪୪ ଜଣଙ୍କର ମୃତ୍ୟୁ ଘଟିଥିଲା । ୨ ଲକ୍ଷ ୫୬ ହଜାର ୬୦୦ ଘର ପ୍ରଭାବିତ ହୋଇଥିଲା । ରାଜ୍ୟ ସରକାର ଏହି ବାତ୍ୟାରେ ☞ପୃଷ୍ଠା–୪

## ‘ଅଲିଭିଆ ହୋକ୍ସ’କୁ ନେଇ ଚିନ୍ତା

- ସତର୍କତା ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ୍, ୧୪।୯

ଅନଲାଇନ ଗେମ୍ ବ୍ଲୁ ହ୍ୱେଲ, ମୋମୋ ଚ୍ୟାଲେଞ୍ଜର ଆତଙ୍କ ପରେ ଆଉ ଏକ ସମସ୍ୟା ସୃଷ୍ଟି କରିଛି ‘ଅଲିଭିଆ ହୋକ୍ସ’ । ଏହା ହେଉଛି ଏକ ଛଳନାତ୍ମକ ମେସେଜ୍, ଯାହା ସୋସିଆଲ ମିଡିଆ ‘ହ୍ୱାଟ୍ସ ଆପ୍’ରେ ଆସୁଛି । କିଛି ଅସାମାଜିକ ବ୍ୟକ୍ତି ସୋସିଆଲ ମିଡିଆକୁ ଦୁରୁପଯୋଗ କରି ଯୁବପିଢ଼ିଙ୍କୁ ପ୍ରଥଭ୍ରଷ୍ଟ ☞ପୃଷ୍ଠା–୪




## ୨ ଭଉଣୀଙ୍କ ସଲିଳ ସମାଧି

ଛେଣ୍ଡିପଦା, ୧୪।୯ (ଡି.ଏନ.ଏ.)/(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଓଗୀ ପଞ୍ଚାୟତ ଲେମ୍ବୁଡଇଳା ଗ୍ରାମ ନିକଟସ୍ଥ ଏକ ନାଳରେ ବୁଡ଼ି ଶୁକ୍ରବାର ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି । ମୃତା ହେଲେ ପୀତାମ୍ବର ସାହୁଙ୍କ ଦୁଇ ଝିଅ ଝୁନୁବାଳା ସାହୁ(୧୪) ଏବଂ ରୁନୁବାଳା ସାହୁ(୧୨) । ଏ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

ପ୍ରକାଶ ଯେ, ସକାଳେ ଘର ପାଖ ନାଳକୁ ୨ ଭଉଣୀ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ । ପରେ ସ୍ଥାନୀୟ ଲୋକେ ପାଣିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ । ଜରପଡା ପୋଲିସ ସେଠାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏ ନେଇ ନଂ. ୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଝୁନୁବାଳା ଅନ୍ତୁଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଓ ରୁନୁବାଳା ଷଷ୍ଠ ଶ୍ରେଣୀରେ ପଢୁଥିଲେ ।


NATIONAL EGG CO-ORDINATION COMMITTEE 14.09.2018 Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 54 | 98 | 108 |
| DKL | 54 | 98 | 108 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ଦୁର୍ନୀତିବିରୋଧୀ ଯୋଗୀ

### ଆଜିର ମନ୍ତବ୍ୟ

“ ସରକାରୀ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ପାଇଁ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

– ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଜୁଲାଇରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ୫.୦୯% ଥିବା ବେଳେ ଅଗଷ୍ଟରେ ଏହା ୪.୫୩%କୁ ହ୍ରାସ ପାଇଛି ।

–ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ


ସିବିଏସ୍‌ଇ ଟପ୍ପରଙ୍କୁ ଗଣବଳାତ୍କାର

........୨........








ଧରିତ୍ରୀ DHARITRI
ଢେଙ୍କାନାଳ-ଅନୁଗୋଳ, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ମହିଳାଙ୍କୁ ଅକଥନୀୟ ନିର୍ଯାତନା
## ପୋଲିସ ବାବୁଙ୍କ ପୁଅ ଗିରଫ



**ନୂଆଦିଲ୍ଲୀ, ୧୪।୯(ପି.ଟି.):** ମହିଳାଙ୍କୁ ଅତି ନୃଶଂସ ଭାବେ ଅସଦାଚରଣ କରିଥିବା ଦିଲ୍ଲୀ ପୋଲିସର ଜଣେ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସ୍ଆଇ)ଙ୍କ ପୁଅ ଶୁକ୍ରବାର ଗିରଫ ହୋଇଛନ୍ତି। ବର୍ବର କାଣ୍ଡର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ରୋହିତ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ତାଙ୍କ ନାଁରେ ବଳାତ୍କାର ଏବଂ ଧମକ ନେଇ ଦୁଇଟି ପୃଥକ୍ ମାମଲା ହୋଇଛି। ୨୧ ବର୍ଷୀୟ ରୋହିତ୍ ମହିଳାଙ୍କୁ ନିର୍ଯାତନା ଦେଉଥିବାବେଳର ଭିଡିଓ ପ୍ରସାର ହେବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଦୃଷ୍ଟିଗୋଚରକୁ ଆସିଥିଲା। ଟୁଇଟରରେ ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଥିଲେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକଙ୍କୁ ରାଜନାଥ ନିର୍ଦ୍ଦେଶ ଦେଇଥିଲେ। ରାଜନାଥଙ୍କ ହସ୍ତକ୍ଷେପ ପରେ ଏଏସ୍ଆଇ ଅଶୋକ କୁମାର ତୋମାରଙ୍କ ପୁଅ ରୋହିତ୍‌ଙ୍କୁ ହାତକଡ଼ି ପିନ୍ଧାଗଲା। ତାଙ୍କ ବିରୋଧରେ ଦୁଇ ମହିଳା ବୟାନ ଦେବା ପରେ ମାମଲା ରୁଜୁ ହୋଇଛି।

## ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନାଁରେ ଗିରଫ ପରୱାନା

**ନୂଆଦିଲ୍ଲୀ, ୧୪।୯(ଆଇଏଏନ୍ଏସ୍):** ବେଆଇନ ବିକ୍ଷୋଭ ପ୍ରଦର୍ଶନ ମାମଲାରେ ମହାରାଷ୍ଟ୍ରର ଏକ କୋର୍ଟ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ମାମଲାର ଅନ୍ୟ ୧୫ ଅଭିଯୁକ୍ତଙ୍କ ବିରୋଧରେ ମଧ ୱାରେଣ୍ଟ ହୋଇଛି। ନନ୍ଦେଡ୍ ଜିଲା ଅନ୍ତର୍ଗତ ଧର୍ମବାଦର ବିଚାରବିଭାଗୀୟ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଏନ୍.ଆର୍. ଗଜଭିୟେ ଏହି ନିର୍ଦ୍ଦେଶ ଦେଇଛନ୍ତି। ନାଇଡୁଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସେପ୍ଟେମ୍ବର ୨୧ ସୁଦ୍ଧା କୋର୍ଟରେ ହାଜର କରିବାକୁ ବିଚାରପତି କହିଛନ୍ତି। ତେବେ ଏନ୍‌ବିଡବ୍ଲ୍ୟୁକୁ ତାଙ୍କର ଭୟନାହିଁ ବୋଲି ନାଇଡୁ କହିଛନ୍ତି। ଗୋଦାବରୀ ନଦୀ ଉପରେ ନିର୍ମାଣ ହୋଇଥିବା ବାବ୍‌ଲି ପ୍ରକଳ୍ପକୁ ବିରୋଧ କରି ୨୦୧୦ରେ ବଡ଼ ଧରଣର ବିକ୍ଷୋଭ କରିଥିଲେ ନାଇଡୁ। ସେତେବେଳେ ସେ ଥିଲେ ଅବିଭାଜିତ ଆନ୍ଧ୍ରପ୍ରଦେଶର ବିରୋଧୀ ଦଳ ନେତା। ୪୦ ବିଧାୟକ ଓ ସମର୍ଥକଙ୍କୁ ନେଇ ସେ ମହାରାଷ୍ଟ୍ର ଅଭିମୁଖେ ମାଡ଼ିଯାଇଥିଲେ। ପୋଲିସ ନାଇଡୁ ଓ ଅନ୍ୟମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ମାମଲା ଦାଏର କରିଥିଲା। ଜାମିନ ଆବେଦନ ନ କରି ସୁଦ୍ଧା ସେମାନେ ମୁକୁଳିଯାଇଥିଲେ।

# ସିବିଏସ୍ଇ ଟପ୍ପରଙ୍କୁ ଗଣବଳାତ୍କାର

**ଚଣ୍ଡିଗଡ଼, ୧୪।୯(ପି.ଟି.)**

**ହରିୟାଣାରେ ଲଜ୍ଜା**
- କୋଚିଂ କ୍ଲାସ୍ ଯିବାବେଳେ ଛାତ୍ରୀଙ୍କୁ ଅପହରଣ
- ନିଶା ଦେଇ ଗଣବଳାତ୍କାର, ୩ ଅଭିଯୁକ୍ତ ଫେରାର
- ଖଟ୍ଟାର ସରକାରଙ୍କୁ ଟାର୍ଗେଟ କଲା କଂଗ୍ରେସ



ପଞ୍ଚକୁଲା ରିଜିୟନ୍‌ରେ ସିବିଏସ୍ଇ ପରୀକ୍ଷାରେ ଟପ୍ପର ହୋଇଥିବା ଜଣେ ୧୯ ବର୍ଷୀୟା କଲେଜ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ହରିୟାଣାର ମହେନ୍ଦରଗଡ଼ ଜିଲା ଅନ୍ତର୍ଗତ କାନିନା ସହରରେ ଘଟିଛି ଏହି ଲଜ୍ଜାଜନକ ଘଟଣା। ଅପହରଣ ପରେ ଯୁବତୀଙ୍କୁ ତିନି ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ପୀଡ଼ିତାଙ୍କ ମା' କହିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି।


ହରିୟାଣା ପୋଲିସ ସୂଚନା ମୁତାବକ, ପାଠପଢ଼ାରେ ଆଗୁଆ ରହି ନିଜ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଥିବା ଛାତ୍ରୀଜଣକ ସାଧାରଣତନ୍ତ୍ର ଦିବସରେ ସମ୍ମାନିତ ହୋଇଥିଲେ। ଗତ ବୁଧବାର ସେ କୋଚିଂ ସେଣ୍ଟରକୁ ଯାଇଥିଲେ। କାନିନା ବସ୍‌ଷ୍ଟପ୍ ନିକଟରେ ଛିଡ଼ା ହୋଇଥିବାବେଳେ ଅଭିଯୁକ୍ତମାନେ ଏକ କାରରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଝାଗରରେ ଥିବା ଏକ ଫାର୍ମକୁ ନେଇ ତାଙ୍କୁ ଜବରଦସ୍ତି ନିଶାଦ୍ରବ୍ୟ ସେବନ କରାଇବା ପରେ ସେମାନେ ବଳାତ୍କାର କରିଥିଲେ। ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଅନ୍ୟ କେତେଜଣ ମଧ ତାଙ୍କୁ ବଳାତ୍କାର କରିଥିଲେ। ଗଣବଳାତ୍କାର ପରେ ଅଭିଯୁକ୍ତମାନେ ତାଙ୍କୁ ଅଚେତ ଅବସ୍ଥାରେ କାନିନା ବସ୍‌ଷ୍ଟପ୍ ନିକଟରେ ଫିଙ୍ଗିଯାଇଥିଲେ। ପରିବାର ଲୋକେ ଖବର ପାଇବା ପରେ ଝିଅକୁ ସେଠାରୁ ଉଦ୍ଧାର କରି ଆଣିଥିଲେ। ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ଜିରୋ ଏଫ୍ଆଇଆର୍ ଦାଏର ହୋଇଛି। ସମସ୍ତ ଅଭିଯୁକ୍ତ ପୀଡ଼ିତାଙ୍କ ଗ୍ରାମର ବାସିନ୍ଦା ଏବଂ ସେମାନଙ୍କ ବୟସ ୨୦ରୁ ୨୫ ବର୍ଷ ହେବ ବୋଲି କାନିନା ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ଅନିରୁଦ୍ଧ କହିଛନ୍ତି।

ପୀଡ଼ିତାଙ୍କ ମା' କହିଛନ୍ତି, ତାଙ୍କ ଝିଅ ସିବିଏସ୍ଇ ବୋର୍ଡ ପରୀକ୍ଷାରେ ଟପ୍ପର ହୋଇ ସମ୍ମାନିତ ହୋଇଛନ୍ତି। କିନ୍ତୁ ଏବେ ଗଣବଳାତ୍କାରର ଶିକାର ହୋଇ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ସେପଟେ ବଳାତ୍କାରୀମାନେ ଖୋଲାରେ ବିଚରଣ କରୁଛନ୍ତି। ସରକାର 'ବେଟି ବଚାଓ-ବେଟି ପଢ଼ାଓ' ସ୍ଲୋଗାନ ଦେଉଛନ୍ତି। କିନ୍ତୁ ଝିଅକୁ ପାଠ ପଢ଼ାଇବାକୁ ଯାଇ ଜଣଙ୍କୁ କ'ଣ ଏଭଳି ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ ହରିୟାଣାରେ ଗଣବଳାତ୍କାର ଘଟଣା ସବୁଠୁ ଅଧିକ ଘଟୁଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ଶାସନ କାଳରେ ରାଜ୍ୟର ଏବେ ଆଉ ଜଣେ ଝିଅଙ୍କୁ ଗଣବଳାତ୍କାର କରାଯାଇଛି ବୋଲି କଂଗ୍ରେସ ନେତା ରଣଦୀପ୍ ସିଂ ସୁର୍ଜେୱାଲା କହିଛନ୍ତି।

■ ଇସ୍ରୋ ତଥ୍ୟ ଲିକ୍ ମାମଲା
# ନାରାୟଣନ୍‌ଙ୍କୁ ମିଳିଲା ନ୍ୟାୟ

**ସୁପ୍ରିମକୋର୍ଟଙ୍କ ରାୟ**
- ବୈଜ୍ଞାନିକଙ୍କ ଗିରଫଦାରି ନିରାଧାର
- ମାନସିକ ନିର୍ଯାତନା ଦେଇଛି କେରଳ ପୋଲିସ
- ମିଳିବ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ
- ପୋଲିସ ବାବୁଙ୍କ ବିରୋଧରେ ହେବ ତଦନ୍ତ



**ନୂଆଦିଲ୍ଲୀ, ୧୪।୯(ପି.ଟି.)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଗୁପ୍ତଚରଗିରି କରି ପାକିସ୍ତାନ ଓ ଅନ୍ୟ ରାଷ୍ଟ୍ରକୁ ତଥ୍ୟ ଦେବା ଅଭିଯୋଗରେ ଫସିଥିବା ପୂର୍ବତନ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କୁ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ୧୯୯୪ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ଗିରଫଦାରି ଅନାବଶ୍ୟକ ଥିଲା ବୋଲି ଶୁକ୍ରବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ବୈଜ୍ଞାନିକଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରଧାନବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୭୬ ବର୍ଷୀୟ ନାରାୟଣନ୍‌ଙ୍କୁ କେରଳ ପୋଲିସ୍ ମାନସିକ ନିର୍ଯାତନା ଦେବା ସହ କ୍ରୂର ଆଚରଣ ପ୍ରଦର୍ଶନ କରିଛି। ତେଣୁ ରାଜ୍ୟର ପୋଲିସ ଅଫିସରଙ୍କ ଭୂମିକା ଉପରେ ପ୍ରଶ୍ନ ଉଠୁଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନାରାୟଣନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ପୋଲିସ ବାବୁଙ୍କ ବିରୋଧରେ ତଦନ୍ତ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗୁପ୍ତଚରଗିରି ମାମଲାରେ ଛନ୍ଦି ହେବା ପରେ ନାରାୟଣନ୍ କେରଳ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ କେରଳ ହାଇକୋର୍ଟ ତାଙ୍କୁ ନିରାଶ କରିଥିଲେ। ପୂର୍ବତନ ଡିଜିପି ସିବି ମାଥ୍ୟୁସ୍ ଏବଂ ଦୁଇ ଅବସରପ୍ରାପ୍ତ ଏସ୍‌ପି କେ.କେ. ଯୋଶୁଆ ଏବଂ ଏସ୍. ବିଜୟନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ନାହିଁ ବୋଲି ହାଇକୋର୍ଟ କହିଲେ। ତେବେ ଏହି ପୋଲିସ ବାବୁମାନେ ବୈଜ୍ଞାନିକଙ୍କୁ ବେଆଇନ ଭାବେ ଗିରଫ କରିଥିବା ପରେ ସିବିଆଇ କହିଥିଲା। କେରଳ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ନାରାୟଣନ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହପରେ ତଥ୍ୟ ଲିକ୍ ମାମଲାରେ ନାରାୟଣନ୍‌ଙ୍କ ସମ୍ପୃକ୍ତି ଅଭିଯୋଗର ସତ୍ୟତା ଅନୁସନ୍ଧାନ ଲାଗି ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଡି.କେ. ଜୈନ ଏହାର ଅଧ୍ୟକ୍ଷତା କରୁଥିଲେ। ଉକ୍ତ କମିଟିର ରିପୋର୍ଟକୁ ତର୍ଜମା କରି ଶୁକ୍ରବାର ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ସହ ନିର୍ଦ୍ଦୋଷ ନାରାୟଣନ୍‌ଙ୍କୁ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବା ଲାଗି କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେରଳ ପୋଲିସ ମାମଲାରେ ଫସାଇଥିଲେ ସୁଦ୍ଧା ସୁପ୍ରିମକୋର୍ଟଙ୍କ ରାୟ ପରେ ନାରାୟଣନ୍‌ଙ୍କୁ ନ୍ୟାୟ ମିଳିଛି। ତେଣୁ ରାୟକୁ ସେ ସ୍ୱାଗତ କରିଛନ୍ତି। ଯେଉଁ ଟେକ୍ନୋଲୋଜିକୁ ଚୋରି କରି ପାକିସ୍ତାନକୁ ବିକ୍ରି କରିଥିବା ତାଙ୍କ ନାଁରେ ଅଭିଯୋଗ ହୋଇଥିଲା, ସେତେବେଳେ ତାହାର ଅସ୍ତିତ୍ୱ ନ ଥିଲା। ତଥାପି ମିଛ ମାମଲା ଭିତରକୁ ଟାଣି ତାଙ୍କୁ ଅନେକ ମାନସିକ ନିର୍ଯାତନା ଦିଆଯାଇଛି। ବିଳମ୍ବ ହେଉ ପଛେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାରୁ ବେଶ୍ ଖୁସି ବୋଲି ନାରାୟଣନ୍ କହିଛନ୍ତି।

## ଯୌତୁକ ନିର୍ଯାତନା: ରାୟରେ ପରିବର୍ତ୍ତନ ଆଣିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪।୯(ପି.ଟି.)**



ଯୌତୁକ ନିର୍ଯାତନା ମାମଲାରେ ବଧୂଙ୍କ ଶ୍ୱଶୁର ଘର ଲୋକଙ୍କୁ ତ୍ୱରିତ୍ ଗିରଫଦାରୀରୁ ରକ୍ଷା କରିବା ଲାଗି ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି ସୁପ୍ରିମକୋର୍ଟ। ଏଣିକି ଯୌତୁକ ନିର୍ଯାତନା ଅଭିଯୋଗ ଆସିଲେ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ତେବେ ଅଭିଯୋଗର ସତ୍ୟତା ମଧ ପରଖିବା ପୋଲିସର ଦାୟିତ୍ୱ ବୋଲି କୋର୍ଟ କହିଛନ୍ତି।

ଯୌତୁକ ନିର୍ଯାତନା ଅଭିଯୋଗ ଆସିଲେ ପ୍ରଥମେ ପରିବାର କଲ୍ୟାଣ କମିଟି ତର୍ଜମା କରିବେ ଏବଂ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ସର୍ବୋଚ୍ଚ ଅଦାଲତ ପୂର୍ବରୁ କହିଥିଲେ। କିନ୍ତୁ ଏହା ନିର୍ଯାତନାର ଶିକାର ହେଉଥିବା ବିବାହିତା ମହିଳାଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିଲା। ଯୌତୁକ ନିରୋଧୀ ଆଇନକୁ ମଧ ଦୁର୍ବଳ କରିଦେଇଥିଲା। ତେଣୁ ସବୁ ପକ୍ଷକୁ ସମାନ ସୁଯୋଗ ଦେବା ପାଇଁ ପୂର୍ବର ରାୟକୁ ବଦଳାଇବାକୁ ଏକାଧିକ ଆବେଦନ ହୋଇଥିଲା। ଏହାର ଶୁଣାଣି ଶେଷକରି ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ପ୍ରଧାନ ବିଚାରପତି ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍, ଖାନ୍‌ୱିଲକର ଏବଂ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ରାୟପ୍ରକାଶ କରିଛନ୍ତି। ପୂର୍ବରୁ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ରାୟରେ ପରିବର୍ତ୍ତନ ଆଣିଛନ୍ତି ଖଣ୍ଡପୀଠ।

## ରାଫେଲ୍ ଚୁକ୍ତି: ବିରୋଧୀଙ୍କୁ ଚେତାଇଲେ ପ୍ରତିରକ୍ଷା ମନ୍ତ୍ରୀ

**ନୂଆଦିଲ୍ଲୀ, ୧୪।୯(ପି.ଟି.)**

ବହୁକୋଟି ଡଲାର ମୂଲ୍ୟର ରାଫେଲ ଫାଇଟର ଜେଟ୍ କାରବାର ପ୍ରସଙ୍ଗରୁ ବିରୋଧୀ ଦଳ ଦୂରେଇ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ପରାମର୍ଶ ଦେଇଛନ୍ତି। ଭାରତର ପ୍ରତିରକ୍ଷା ପ୍ରସ୍ତୁତି ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୋଳିଆ କରିଦେବା ପରେ ସେମାନେ ଏଥିରେ ଆଉ ସମ୍ପୃକ୍ତ ରହିବା ଉଚିତ ନୁହେଁ ବୋଲି ସୀତାରମଣ କହିଛନ୍ତି।
ଚାଇନା ଓ ପାକିସ୍ତାନ ଷ୍ଟିଲ୍‌ଥ ଫାଇଟର ଜେଟ୍ ସେମାନଙ୍କ ବାୟୁସେନାର ସାମିଲ କରି ନିଜର କ୍ଷମତା ବଢ଼ାଉଥିବା ବେଳେ ବର୍ତ୍ତମାନ ଭାରତ ଦୁଇଟି ସ୍କ୍ୱାଡ୍ରନ୍ ରାଫେଲ୍ ଜେଟ୍ ସଂଗ୍ରହ କରିବା ଜରୁରୀ ହୋଇପଡିଛି। ତେବେ ରାଫେଲ୍ ଜେଟ୍ କିଣିବାରେ ଦୁର୍ନୀତି ହେଉଥିବା ନେଇ କଂଗ୍ରେସ କରୁଥିବା ଅଭିଯୋଗକୁ ସୀଥାରାମନ୍ ଖଣ୍ଡନ କରିଛନ୍ତି। ଏହାଦ୍ୱାରା ବିରୋଧୀ ଦେଶବାସୀଙ୍କୁ ବିପଥଗାମୀ କରାଉଛନ୍ତି ଏବଂ ବାୟୁସେନାର ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ରାଫେଲ୍ ପ୍ରସଙ୍ଗ ଉପରେ ସରକାରଙ୍କୁ କଡ଼ା ସମାଲୋଚନା କରିଆସୁଛନ୍ତି। ସେମାନଙ୍କ କହିବା କଥା ଭାରତ ସରକାର ଅତ୍ୟନ୍ତ ଉଚ୍ଚ ଦରରେ ଫ୍ରାନ୍ସ ଠାରୁ ୩୬ଟି ରାଫେଲ୍ ଜେଟ୍ କିଣୁଛନ୍ତି। ୟୁପିଏ ସରକାର ଅମଳରେ ପ୍ରତି ରାଫେଲ ଫାଇଟର ପିଛା ୫୨୬କୋଟି ଦରରେ ୧୨୬ଟି ଜେଟ୍ କିଣିବା ପାଇଁ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। କିନ୍ତୁ ବର୍ତ୍ତମାନର ସରକାର ପ୍ରତି ଏୟାରକ୍ରାଫ୍ଟ ୧୬୭୦କୋଟି ଟଙ୍କାରେ କ୍ରୟ କରୁଥିବା ବିରୋଧୀ ଅଭିଯୋଗ କରି ଆସୁଛନ୍ତି।

## ଫୁରସତ

## ମହାତ୍ମାଙ୍କ ଜନ୍ମବାର୍ଷିକୀରେ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ଲୋଗୋ

**ନୂଆଦିଲ୍ଲୀ:**

from The Land of Gandhi

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସ୍ମାରକୀ ସ୍ୱରୂପ ପର୍ଯ୍ୟଟନ ମନ୍ତ୍ରଣାଳୟ 'ଦି ଲ୍ୟାଣ୍ଡ ଅଫ୍ ଗାନ୍ଧୀ' ନାମରେ ଏକ ଲୋଗୋ ଉନ୍ମୋଚନ କରିବାକୁ ଯାଉଛି। ମନ୍ତ୍ରଣାଳୟ ସଚିବ ରଶ୍ମି ବର୍ମାଙ୍କ କହିବାନୁଯାୟୀ, ଅକ୍ଟୋବର ୨, ୨୦୧୮ରୁ ମାର୍ଚ୍ଚ ୩୦, ୨୦୧୯ ମଧ୍ୟରେ ଭାରତରେ ଏବଂ ଭାରତ ବାହାରେ ଗାନ୍ଧୀଙ୍କ ଜୀବନୀ ଉପରେ ବିଭିନ୍ନ ଉତ୍ସବ ପାଳନ କରାଯିବ।

# ଚନ୍ଦ୍ରକୁ ଯାତ୍ରା କରିବେ ପର୍ଯ୍ୟଟକ


**ଲସ୍ ଏଞ୍ଜେଲସ୍:** ପର୍ଯ୍ୟଟକଙ୍କୁ ଚନ୍ଦ୍ରଯାତ୍ରାର ଅନୁଭୂତି ପ୍ରଦାନ ଲାଗି ସ୍ପେସେକ୍ସ କମ୍ପାନୀ ଗୁରୁବାର ଏକ ନୂଆ ଯୋଜନା ଘୋଷଣା କରିଛି। ଏଥିପାଇଁ ଏହାର ବିଗ୍ ଫାଲକନ୍ ରକେଟ୍ (ବିଏଫ୍ଆର) ବ୍ୟବହାର କରାଯିବ। ଏହା ଏକ ବୃହତ୍ ଲଞ୍ଚ୍ ଭେଇକିଲ୍। ମହାକାଶକୁ ଯାତ୍ରୀଙ୍କୁ ପରିବହନ କରିନେବା ଲାଗି ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ମହାକାଶ ଯାତ୍ରା ଲାଗି ଜନସାଧାରଣଙ୍କ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସ୍ପେସେକ୍ସ ଏଥିପାଇଁ ବିଶ୍ୱର ସର୍ବପ୍ରଥମ ଯାତ୍ରୀବାହୀ ରକେଟ୍ ଲଞ୍ଚ୍ କରିବ। ମହାକାଶ ଯାତ୍ରା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ ଟୁଇଟରରେ ପ୍ରକାଶ କରାଯାଇଛି। ତେବେ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ମିଳିପାରିନାହିଁ। ୨୦୧୮ ଶେଷଭାଗରେ ପ୍ରଥମକରି ପୃଥିବୀରୁ ଦୁଇଜଣ ପର୍ଯ୍ୟଟକଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ ସ୍ପେସେକ୍ସ ୨୦୧୭ ଫେବୃୟାରୀରେ ଘୋଷଣା କରିଥିଲା। ଦୁଇ ପର୍ଯ୍ୟଟକଙ୍କ ପରିଚୟ ଏବଂ ସେମାନେ ଏଥିପାଇଁ କେତେ ପାଉଣା ଦେବେ ସେ ବିଷୟ ପ୍ରକାଶ କରାଯାଇ ନାହିଁ। କିନ୍ତୁ ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ସୋମବାର ପ୍ରକାଶ ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୧୯୭୨ ଆପୋଲୋ ମିଶନ୍ ପରେ ଏ ଯାଏ ମଣିଷର ପାଦ ଚନ୍ଦ୍ରପୃଷ୍ଠରେ ପଡିନାହିଁ। ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍ ଏବଂ ବଜ୍ ଆଲଡ୍ରିନ୍ ୧୯୬୯ରେ ପ୍ରଥମେ ଚନ୍ଦ୍ରପୃଷ୍ଠରେ ପାଦ ଥାପିଥିଲେ।




## ଇତିହାସର ଆଇନାରେ
### ସେପ୍ଟେମ୍ବର ୧୫ର ପ୍ରମୁଖ ଘଟଣା

୧୯୭୪ ସେପ୍ଟେମ୍ବର ୧୫ରେ ଏୟାର ଭିଏତନାମର ବିମାନ-୭୦୬କୁ ଜଣେ ଆତତାୟୀ ଅପହରଣ କରି ନେଇଥିଲେ। ହାତରେ ଦୁଇଟି ଗ୍ରେନେଡ୍ ଧରି ଆତତାୟୀ ଜଣକ ଉତ୍ତର ଭିଏତନାମକୁ ବିମାନ ନେବାକୁ ଧମକ ଦେଇଥିଲେ। ତେବେ ଏହା ଅବତରଣ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ୭୫ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।

୧୯୬୭ ସେପ୍ଟେମ୍ବର ୧୫ରେ ଅଷ୍ଟିନରେ ଥିବା ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ ସ୍ନିପର ଆକ୍ରମଣ ଘଟଣା ନେଇ ଆମେରିକାର ରାଷ୍ଟ୍ରପତି ଲିଣ୍ଡନ ବେଇନ୍ସ ଜନ୍‌ସନ୍ କଂଗ୍ରେସକୁ ବନ୍ଧୁକ ନିୟନ୍ତ୍ରଣ ଆଇନ ଲାଗୁ କରିବା ନେଇ ଚିଠି ଲେଖିଥିଲେ। ଚାର୍ଲି ଯୋସେଫ୍ ହ୍ୱାଇଟମ୍ୟାନ୍ ନାମକ ଜଣେ ଆମେରିକୀୟ ଏହି ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୧୭ ଜଣ ନିହତ ହୋଇଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୮ |
| ଚାନ୍ଦବାଲି | ୩୪.୧ | ୨୬.୯ |
| କଟକ | ୩୪.୦ | ୨୫.୫ |
| ପାରାଦ୍ୱୀପ | ୩୩.୮ | ୨୮.୩ |
| ଭୁବନେଶ୍ୱର | ୩୪.୫ | ୨୬.୦ |
| ଗୋପାଳପୁର | ୩୪.୫ | ୨୭.୦ |
| ପୁରୀ | ୩୫.୬ | ୨୭.୪ |
| ଅନୁଗୋଳ | ୩୪.୭ | ୨୩.୬ |
| ବାରିପଦା | ୩୪.୫ | ୨୭.୨ |
| ଝାରସୁଗୁଡ଼ା | ୩୪.୧ | ୨୫.୬ |
| କେନ୍ଦୁଝର | ୩୧.୭ | ୨୪.୨ |
| ସମ୍ବଲପୁର | ୩୪.୮ | ୨୩.୬ |
| ସୁନ୍ଦରଗଡ଼ | ୩୩.୦ | ୨୨.୫ |
| ହୀରାକୁଦ | ୩୪.୬ | ୨୫.୧ |
| ତାଳଚେର | ୩୪.୫ | ୨୬.୦ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୪.୩ | ୨୪.୫ |
| କୋରାପୁଟ | ୨୯.୬ | ୨୦.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୩.୫ |
| ମାଲକାନଗିରି | ୩୪.୨ | --- |
| ସୋନପୁର | ୩୫.୦ | ୨୩.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ହୃଦୟ ସହ ଭଲପାଏ ଗଣେଶ ଉତ୍ସବ




ସୋନାଲି ବେନ୍ଦ୍ରେ

**ମୁମ୍ବାଇ:** ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଥିବା ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇରେ ଗଣେଶ ଚତୁର୍ଥୀ ଉତ୍ସବ ପାଳନ କରିବାର ସୁଯୋଗ ହରାଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ସେ ମେଟାଷ୍ଟାଟିକ୍ କ୍ୟାନ୍‌ସରରେ ପୀଡିତ ଅଛନ୍ତି। ଗଣେଶ ପୂଜା ତାଙ୍କ ହୃଦୟ ସହ କିପରି ଜଡ଼ିତ ସେ ବିଷୟ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ତାଙ୍କ ସ୍ୱାମୀ ଗୋଲ୍‌ଡି ବେଲ୍ ଏବଂ ପୁତ୍ର ରଣବୀର ବେଲ୍‌ଙ୍କ ସହିତ ଭଗବାନ୍ ଗଣେଶଙ୍କୁ ପ୍ରାର୍ଥନା କରୁଥିବାର ଫଟୋ ଟୁଇଟରରେ ପୋଷ୍ଟ କରିଛନ୍ତି। 'ଗଣେଶ ଚତୁର୍ଥୀ ସହିତ ମୁଁ ଗଭୀର ଭାବରେ ଜଡ଼ିତ ରହିଆସିଛି। ମୁମ୍ବାଇରେ ଉତ୍ସବ ପାଳନକୁ ହରାଇଛି। କିନ୍ତୁ ଭଗବାନଙ୍କ ଆଶୀର୍ବାଦ ପାଇବା ଭଳି ମନେହେଉଛି।' ଜୀବନ ପ୍ରତି ସୋନାଲିଙ୍କ ସକାରାତ୍ମକ ମନୋଭାବ ଆମକୁ ପ୍ରେରଣା ଦିଏ ଏବଂ ପରିସ୍ଥିତି ଯାହା ହେଉନା କାହିଁକି ହସହସ ମୁହଁରେ ବଞ୍ଚିବା ପାଇଁ ଶିକ୍ଷାଦିଏ। ସୋନାଲିଙ୍କ ପରି ଜଣେ ଅଭିନେତ୍ରୀଙ୍କ ଉତ୍ସାହକୁ ଆମେ ପ୍ରଶଂସା କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରୁ। ସୋନାଲିଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ପ୍ରଶଂସକ ଏବଂ ବଲିଉଡ୍ ସହ ଜଡ଼ିତ ବନ୍ଧୁମାନେ ଖୁବ୍ ମ୍ରିୟମାଣ ହୋଇପଡିଛନ୍ତି। ଅନେକ ସେଲିବ୍ରିଟି ତାଙ୍କୁ ସମର୍ଥନ ଜଣାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଟୁଇଟର/ଇନ୍‌ଷ୍ଟାଗ୍ରାମ୍‌ରେ ମେସେଜ୍ ଦେଇଛନ୍ତି। ସୋନାଲି ମଧ ନିୟମିତ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଅପଡେଟ୍ ଖବର, ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରନ୍ତି। ସେ କ୍ୟାନସରରେ ପୀଡିତ ଥାଇ ସୁଦ୍ଧା ନିଜର ଦୃଢ଼ ମନୋବଳ ଯୋଗୁ ଅଟଳ ବ୍ୟକ୍ତିତ୍ୱର ପରିଚୟ ଦିଅନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ସମଲେଇଙ୍କୁ ଲାଗି ହେଲା ନବାନ୍ନ


ସମଲେଇ ମନ୍ଦିରରେ ପାର୍ଶ୍ୱ ଦେବୀଦେବଙ୍କୁ ନବାନ୍ନ ଲାଗି କରାଯାଉଛି।

**ସମ୍ବଲପୁର, ୧୪।୯ (ବ୍ୟୁରୋ)**

ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କୁ ଧାର୍ଯ୍ୟ ଲଗ୍ନ, ରୀତିନୀତି ଓ ପରମ୍ପରା ସହ ଶୁକ୍ରବାର ନବାନ୍ନ ଲାଗି ହୋଇଛି। ଏହାପରେ ଝାରସୁଗୁଡ଼ାର ଇଷ୍ଟଦେବୀ ସମଲେଶ୍ୱରୀ, ସୁନ୍ଦରଗଡର ମା' ସମଲେଇ ଓ ଶିଖରବାସିନୀ, ବୌଦ୍ଧର ଭୈରବୀ, ବରଗଡର ସମଲେଇ, ନୂଆପଡା ଜିଲାର ଟାନ୍‌ୱାଟ୍ କଣାଭଇରା, ବଲାଙ୍ଗୀରର ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ମଧ୍ୟ ରୀତିନୀତି ଓ ପରମ୍ପରାରେ ନବାନ୍ନ ଭୋଗ ଲାଗିଛି । ଦେବୀ ପୀଠରେ ନୂଆଁ ଲାଗିବା ପରେ ଲୋକେ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ଅର୍ପଣ କରିଥିଲେ। ଏଥିସହ ପଶ୍ଚିମଓଡିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି ।

ପୂର୍ବାହ୍ନ ୮ଟା ୧୦ମିନିଟରୁ ୮ଟା ୪୦ମିନିଟ ମଧ୍ୟେ ପ୍ରଶସ୍ତ ତୁଳା ଲଗ୍ନେ ଅମୃତ ସମୟେ ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କ ପୀଠରେ ନବାନ୍ନ ଭୋଗ ଲାଗିଥିଲା । ପ୍ରାତଃ ୪ଟାରୁ ସମଲେଇଗୁଡିରେ ରୁଦ୍ଧଦ୍ୱାର ନୀତି ହୋଇଥିଲା । ନୂଆ ସମ୍ବଲପୁରୀ ପାଟବସ୍ତ୍ର, ସୁନା ରୌପ୍ୟ ଅଳଙ୍କାରରେ ଦେବୀଙ୍କୁ ସଜ୍ଜିତ କରାଯାଇଥିଲା। ସକାଳ ୭ଟାରେ ୧୧୫ଟି ସ୍ଥାନରେ ପୂଜକମାନେ ବନା(ଝୋଟି) ପକାଇଥିଲେ। କ୍ଷତ୍ରୀୟ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ଘରୁ ସକାଳ ୭ଟା ୪୦ରେ ଘଣ୍ଟ,ଶଙ୍ଖ ସହ ନବାନ୍ନ ଭୋଗ ମନ୍ଦିର ଗମ୍ଭୀରାକୁ ନିଆଯାଇଥିଲା। ଏହାପରେ କ୍ରମାନ୍ୱୟରେ ଗଙ୍ଗାଧର ରାୟ, କୃଷ୍ଣଚନ୍ଦ୍ର ରାୟ, ପ୍ରଶାନ୍ତ ରାୟଙ୍କ ଘରୁ ନବାନ୍ନ ଭୋଗ ଦେବୀଙ୍କ ପାଖକୁ ନିଆଯାଇଥିଲା । ପରମ୍ପରାନୁସାରେ ପୂର୍ବାହ୍ନ ୭ଟା ୪୫ ମିନିଟରେ ଝାଡୁଆପଡା ବେହେରା ପରିବାର ନୂଆଖାଇ ଭୋଗ, ନୂଆ ଚାଉଳ, ପିଠା, ସାରୁ ଶାଗ, କାକରା, ଉଖୁଡା, ଖିରି ଆଦି ଧରି ମନ୍ଦିରକୁ ଆସିଥିଲା । ପୂର୍ବାହ୍ନ ୮ଟା ୫ମିନିଟରେ ଦେବୀଙ୍କ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଶଙ୍ଖ ନାଦ ଓ ହୁଳହୁଳି ବାଦ୍ୟ ହୋଇଥିଲା। ୧୫ଜଣ ବିବାହିତ କ୍ଷତ୍ରୀୟ ପୂଜକମାନେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ର ଉଚ୍ଚାରଣ କରିଥିଲେ। ମନ୍ତ୍ର ସହ ଇଷ୍ଟଦେବୀ ମା' ସମଲେଇଙ୍କୁ ନବାନ୍ନ ଭୋଗ ଅର୍ପଣ କରାଯାଇଥିଲା ।

# ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଗଣ ଶୁଭେଚ୍ଛା ଜଣାଇଛନ୍ତି। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଓଡ଼ିଆରେ ଟୁଇଟ୍ କରି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ପବିତ୍ର ନୂଆଖାଇ ଅବସରରେ ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ଉତ୍ସବ ଆମ ସମାଜରେ ଆନନ୍ଦ, ପ୍ରଗତି ଆଣିଦେଉ। ଏଥିପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା । ନୂଆଖାଇ ଜୁହାର। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମ୍ବଲପୁରୀ ଭାଷାରେ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ନୂଆଁ ଧାନ୍ ସାଙ୍ଗେ ନୂଆଁ ଆଶା ନେଇକରି ପାଳନ କରୁନ୍ ଇ ଭାଇଚାରାର ପରବ୍ ନୂଆଁଖାଇ। ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛେଁ। ସଭିଙ୍କୁ ମୋର ନୂଆଁଖାଇ ଜୁହାର। ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରାଜ୍ୟବାସୀଙ୍କୁ ନୂଆଖାଇର ଅଭିନନ୍ଦନ ଜଣାଇଛନ୍ତି। ମନ୍ତ୍ରୀ ପ୍ରଧାନଙ୍କର ନୂଆଖାଇ ପର୍ବ ଉପରେ ଏକ ଭିଡିଓ ବାର୍ତ୍ତା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଗୁଡିକରେ ମଧ୍ୟ ଦେଖିବାକୁ ମିଳିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ୍ୟ ନୂଆଖାଇର ଶୁଭେଚ୍ଛା ଟୁଇଟ୍ କରି ଜଣାଇଛନ୍ତି।

# ଆଇବିବିୱାଇରେ ଓଡ଼ିଆ ଲେଖକଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ଓଡ଼ିଶାର ଜଣାଶୁଣା ଶିଶୁ ସାହିତ୍ୟିକ ରମେନ୍ଦ୍ର କୁମାରଙ୍କୁ ୩୬ତମ ଇଣ୍ଟରନ୍ୟାଶନାଲ ବୋର୍ଡ ଅନ୍ ବୁକ୍ସ ଫର୍ ୟଙ୍ଗ୍ ପିପୁଲ(ଆଇବିବିୱାଇ) କଂଗ୍ରେସରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଗ୍ରୀସ୍‌ର ଏଥେନ୍ସ ସହରରେ ଅନୁଷ୍ଠିତ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଏକମାତ୍ର ଭାରତୀୟ ଲେଖକ ଭାବେ ରମେନ୍ଦ୍ର ଏହି ସମ୍ମାନ ପାଇଛନ୍ତି। ଶିଶୁ ସାହିତ୍ୟ ଉପରେ ପର୍ଯ୍ୟବସିତ ୩ ଦିନିଆ ଆଇବିବିୱାଇ କଂଗ୍ରେସ ଚଳିତବର୍ଷ ୭୦ଟି ଦେଶର ୪୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କୁ ନେଇ ଆୟୋଜିତ ହୋଇଥିଲା। ଏଥିରେ ରମେନ୍ଦ୍ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଧ୍ୟକ୍ଷତା କରିବା ସହ 'ଦି ବ୍ରେଭ୍ ନ୍ୟୁ ୱାର୍ଲଡ ଅଫ୍ ଇଣ୍ଡିଆନ୍ ଚିଲ୍‌ଡ୍ରେନ୍ସ ଲିଟରେଚର' ବିଷୟବସ୍ତୁ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହାସହ ଆଇବିବିୱାଇ ମଞ୍ଚରେ ସେ ଜଗନ୍ନାଥ ସଂସ୍କୃତିର ପ୍ରାଚୁର୍ଯ୍ୟତା ଓ ମହାନତା ସମ୍ପର୍କରେ କହିଥିଲେ। ଜଣେ ଶିଶୁ ସାହିତ୍ୟିକ ଭାବେ ପ୍ରାୟ ୩୩ଟି ପୁସ୍ତକ ରଚନା କରିଥିବା ରମେନ୍ଦ୍ର ଚିଲ୍‌ଡ୍ରେନ୍ସ ବୁକ୍ ଟ୍ରଷ୍ଟ(ସିବିଟି) ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ପୁସ୍ତକଗୁଡ଼ିକ ୨୮ଟି ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁବାଦ ହୋଇଛି। ତାଙ୍କର ୬ଟି ପୁସ୍ତକ ସିବିଏସ୍‌ଇ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀଙ୍କ ପାଇଁ ଚୟନ ହୋଇଥିବା ବେଳେ ୧୧ଟି ଗପ ସିବିଏସ୍‌ଇ ଟେକ୍ସଟ୍ ବୁକ୍‌ରେ ସ୍ଥାନ ପାଇଛି।







See Career Appointment on every Wednesday & Saturday

ATDC

## ପ୍ରବେଶ ସୂଚନା

### ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର୍

ଓଡ଼ିଶାର ଅନୁସୂଚିତ ଜାତିର ପ୍ରାର୍ଥୀମାନଙ୍କ ନିମନ୍ତେ ବସ୍ତ୍ର ଉଦ୍ୟୋଗ ସନ୍ଦର୍ଭରେ କୌଶଳ ବିକାଶ ପ୍ରଶିକ୍ଷଣ ର ସ୍ୱର୍ଣ୍ଣିମ ଅବସର ।

ଜାତୀୟ ଅନୁସୂଚୀତ ଜାତି ବିତ୍ତ ଏବଂ ବିକାଶ ନିଗମ ( NSFDC )ସହଯୋଗରେ ଆପାରେଲ୍ ଟ୍ରେନିଂ ଏବଂ ଡ଼ିଜାଇନ୍ ସେଣ୍ଟରରେ ଓଡ଼ିଶାର ବିଭିନ୍ନ ଶାଖାରେ ଅନୁସୂଚିତ ଜାତିର ବେକାର ଯୁବକ/ଯୁବତୀ ମାନଙ୍କୁ ବସ୍ତ୍ର ନିର୍ମାଣ ସମ୍ବନ୍ଧୀୟ ମାଗଣାରେ ନିମ୍ନଲିଖିତ ରୋଜଗାରକ୍ଷମ ପାଠ୍ୟକ୍ରମ ପ୍ରଦାନ କରିବାକୁ ଯାଉଛି ।

| ପାଠ୍ୟକ୍ରମର ନାମ | ଯୋଗ୍ୟତା | ଅବଧି | ସିଟ୍ ସଂଖ୍ୟା | ତାଲିମ୍ କେନ୍ଦ୍ର | ଚୟନ ତାରିଖ |
|---|---|---|---|---|---|
| SEWING MACHINE OPERATOR AMH/Q22301 | ୫ମ ପାସ୍ (୧୮ରୁ ୫୦ ବର୍ଷ) | ୩ ମାସ ୩୦୦ ଘଣ୍ଟା | ୮୦ | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସରକାରୀ ପଲିଟେକ୍‌ନିକ, ୟୁସିପି ଇଂଜିନିୟରିଂ ସ୍କୁଲ ପଛ, ବ୍ରହ୍ମପୁର, ଫୋ: 0680-2292816, 7853863402 | ୨୫.୦୯.୨୦୧୮ |
| | | | | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ପିସିଆଇଟିଆଇ, ଷ୍ଟେସନ ବଜାର, ବାରିପଦା, ଫୋ: 0679-255650,9938129968,9439371830 | |
| | | | | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଆଇଟିଟି, ଇଷ୍ଟ ବ୍ଲକ, ଗ୍ରାଉଣ୍ଡ ଫ୍ଲୋର, ଚୌଦ୍ୱାର,କଟକ, ଫୋ: 0671-2394400, 8270343670,9439371830 | |
| Sampling Coordinator/ GCT (AMH/Q1801) | ୮ମ ପାସ୍ (୧୮ରୁ ୫୦ ବର୍ଷ) | ୪ ମାସ ୪୦୦ ଘଣ୍ଟା | ୩୦ | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଇସ୍ପାତ ଲୋୟର ସେକେଣ୍ଡାରୀ ସ୍କୁଲ, ସେକ୍ଟର-୮ ,ଡି-ଟାଇପ୍ ମାର୍କେଟ ପଛ,ରାଉରକେଲା, ଫୋ:0661-2602499, 9437734429, 7381149145 | |
| | | | | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ମେଜର ସେଟେଲମେଣ୍ଟ ଅଫିସ୍ କ୍ୟାମ୍ପସ୍, ଜେଲ୍ ଛକ,ସମ୍ବଲପୁର, ଫୋ: 0663-2410354,9338757513,9861087018 | |
| | | | | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ନାଲ୍‌କୋ କମ୍ୟୁନିଟି ସେଣ୍ଟର, ନାଲ୍‌କୋ ଟାଉନ୍‌ସିପ୍, ଦାମନଯୋଡି,କୋରାପୁଟ, ଫୋ: 9338757513,9861087018 | |
| | | | | ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର, ସ୍ଥାନ: ଏମ୍.ଆଇ. ବିଲ୍‌ଡିଙ୍ଗ , ଷ୍ଟେଟ୍ ବ୍ୟାଙ୍କ୍ ପାଖ , କେ. ନୂଆ ଗାଁ,କନ୍ଧମାଳ-୭୬୨୧୦୨, ଫୋ: 9937903659 | |

୧. ମନୋନୟନ ନିମନ୍ତେ ଅନ୍ୟ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ :
(କ) ଆବେଦନକାରୀଙ୍କ ବୟସ ୧୮ରୁ ୫୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ।
(ଖ) ବାର୍ଷିକ ଆୟ ର ପ୍ରମାଣ ପତ୍ର।
(ଗ) ୯୦% ଉପସ୍ଥାନ ସହ ପ୍ରଶିକ୍ଷଣ ଶେଷ ହେବା ପରେ ପ୍ରତ୍ୟେକ ଛାତ୍ରଙ୍କୁ ଟ.୧,୫୦୦/- ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।
(ଘ) ଅନୁସୂଚିତ ଜାତିଗତ ପ୍ରମାଣପତ୍ର ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଆବଶ୍ୟକ।
୨. ସଫଳତାର ସହ ପ୍ରଶିକ୍ଷଣ ନେବା ପରେ ତାଲିମପ୍ରାପ୍ତଙ୍କୁ ଏଏମ୍ଏଚ୍ ଏସ୍‌ସି ( ସେକ୍ଟର ସ୍କିଲ୍ କାଉନସିଲ୍ )ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯିବ।
୩. ସାକ୍ଷାତ୍‌କାରରେ ଯୋଗଦେବା ନିମନ୍ତେ କୌଣସି ପ୍ରକାର ଯାତ୍ରା କିମ୍ବା ଭତ୍ତା ପ୍ରଦାନ କରାଯିବ ନାହିଁ।
୪. ସାକ୍ଷାତ୍‌କାର ନିମନ୍ତେ ପ୍ରାର୍ଥୀ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଏବଂ ଆଧାର କାର୍ଡର ସତ୍ୟାପିତ ନକଲ, ଦୁଇଗୋଟି ଫଟୋଗ୍ରାଫ୍ ଏବଂ ଆଧାର କାର୍ଡର ସତ୍ୟାପିତ ନକଲ, ଦୁଇଗୋଟି ଫଟୋଗ୍ରାଫ୍ ଏବଂ ନିମ୍ନ ଫର୍ମାଟରେ ଦରଖାସ୍ତ ସହିତ ଉପସ୍ଥିତ ହେବେ।

**ଦରଖାସ୍ତ ଫର୍ମ**
(୧) ଆବେଦନକାରୀଙ୍କ ନାମ :,(୨) ପିତା/ସ୍ୱାମୀଙ୍କ ନାମ :,(୩) ସ୍ଥାୟୀ ଏବଂ ବର୍ତ୍ତମାନ ଠିକଣା,ପିନ କୋଡ୍ ତଥା ଟେଲିଫୋନ୍ ନମ୍ବର (ଯଦି ଥାଏ), :
(୪) ଜାତି :.(୫) ବାର୍ଷିକ ଆୟ, :,(୬) ଜନ୍ମ ତାରିଖ, :,(୭) ଶିକ୍ଷାଗତ ଯୋଗ୍ୟତା :,(୮) ଏତଦ୍ୱାରା ମୁଁ ଘୋଷଣା କରୁଅଛି କି ମୁଁ ଏଥି ପୂର୍ବରୁ କୌଣସି ଟ୍ରେଡ୍‌ରେ ପ୍ରଶିକ୍ଷଣ ପାଇନାହିଁ।
ନିଜର ପାସପୋର୍ଟ ସାଇଜ୍‌ର ଫଟୋ ଲଗାନ୍ତୁ
ଦ୍ରଷ୍ଟବ୍ୟ - ସମସ୍ତ ପ୍ରମାଣ ପତ୍ରର ସତ୍ୟାପିତ ନକଲ ସଂଲଗ୍ନ କରାଯିବା ଆବଶ୍ୟକ ତଥା ମୂଳ ପ୍ରମାଣପତ୍ର ସାକ୍ଷାତ୍‌କାର ସମୟରେ ସାଙ୍ଗରେ ଆଣିବାକୁ ହେବ।

AICTE | AMH-SSC | Skill India | DGT | ATDC B.Voc. Bachelor Degree Programmes for Apparel and Fashion



ଭୁମାତ୍ମକ ଫୋନ କଲ୍/ଇମେଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ସର୍ବସାଧାରଣଙ୍କୁ ସ୍ପଷ୍ଟ କରୁଛି ଯେ - ଆଇଆର୍‌ଡିଏଆଇ ବା ଏହାର କେହି ଅଧିକାରୀ କୌଣସି ପ୍ରକାରର ବୀମା ବା ଫାଇନାନ୍ସିଆଲ୍ ଉତ୍ପାଦ ବିକ୍ରି ଅଥବା ପ୍ରିମିୟମ୍ ବିନିଯୋଗ କରିବା ପରି କାର୍ଯ୍ୟକଳାପ କରନ୍ତି ନାହିଁ। ଆଇଆର୍‌ଡିଏଆଇ ବୋନସ ଘୋଷଣା କରେ ନାହିଁ। ଏଭଳି ଫୋନ୍ କଲ୍ ପାଉଥିବା ବ୍ୟକ୍ତି ଉକ୍ତ ଫୋନ କଲ୍ ନମ୍ବର ସହିତ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରୁଦ୍ରନାରାୟଣ
ପରିବାରବର୍ଗ


ଚନ୍ଦ୍ରଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କୂଅରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)-ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ସରସ୍ୱତୀ ବସ୍ତିରେ ଥିବା ଏକ କୂଅରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଟିଆଭଞ୍ଜ ଗ୍ରାମର ଦୀପକ ମୁର୍ମୁ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବସ୍ତି ଲୋକଙ୍କ ପାନୀୟଜଳର ସୁବିଧା ପାଇଁ ଉକ୍ତ ଅଞ୍ଚଳରେ କୂଅଟେ ଖୋଳାଯାଇଥିଲା। ବର୍ଷା ଦିନ ଥିବାରୁ କୂଅରେ ପାଣି ଭର୍ତ୍ତି ହୋଇ ରହିଥିଲା। ଶୁକ୍ରବାର ସକାଳେ ଦୀପକ ଓ ତାଙ୍କ ସ୍ତ୍ରୀ ଉକ୍ତ କୂଅ ନିକଟକୁ ଗାଧୋଇବାକୁ ଯାଇଥିଲେ। କୂଅରୁ ପାଣି କାଢିବା ସମୟରେ ଅସାବଧାନତା ବଶତଃ ଦୀପକ କୂଅ ଭିତରକୁ ଖସି ପଡିଥିଲେ। ସେ ପହଁରା ଶିଖି ନ ଥିବାରୁ କୂଅ ପାଣିରେ ବୁଡ଼ି ଯାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁହଁ ମୋଡୁଛି ...

୫୮୩୨.୫୦ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ କରି କେନ୍ଦ୍ର ନିକଟକୁ ସହାୟତା ପାଇଁ ପଠାଇଥିଲେ। କେନ୍ଦ୍ରୀୟ ଟିମ୍ ଯାଞ୍ଚ କରିବା ପରେ କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ମାତ୍ର ୧୧୪୯.୮୩ କୋଟି ଟଙ୍କା ସହାୟତା ଦେଇ ନିଜର କର୍ତ୍ତବ୍ୟ ସାରି ଦେଇଥିଲେ । ଏହାର ବର୍ଷେ ନ ପୂରୁଣୁ ପୁଣି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଓଡିଶାରେ ପିଟିହେଲା। ଏଥିରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଗଜପତି, କଳାହାଣ୍ଡି, ଗଞ୍ଜାମ ଓ କନ୍ଧମାଳ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଲା। ସରକାର କ୍ଷତି ଆକଳନ କରି କେନ୍ଦ୍ର ସରକାରଙ୍କୁ ୭୭୭.୧୨ କୋଟି ଟଙ୍କାର ସହାୟତା ରିପୋର୍ଟ ଦେଲେ। ୨୦୧୫ରେ ରାଜ୍ୟର ୨୦ଟି ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେଲା। ରାଜ୍ୟ ସରକାର ଏ ନେଇ ୨୩୪୪.୯୯କୋଟି ଟଙ୍କାର ସହାୟତା ମାଗିଥିଲେ। ବାତ୍ୟା ଓ ମରୁଡି ପାଇଁ କେନ୍ଦ୍ର ସରକାର ଦୁଇଟି ପର୍ଯ୍ୟାୟରେ ମାତ୍ର ୬୦୦.୫୨ କୋଟି ପ୍ରଦାନ କଲେ। ଏହାଛଡା ୨୦୧୩ରୁ ୨୦୧୭-୧୮ ମଧ୍ୟରେ କେନ୍ଦ୍ର ସରକାର ବିପର୍ଯ୍ୟୟ ପ୍ରଶମନ ସହାୟତା ପାଣ୍ଠିକୁ କେନ୍ଦ୍ର ସରକାର ନିଜ ଅଂଶଧନ ବାବଦରେ ୨୭୬୩.୯୭ କୋଟି ପ୍ରଦାନ କରିଛନ୍ତି, ଯାହାକି ସମୁଦ୍ରକୁ ଶଙ୍ଖେ ।

କେବଳ ପ୍ରାକୃତିକ ବିପତ୍ତି ନୁହେଁ, କେନ୍ଦ୍ରୀୟ ଯୋଜନାରେ ରାଜ୍ୟରେ ତଣ୍ଟି ଚିପିବାକୁ ଉଦ୍ୟମ କରାଯାଉଛି। ବିଭିନ୍ନ ଯୋଜନାରେ ଅନୁଦାନକୁ ମଧ୍ୟ କାଟଛାଣ୍ଟ କରାଯାଉଛି। ୭ଟି କେନ୍ଦ୍ରୀୟ ଯୋଜନା ଉଚ୍ଛେଦ କରାଯାଇଥିବା ବେଳେ ୩୨ଟି ଯୋଜନାରେ ଅନୁଦାନ ୬୦:୪୦କୁ ହ୍ରାସ କରାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ଗରିବ, ଦିନ ମଜୁରିଆଙ୍କ ପାଇଁ ଉଦ୍ଦିଷ୍ଟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ)ରୁ ମଧ୍ୟ କେନ୍ଦ୍ର ସରକାର ମୁହଁ ମୋଡିବା ଆରମ୍ଭ କଲେଣି। ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ର ସରକାର ୨୦୧୮-୧୯ ପାଇଁ ୨୭୬୬.୮୭ କୋଟି ଟଙ୍କା ଦେବାକୁ ଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୧୬୧୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏୱାଇ-ଜି)ରେ ମଧ୍ୟ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ଟଙ୍କାଟିଏ ଦେଇ ନ ଥିବା ଜଣାପଡିଛି। ଫଳରେ ଏହି ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥା ବଢିଯାଇଛି। ୫ ମାସ ବିତିବାକୁ ବସିଥିଲେ ସୁଦ୍ଧା ପ୍ରଥମ କିସ୍ତି ମିଳି ନାହିଁ। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ପିଏମ୍‌ଏୱାଇ-ଜିରେ ୨ ଲକ୍ଷ ୫୬ ହଜାର ଘର ନିର୍ମାଣ କରିବାକୁ ଓଡିଶା ସରକାରଙ୍କୁ ଟାର୍ଗେଟ ଦେଇଛନ୍ତି। ଏହାକୁ ମିଶାଇ ରାଜ୍ୟ ସରକାର ଅନ୍ୟାନ୍ୟ ଯୋଜନାରେ ଚଳିତ ବର୍ଷ ୭ ଲକ୍ଷ ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୫ ଲକ୍ଷ ୬୫ ହଜାର ଘର କିସ୍ତି ଅଭାବରୁ ଅଧା ପନ୍ତରିଆ ହୋଇ ରହିଛି। କେନ୍ଦ୍ର ସରକାର ୨୦୧୮-୧୯ ପାଇଁ ପିଏମ୍‌ଏୱାଇ-ଜି ଲାଗି ନିଜ ଅଂଶଧନ ୬୦ ପ୍ରତିଶତ ହିସାବରେ ଗତ ଏପ୍ରିଲ ମାସ ସୁଦ୍ଧା ୯୭୨ କୋଟି ଟଙ୍କା ପ୍ରଦାନ କରିବା କଥା। ଅନ୍ୟ ରାଜ୍ୟଗୁଡିକୁ ପ୍ରଥମ କିସ୍ତି ୫ ମାସ ପୂର୍ବରୁ କେନ୍ଦ୍ର ସରକାର ଦେଇ ସାରିଥିବା ବେଳେ ଓଡିଶାକୁ ଜାଣିଶୁଣି ଅବହେଳା କରାଯାଉଛି। ରାଜ୍ୟ ସରକାର ଏ ନେଇ ବାରମ୍ବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ ମଧ୍ୟ କୌଣସି ଉତ୍ତର ମିଳୁ ନାହିଁ। ବାତ୍ୟା, ବନ୍ୟା, ମରୁଡି ଭଳି ପ୍ରାକୃତିକ ବିପତ୍ତି ଓଡିଶାବାସୀଙ୍କୁ ଦୟନୀୟ ସ୍ଥିତିରେ ପକାଇଥିବା ବେଳେ କେନ୍ଦ୍ର ସରକାରଙ୍କ ଏଭଳି ମନୋଭାବ ରାଜ୍ୟବାସୀଙ୍କୁ ମର୍ମାହତ କରିଛି।

## 'ସୁନ୍ଦରୀ'କୁ ନେଇ ...

ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରି ଧରିବ। ଯଦିଓ ଓଡ଼ିଶାରେ ୫୦ଟି ଟ୍ରାଙ୍କୁଲାଇଜର ବନ୍ଧୁକ ଅଛି ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, କିନ୍ତୁ ପ୍ରକୃତ କଥା ହେଲା ଜଙ୍ଗଲୀ ମହାବଳ ବାଘକୁ ଟ୍ରାଙ୍କୁଲାଇଜ କରିବାର ଅଭିଜ୍ଞତା ଓଡ଼ିଶାରେ କାହାରି ପାଖରେ ନାହିଁ। ଟ୍ରାଙ୍କୁଲାଇଜ କରିବା ପାଇଁ ମଧ୍ୟପ୍ରଦେଶରୁ ଟିମ୍ ଆସିବା ଓଡ଼ିଶା ବନ ବିଭାଗର ଅପାରଗତାକୁ ଦର୍ଶାଉଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି।

ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତ୍ୟୁ କୌଣସି ବାଘର ଆଘାତ ଦ୍ୱାରା ହୋଇଛି କି ନାହିଁ ତାହା ଜଣାପଡ଼ିବ। କିନ୍ତୁ ସୁନ୍ଦରୀ ଯେ ତାଙ୍କୁ ମାରିଛି ତାହା ନିର୍ଣ୍ଣୟ କରିବା ଅସମ୍ଭବ। ସୁନ୍ଦରୀ ତାଙ୍କୁ ମାରିଛି ବା ଖାଇଛି ତାହା ଡିଏନ୍‌ଏ ଫୋରେନ୍‌ସିକ୍ ଆନାଲିସିସ୍ କଲେ ସ୍ପଷ୍ଟ ହୋଇଯିବ ବୋଲି ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ତାଙ୍କ ମତରେ ସୁନ୍ଦରୀର ନମୁନା ଓ ମୃତା ମହିଳାଙ୍କ ଶରୀରର କ୍ଷତ ସ୍ଥାନରୁ ନମୁନା ଆଣି ତାହାର ଡିଏନ୍‌ଏ ଆନାଲିସିସ କରି ସୁନ୍ଦରୀର ଡିଏନ୍‌ଏ ସହ ମ୍ୟାଚ୍ କଲେ ସବୁ ସ୍ପଷ୍ଟ ହୋଇପାରିବ। ଯଦି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ ସୁନ୍ଦରୀର ଡିଏନ୍‌ଏ ଆନାଲିସିସ ପାଇଁ ନମୁନା ରଖି ନ ଥିବେ, ତେବେ ସୁନ୍ଦରୀ ଯେଉଁ ସ୍ଥାନରୁ ଆସିଥିଲା ସେଠିକାର କର୍ତ୍ତୃପକ୍ଷଙ୍କ ସାହାଯ୍ୟ ଲୋଡ଼ା ଯାଇପାରେ ବୋଲି ଶୁଭେନ୍ଦୁ କହିଛନ୍ତି।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁସାରେ, ସରକାର ୨୫କୋଟି ଟଙ୍କା ବ୍ୟୟ କରି ବ୍ୟାଘ୍ର ପୁନର୍ବାସ ପ୍ରକଳ୍ପକୁ ତରବରିଆ ଭାବେ କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନେବା ଉଚିତ ନୁହେଁ। ସାତକୋଶିଆରେ ସବୁ ଲୋକଙ୍କୁ ସ୍ଥାନାନ୍ତର ନ କରି ଏଭଳି ପଦକ୍ଷେପ ନେବା ଅନୁଚିତ। ବନ ବିଭାଗର ଖାମଖିଆଲି ପଦକ୍ଷେପ ଯୋଗୁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବନ୍ୟପ୍ରାଣ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କୁହନ୍ତି, ବାଘ ଆଣିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ସହିତ ସରକାର ଆଲୋଚନା କରିବା ଉଚିତ ଥିଲା। କିନ୍ତୁ ତାହା କରିନାହାନ୍ତି। ବର୍ତ୍ତମାନ ବାଘ ମଧ୍ୟପ୍ରଦେଶ ଯିବ କି ସାତକୋଶିଆରେ ରହିବ ତାହା ଓଡ଼ିଶା ସରକାର ନିଷ୍ପତ୍ତି ନେବା ଆବଶ୍ୟକ। ଏଥିରେ ଡବ୍ଲ୍ୟୁଆଇଆଇର କୌଣସି ଭୂମିକା ନାହିଁ।

## ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ

ବନ୍ତଲା, (ଡି.ଏନ.ଏ.): ମଧ୍ୟପ୍ରଦେଶ ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ପୁରୁଣା କୋଟ ଥାନା ସାତକୋଶିଆ ଅଭୟାରଣ୍ୟ ଟିକରପଡା ରେଞ୍ଜ ହାତୀବାରି ଗ୍ରାମର କୈଳାସ ସାଇଅଙ୍କ ମୃତ୍ୟୁ ଘଟଣା ପରେ ଜଙ୍ଗଲ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ମନ୍ତବ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଉପସ୍ଥିତିରେ, ବନ ବିଭାଗ ଜାଣତରେ ବାଘୁଣୀ ସାଇଅଙ୍କୁ ଆକ୍ରମଣ କରିଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ମନ୍ତ୍ରୀ କହିବା ସାଧାରଣରେ ଅସନ୍ତୋଷ ବଢାଇଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଚାପରେ ପଡି ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟ ପରିବର୍ତ୍ତନ କରାଇଲେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବ ବୋଲି ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତିର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏସ୍‌ପି, ଉପଜିଲାପାଳ, ଡିଏଫ୍‌ଓଙ୍କ ପ୍ରତିଶ୍ରୁତି ମୁତାବକ ବାଘୁଣୀକୁ ସ୍ଥାନାନ୍ତର ନ କଲେ ଯେଉଁ ଅଘଟଣ ଘଟିବ ସେଥିପାଇଁ ମନ୍ତ୍ରୀ ଦାୟୀ ରହିବେ ବୋଲି ସମିତି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୋଲିସ ଓ ବନବିଭାଗ ପକ୍ଷରୁ ଗ୍ରାମବାସୀଙ୍କ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ମୋଟ ୬ଟି ଟିମ୍ ଗଠନ କରାଯାଇଥିବା ବେଳେ ୧୫୦ ଜଣ ପୋଲିସ, ସିଆର୍‌ପିଏଫ, ଏସଓଜି ଓ ବନକର୍ମଚାରୀମାନେ ବାଘୁଣୀର ଗତି ଉପରେ ନଜର ରଖି ନିକଟସ୍ଥ ଗ୍ରାମବାସୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରୁଛନ୍ତି। ଶୁକ୍ରବାର ଟ୍ରାଙ୍କୁଲାଇନ ଟିମ୍ ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ଶନିବାର ସାତକୋଶିଆରେ ପହଞ୍ଚିବ ବୋଲି ଜଣାପଡିଛି।

## ବିପ୍ରଡିହରେ ବାଘୁଣୀ ...

ଏହା ଜଣାପଡିବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ଗ୍ରାମବାସୀ ଏକଜୁଟ୍ ହୋଇ ଗ୍ରାମରେ ଥିବା ବିଟ୍ ହାଉସରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଠାକୁରଗଡ଼ ଆଇଆଇସି ବବାକ୍ଷ ନାୟକ, ଧଣ୍ଡାତୋପା ରେଞ୍ଜର ରାହାସ ସାହୁ ଘଟଣାସ୍ଥଳରେ ପହଞ୍ଚିବା ସହ ଗ୍ରାମରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ବାଘୁଣୀ ଭୟରେ ନିକଟସ୍ଥ ଗ୍ରାମ କଂସାବ, କୋରାବ, କେଞ୍ଜୁଆନାଳୀ, ମଇମୁରା ଗ୍ରାମବାସୀ ଠେଙ୍ଗାବାଡ଼ି ଧରି ଜଗି ବସିଛନ୍ତି। ସପ୍ତାହେ ତଳେ ବାଘୁଣୀ ବିପ୍ରଡିହ ଗ୍ରାମକୁ ଆସି ଏକ ବାଛୁରୀ ମାରିଥିବାବେଳେ ଏବେ ପୁଣି ଗ୍ରାମ ନିକଟକୁ ଆସିଥିବାରୁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ତୁରନ୍ତ ବାଘୁଣୀକୁ ସ୍ଥାନାନ୍ତର କରା ନ ଗଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ରାହସ ସାହୁ କହିଛନ୍ତି, ବାଘୁଣୀ ଉକ୍ତ ଗ୍ରାମକୁ ଆସିଥିବା ଖବର ପାଇଛୁ। ବନ ବିଭାଗ ପକ୍ଷରୁ ଏକ ଟିମ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରୁଛନ୍ତି।

## 'ଅଲିଭିଆ ହୋକ୍ସ'କୁ ...

କରିବା ଲକ୍ଷ୍ୟରେ ଏସବୁ କରୁଛନ୍ତି। ବିଶେଷ କରି ସ୍କୁଲ, କଲେଜ ଯାଉଥିବା ପିଲାମାନଙ୍କୁ ଟାର୍ଗେଟ୍ କରାଯାଉଛି। ପିଲାମାନଙ୍କୁ ଏକ ଅଜଣା ନମ୍ବରରେ ହ୍ୱାଟ୍ସଆପ୍‌ରେ ମେସେଜ୍ ଆସୁଛି। ସେଥିରେ ଜଣେ କେହି ନିଜର ନାମ 'ଅଲିଭିଆ' ବୋଲି ଦର୍ଶାଉଛି। ଫୋନ ନମ୍ବର ବଦଳିଥିବା ଏବଂ ନୂଆ ନମ୍ବର ସେଭ୍ କରି ପୁରୁଣା ନମ୍ବର ଡିଲିଟ୍ କରିବାକୁ ଦର୍ଶାଉଛି। ଏପରି କି ସେ ବନ୍ଧୁତାର କଥା ଉଠାଇ ଏକ ଫଟୋ ପଠାଇବାକୁ ଦର୍ଶାଉଛି, ଯେଉଁ ଫଟୋରେ ଆମେ ସମସ୍ତେ ରହିଛେ ବୋଲି ଦାବି କରୁଛି। ଏହାପରେ ସେ ଏକ ଲିଙ୍କ୍ ପଠାଉଛି। କିନ୍ତୁ ତାହାକୁ କ୍ଲିକ୍ କଲେ ଅଶ୍ଳୀଳ ୱେବ୍‌ସାଇଟ୍ ଖୋଲିଯାଉଛି। ଏଭଳି ମାଧ୍ୟମରେ ପିଲାମାନଙ୍କୁ ପଥଭ୍ରଷ୍ଟ କରିବାକୁ ଉଦ୍ୟମ କରାଯାଉଛି। ଏହା ଚିନ୍ତାଜନକ ବିଷୟ ହୋଇଥିବାବେଳେ ଓଡ଼ିଶାର କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଟୁଇଟର ମାଧ୍ୟମରେ ଅଭିଭାବକମାନଙ୍କୁ ସତର୍କତା ଜାରି କରାଯାଇଛି। ମୋବାଇଲ ଫୋନ ଧରୁଥିବା ପିଲାମାନଙ୍କ ଅନଲାଇନ ଗତିବିଧି ଉପରେ ନଜର ରଖିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ଅଜଣା ଓ ସନ୍ଦେହଜନକ ଫୋନ ନମ୍ବରରୁ ଆସୁଥିବା ମେସେଜ୍ ଗ୍ରହଣ ନ କରିବାକୁ କ୍ରାଇମ୍‌ବ୍ରାଞ୍ଚ ପରାମର୍ଶ ଦେଇଛି।

## ଖାତକୁ ଖସିଲା...

ପୋଲିସ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଘଟଣାସ୍ଥଳରେ ଅଧିକାଂଶ ଲୋକ ପ୍ରାଣ ହରାଇଥିଲେ। ଶେଷ ଖବର ସୁଦ୍ଧା ମୃତ୍ୟୁସଂଖ୍ୟା ୧୭ ଛୁଇଁଥିଲା। ମୃତକଙ୍କ ମଧ୍ୟରେ ଡ୍ରାଇଭର ଅଶ୍ରଫ୍ ହୁସେନ୍ ଏବଂ ତିନି ମହିଳା ଅଛନ୍ତି। ଯାତ୍ରୀଙ୍କୁ ଓଭରଲୋଡ୍ କରିନେବା ଯୋଗୁ ଗୁରୁବାର ଟ୍ରାଫିକ୍ ପୋଲିସ ହୁସେନଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ହୋଇଥିବା ୮ଜଣଙ୍କୁ କିସ୍ତୱାରରୁ ଜମ୍ମୁକୁ ନେବା ଲାଗି ଭାରତୀୟ ବାୟୁସେନାର ଏମ୍‌ଆଇ-ଭି୫ ହେଲିକପ୍ଟର ବ୍ୟବହାର କରାଯାଇଥିଲା। ଅନ୍ୟ ତିନିଜଣଙ୍କୁ ପଓ୍ୱନ୍‌ହଂସ ହେଲିକପ୍ଟର ଜରିଆରେ ନିଆଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଳ ମଲିକ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ମଧ୍ୟ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି।

## ନାଟ୍ୟକାର ନାରାୟଣ ଶତପଥୀଙ୍କ ପରଲୋକ

ଭୁବନେଶ୍ୱର,୧୪।୯(ବ୍ୟୁରୋ) ବିଶିଷ୍ଟ ଶିକ୍ଷାବିତ୍ ତଥା ଜଣାଶୁଣା ନାଟ୍ୟ ବ୍ୟକ୍ତିତ୍ୱ ପ୍ରଫେସର ନାରାୟଣ ଶତପଥୀଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ଶତପଥୀ ଅପରାହ୍ନ ପ୍ରାୟ ୩ଟା ସମୟରେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୬ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଶତପଥୀଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ଓଡ଼ିଶା ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୩୩ ମସିହାରେ ଖୋର୍ଦ୍ଧା ଜିଲା ଜଟଣୀ ବଡ଼ ନୂଆଗାଁରେ ଜନ୍ମଗ୍ରହଣ କରିଥିଲେ ପ୍ରଫେସର ଶତପଥୀ। ପିଲାବେଳୁ ଅଭିନୟରେ ରୁଚି ରଖିଥିବା ଶତପଥୀ ଜଣେ ଉଚ୍ଚକୋଟୀର ଅଭିନେତା ମଧ୍ୟ ଥିଲେ। ଜଟଣୀର ବହୁ ପୁରାତନ ଉତ୍ତରାୟଣୀ କ୍ଲବର ସେ ଆଜୀବନ ସଦସ୍ୟ ରହିଥିଲେ। ବ୍ୟୋମକେଶ ତ୍ରିପାଠୀଙ୍କ ସହ ମିଶି ସେଠାରୁ ସେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହାସହ ଜଣେ ଶିକ୍ଷାବିତ୍ ଭାବେ ମଧ୍ୟ ତାଙ୍କର ଖ୍ୟାତି ରହିଥିଲା। ରେଭେନ୍‌ଶା କଲେଜରେ ପ୍ରଫେସର ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିବା ସହ ଖଲ୍ଲିକୋଟ କଲେଜ ଏବଂ ସାମନ୍ତ ଚନ୍ଦ୍ରଶେଖର କଲେଜର ଅଧ୍ୟକ୍ଷ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ଶତପଥୀ ନିଜ ଜୀବନକାଳ ମଧ୍ୟରେ ଅନେକ ନାଟକ, ପ୍ରବନ୍ଧ ଓ କବିତା ପୁସ୍ତକ ରଚନା କରିଛନ୍ତି। ଏହାସହ ବହୁ ପୁସ୍ତକର ଅନୁବାଦ ମଧ୍ୟ କରିଛନ୍ତି। 'କଣ୍ଟକାଟ', 'ଜଳତରଙ୍ଗ', 'ତମକୁ ମିଛ ମୋତେ ସତ' ଭଳି ପ୍ରାୟ ୧୫ଟି ନାଟକ ସେ ରଚନା କରିବା ସହ ଏକାଧିକ ନାଟକର ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ। ଗଳ୍ପଗୁଚ୍ଛ ଓ କାବ୍ୟଗୁଚ୍ଛ ତାଙ୍କର ଲୋକପ୍ରିୟ ପ୍ରବନ୍ଧ ପୁସ୍ତକ।

## classified




### SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64153

Immediate ready for construction land at Rasulgarh near Hitech Square (NH-5). 16,20,000/-. 9938771877. D-64307

**Bhubaneswar Hanspal** ସୁଧାନନ୍ଦ କଲେଜଠାରେ ଘରବାରି **boundary plot 80'** ପିଚୁରୋଡ୍‌କୁ ଲାଗି ବିକ୍ରିହେବ। **9437003399, 9437240295.** D-64317

1300, 2500, 4500 sqft. individual boundary wall residential plot at Canal Road, Hanspal. Owner: 9437033320. D-64308

**2/3BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 30 lakhs Contact: 9937059891, 8908312315, 8908292617.** D-8388

ମୋର ନିଜସ୍ୱ ସ୍ଥିତିବାନ plot ଜାମୁକୋଳି ମୌଜାରେ 4270 sqft. ସୁନ୍ଦରପଦା ଜଟଣୀ ରୋଡ Lingaraj Railway Stationଠାରୁ 7km. ବିକ୍ରିହେବ। 9238896887, 8249821200. D-62126

Booking simplex 2BHK 1200 sqft. Tankapani road Sai Temple 26,19,000/- 7735738102. D-8375

Readymade new 3BHK flat at BJB Nagar, No tax 9439716901 (Broker not allowed). D-64158

ମୋର ନିଜ ନାମରେ ଘାଟିକିଆରେ ପ୍ଲଟ୍ ଅଛି। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। ଫୋନ୍: 9937273159. D-8372

BDAର ଅରଗୁଳଠାରେ ନିର୍ମିତ IITକୁ ଲାଗି ପିଚୁ ରାସ୍ତାର ସୁବିଧାଥାଇ ଘରବାରି plot ମିଳୁଅଛି। 9777342153. D-64316




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-8389

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### GENERAL

### SALE

Furnished AC restaurant, Lewis road, Ravi Talkies Square, Bhubaneswar. 9437283845. D-63369




All type of massage and good therapy full body massage Sai herbal spa. 7609005923. D-64202

Opening newly ayurvedic full body massage ladies, gents. 7609923705, 7438851534. D-38530


Happy Birthday

(Papal)
**Swastik Mohapatra**
Sahebzada Bazar, Chandini Chowk, Cuttack
On this auspicious day of your 19th birth anniversary, we pray before the Almighty to bless you. Your path will filled with flowers. Achieve all success in your life without any hurdles. Your lovingly Papa- Srikant Ku. Mohapatra, Mama- Rajlaxmi Dash. D-8387

### Birthday Wish


**Asish Kumar Das**
**Cuttack**
It was great day when you were born but it is a great day to be alive. So live Happy Birthday to you Asish... Best Wishes from: Family and friends. D-8322

### Birthday Wish



(Sid)
**Mohit Pattnaik**
Wish you many many happy returns of the day. Lots and lots of love. Best wishes for you on your birthday. Wishes from: Papa, Mama and family. D-8383

### Birthday Wish


**Aditya Sai**
Plot No. 44/98, Kalinga Vihar
***Happy Birthday***
Best Wishes from: Mama, Papa, Jeje, Bou & all family members. D-8374

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ରବିନାରାୟଣ ମହାନ୍ତି**
ମିଶ୍ର ସାହି, ପୁରୀ
ଜନ୍ମ: ତା୨୩।୦୯।୧୯୪୫
ତିରୋଧାନ: ତା ୦୬।୦୯।୨୦୧୮
ଆପଣଙ୍କ ହସହସ ମୁହଁ, ସ୍ପଷ୍ଟବାଦିତା, ସତ୍ୟନିଷ୍ଠା, ଅନାବିଳ ସ୍ନେହ, ଭଲପାଇବା, ଉପଦେଶ, କର୍ତ୍ତବ୍ୟପରାୟଣତା ଓ ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏତିକି ପ୍ରାର୍ଥନା। ଅଭାଗିନୀ ପତ୍ନୀ-ଲକ୍ଷ୍ମୀପ୍ରିୟା, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ। ଧ-୮୩୭୩

### ପ୍ରଥମ ଶ୍ରାଦ୍ଧବାର୍ଷିକ


**ସ୍ୱର୍ଗତା ବିଳାସିନୀ ପ୍ରଧାନ**
ପାପସରା, ହଣ୍ଡପା, ଅନୁଗୋଳ
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ-ଦେବରଞ୍ଜନ ପ୍ରଧାନ, ଝିଅ-ମୀନାକ୍ଷୀ, ମଳୟ, ସୋନାଲି ଓ ପରିବାରବର୍ଗ। ଧ-୮୩୮୬

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଷ୍ଟମସ୍ଥ ଚନ୍ଦ୍ର ନୀଚରାଶିରେ ରହି ବୃଥା ଚିନ୍ତା ଓ ଦୁର୍ଭାବନାଜନିତ ମାନସିକ ଅସ୍ଥିରତା ସୃଷ୍ଟି କରିପାରନ୍ତି। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଅଚାନକ ଶୁଭ ଖବର ଶୁଣି ଖୁସି ହେବେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ।

**ବୃଷ** ରାଶ୍ୟାଧିପତି ଷଷ୍ଠସ୍ଥ ହେତୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ପ୍ରତିଯୋଗିତାରେ ସଫଳତା ଲାଭ କରିବେ। କଳା,ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ମିଥୁନ** ଚତୁର୍ଥସ୍ଥ ବୁଧାଦିତ୍ୟ ଯୋଗ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରରେ ସୁଖ, ସମ୍ମାନ ପ୍ରଦାନ କରିବ। ମାତ୍ର କେତେକ କ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ ଅନେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ।

**କର୍କଟ** ପ୍ରତ୍ୟେକ ଦିଗରୁ ଦିନଟି ଖୁସ ଓ ଆନନ୍ଦରେ ଅତିବାହିତ ହେବ। ବନ୍ଧୁମାନଙ୍କ ପ୍ରେରଣା ଲାଭକରି ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି,ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂରହେବ।

**ସିଂହ** ଦୀର୍ଘଦିନରୁ ଯାହା ଆଜିଯାଏଁ ଚାହୁଁଛନ୍ତି ତାହା ପାଇବା ସକାଶେ ଅନୁକୂଳ ଦିନଟିଏ। ମଘା ନକ୍ଷତ୍ରର ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** ନିଜର କୌଣସି ତ୍ରୁଟି ନ ଥାଇ ମଧ୍ୟ ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। ପାରିବାରିକ ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ। ଅଫିସ୍ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଗମନାଗମନ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା** ଆଜି ଯେଉଁ କାମରେ ହାତଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଖଳଲୋକମାନଙ୍କ ଦ୍ୱାରା ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ମିଳିବ। ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ ପାଇପାରନ୍ତି। ଆତ୍ମୀୟସ୍ୱଜନମାନେ ବିରୁଦ୍ଧାଚରଣ କରିପାରନ୍ତି।

**ବିଛା** ବିଗତ ଦିନରୁ ରହିଆସିଥିବା ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ନିକଟ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ନିଜ ଖର୍ଚ୍ଚରେ ମୂଲ୍ୟବାନ୍ ଜିନିଷ କ୍ରୟ କରିବାରେ ଖୁସି ହେବେ। ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ।

**ଧନୁ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅଫିସରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ, ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବା ଆଶଙ୍କା ରହିଛି। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବ୍ୟବସାୟ ଓ ପରିବହନରେ ଲାଭର ଯୋଗ ରହିଛି।

**ମକର** ବୃହସ୍ପତିଙ୍କ ଦୋଷରୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ କଳହ ଦେଖାଦେଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ମାଲିମକଦ୍ଦମା ତଥା ବିବାଦୀୟ କ୍ଷେତ୍ରରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ଣେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ପରିବାରରେ ଅଯଥା ସନ୍ଦେହଜନିତ କାରଣରୁ ଘରୋଇ କଳହ ବଢ଼ି ବଢ଼ି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପାରେ। ବନ୍ଧୁଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଭାବବିହ୍ୱଳ ହୋଇ କାମ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ। ଭାଗ୍ୟ ସ୍ଥାନରେ ଚନ୍ଦ୍ର ହେତୁ ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

ଆଜି ଷଠୀଓଷା, ଷଷ୍ଠୀଦେବୀ ପୂଜା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ ଓ କୁକ୍କୁଟୀବ୍ରତ, ଶ୍ରୀମନ୍ଦିରରେ ବିମ୍ବାସୁର ଓ କେକେଶୀବଧ ପ୍ରସ୍ତାବ, ସେପ୍ଟେମ୍ବର ୧୫ ତାରିଖ ଶନିବାର, ଅଭିଯନ୍ତା ଦିବସ,ରାଶି ନକ୍ଷତ୍ର ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୧୧।୫୦ମି. ଗତେ, ଘ୧।୩୦ମି. ମଧ୍ୟେ, ଘ୩।୦୩ମି. ଗତେ, ଘ୪।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ଗତେ, ଘ୮।୩୨ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୪୦ମି. ଗତେ ଘ୧୦।୧୧ମି. ମଧ୍ୟେ ରାହୁକାଳ ।








# ନୂତନ ରାଜନୈତିକ ବିକଳ୍ପ ପାଇଁ ଦାମଙ୍କ ସୂଚନା

ଭୁବନେଶ୍ୱର,୧୪।୯(ବ୍ୟୁରୋ)-

ରାଜ୍ୟ ରାଜନୀତିର ନୂତନ ଆଞ୍ଚଳିକ ବିକଳ୍ପ ଗଠନ ନେଇ ବରିଷ୍ଠ ନେତା ଦାମୋଦର ରାଉତ ପରୋକ୍ଷ ସୂଚନା ଦେଇଛନ୍ତି। ୨୦୧୯ରେ ଲୋକ ସଭା ସାଙ୍ଗରେ ବିଧାନସଭା ନିର୍ବାଚନ ହେବ। ଏହା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁଗାମୀଙ୍କୁ ନେଇ ଏଭଳି ଏକ ବିକଳ୍ପ ଦଳ ଗଠନ ପାଇଁ ମସୁଧା ଚାଲିଛି। ଦାମୋଦରଙ୍କ ସହ ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନଗୋ, ବିଜୟ ମହାପାତ୍ର, ଦିଲ୍ଲୀପ ରାୟ, ଜୟରାମ ପାଙ୍ଗୀ, ପ୍ରଫୁଲ୍ଲ ଘଡାଇ ଏବଂ ବୈଜୟନ୍ତ ପଣ୍ଡାଙ୍କୁ ନେଇ ଏହି ବିକଳ୍ପ କଥା ଚିନ୍ତା କରାଯାଉଛି।

ଦାମ ରାଉତ କହିଛନ୍ତି ଯେ, ବିଜୁଙ୍କ ନାଁରେ ଗଠିତ ହୋଇଥିବା ଦଳ ପ୍ରଶାସକଙ୍କ ଦ୍ୱାରା ଚାଲୁଛି। ଦୀର୍ଘ ୧୮ ବର୍ଷରେ ନବୀନ ପ୍ରାୟ ୪୦ ନେତା ଓ ମନ୍ତ୍ରୀଙ୍କୁ ବିଭିନ୍ନ କାରଣ ଦର୍ଶାଇ ବିଦା କରିଛନ୍ତି। ବର୍ତ୍ତମାନ ଦୁର୍ନୀତିଖୋରଙ୍କୁ ପ୍ରଶ୍ରୟ ଦେଉଛନ୍ତି। ତେଣୁ ବିଜୁବାବୁଙ୍କ ଆଦର୍ଶକୁ ନେଇ ସେ ଲଢିବେ ଏବଂ ରାଜନୀତି କରିବେ ବୋଲି ଦାମ କହିଛନ୍ତି।

ଦାମଙ୍କ ଏପରି ଦମ୍ଭୋକ୍ତିକୁ କଟାକ୍ଷ କରିଛନ୍ତି ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ, ବିଜୁଙ୍କ ଆଦର୍ଶରେ ବିଜେଡି ପରଚାଳିତ। ତାଙ୍କ ରାଜନୈତିକ ଲିଗାସି ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ଦୁଇ ଦଶନ୍ଧି ଧରି ଓଡ଼ିଶାବାସୀ ଏହାକୁ ଗ୍ରହଣ କରି ସାରିଛନ୍ତି, ଏଣୁ ବିଜୁଙ୍କ ଆଦର୍ଶରେ ଅନ୍ୟ କୌଣସି ଦଳର ଆବଶ୍ୟକତା ନାହିଁ।

# ଦାମ-ବିଷ୍ଣୁ ବିବାଦ: କାହା ତୁଣ୍ଡରେ ଲଗାମ ନାହିଁ

ଜଗତ୍‌ସିଂହପୁର ଅଫିସ, ୧୪।୯(ବ୍ୟୁରୋ)


ଦାମୋଦର ରାଉତ


ବିଷ୍ଣୁ ଚରଣ ଦାସ

- ସୋମନାଥ ହାଟରେ ଗୁଲୁଗୁଲା ଖାଉଥିଲେ ବିଷ୍ଣୁ : ଦାମ
- ୧୯୭୪ରେ ଦୁର୍ନୀତିରେ ଫସିଥିଲେ ଦାମ: ବିଷ୍ଣୁ

ଜଗତ୍‌ସିଂହପୁର ରାଜନୀତିର ୨ ବରିଷ୍ଠ ନେତା ଡା.ଦାମୋଦର ରାଉତ ଏବଂ ବିଷ୍ଣୁ ଚରଣ ଦାସ। ଏକାଦଳର ହୋଇଥିଲେ ହେଁ ପରସ୍ପର ମଧ୍ୟରେ ଥିବା ରାଜନୈତିକ ବିବାଦ ୨ ଜଣଙ୍କୁ ଚର୍ଚ୍ଚିତ କରିଆସିଛି। ଘଟଣାକ୍ରମରେ ପାରାଦୀପ ବିଧାୟକ ଦାମୋଦର ବିଜେଡିରୁ ବହିଷ୍କୃତ। ଏହା ବିଷ୍ଣୁଙ୍କୁ ସର୍ବାଧିକ ଖୁସି କରିଥିବା ଆଲୋଚନା ହେଉଛି। ସେହି ନ୍ୟାୟରେ ଶୁକ୍ରବାର ଡ. ରାଉତଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ ନେତା ଭାବେ ଚିତ୍ରଣ କରିବା ପାଇଁ ବିଷ୍ଣୁ କୌଣସି ସୁଯୋଗ ହାତଛଡା କରିନାହାନ୍ତି। ଗଣମାଧ୍ୟମରେ ଦାମଙ୍କ ସମ୍ପର୍କରେ ପ୍ରତିକ୍ରିୟା ଦେଇ ମନଇଚ୍ଛା ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦାମବାବୁଙ୍କ କ୍ୟାରିୟର ଦୁର୍ନୀତିରୁ ଆରମ୍ଭ । ୧୯୭୪ ମସିହାରେ ପ୍ରାଣୀ ଡାକ୍ତର ଥିବାବେଳେ ଦୁର୍ନୀତିରେ ସମ୍ପୃକ୍ତ ଥିଲେ । ଷ୍ଟୋର ଦାୟିତ୍ୱରେ ଥିବା ବେଳେ ସିମେନ୍ ଦୁର୍ନୀତିରେ ଫସିଥିଲେ । ପ୍ରତାପ ମହାନ୍ତିଙ୍କ ଜରିଆରେ ବିଜୁବାବୁଙ୍କୁ ଭେଟି ଦଳରେ ମିଶିଥିଲେ । ଏବେ କହୁଛନ୍ତି କ'ଣ ନା ଆନ୍ନାଙ୍କ ଭଳି ବୁଲିବେ। ଆନ୍ନା କେଉଁଠି, ଇଏ କେଉଁଠି । ଆନ୍ନା କ'ଣ ଦୁର୍ନୀତି କରୁଥିଲେ । ଆନ୍ନା କାହିଁକି ଜୟପ୍ରକାଶଙ୍କ ନାଁ ନେଉନାହାନ୍ତି ବୋଲି ବିଷ୍ଣୁ କହିଛନ୍ତି।

ବିଷ୍ଣୁଙ୍କ ଏଭଳି ଆରୋପ ଉପରେ ପ୍ରତିକ୍ରିୟା ରଖିଛନ୍ତି ଡା. ରାଉତ । ଦାମ କହିଛନ୍ତି, ବିଷ୍ଣୁ କ'ଣ ସେତେବେଳେ ଭିଜିଲାନ୍ସ ଡାଇରେକ୍ଟର ଥିଲେ କି ? ୧୯୭୪ ମସିହାରେ ତାଙ୍କର ନାବାଳକ ଦୋଷ ଫିଟି ନ ଥିବ । ସେ କ'ଣ କହିବେ । ମୁଁ ୧୯୬୮ରେ ପାସ୍ କରି ୬ ବର୍ଷ ଇନ୍‌ଫର୍ମେଶନ୍ ଅଫିସର ଥିଲି। ମୁଁ ୧୯୭୭ରେ ବିଧାୟକ ହୋଇଥିଲି । ୧୯୭୪ରେ ଦୁର୍ନୀତି କରିଥିଲି ବୋଲି ସେ କେମିତି ଜାଣିଲେ ବୋଲି କହି ଦାମ ବିଷ୍ଣୁଙ୍କୁ କଟାକ୍ଷ କରିଛନ୍ତି। ସେହିପରି ୧୯୮୫ରେ ବିଷ୍ଣୁ ଜଗତ୍‌ସିଂହପୁର ସୋମନାଥ ହାଟରେ ବସି ଗୁଲୁଗୁଲା ଖାଉଥିଲେ । ସେ ତାଙ୍କୁ ସେଠୁ ଡାକି ଆଣି ଟିକେଟ ଦେବାର ବ୍ୟବସ୍ଥା କରାଇଥିଲି । ବୟସରେ କି ଅଭିଜ୍ଞତାରେ ବିଷ୍ଣୁ ତାଙ୍କ ସହ ସମକକ୍ଷ ନୁହନ୍ତି । ୬ ମାସ ମନ୍ତ୍ରୀ ଥିଲେ, ଭଲ କାମ କରି ପୁରସ୍କାର ପାଇଥିଲେ । ପୁଅର ମାଟ୍ରିକ ନମ୍ବର ବୃଦ୍ଧିନେଇ ବିଷ୍ଣୁ ଚର୍ଚ୍ଚାରେ ଥିଲେ। ଉକ୍ତ ଘଟଣାରେ ଗଣଶିକ୍ଷା ମନ୍ତ୍ରୀ ପଦରୁ ବିଦା ହୋଇଥିଲେ । ତେଣୁ ବିଷ୍ଣୁଙ୍କ ଭଳି ଦୁର୍ନୀତିମୁକ୍ତ ନେତା ଜଗତ୍‌ସିଂହପୁର କାହିଁକି ସାରା ଦୁନିଆରେ ନ ଥିବେ ବୋଲି କହି ଦାମ ତାଚ୍ଛଲ୍ୟ କରିଛନ୍ତି।

# ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼



## ତଥାପି ଚେତା ପଶୁନି

- ବୃଦ୍ଧଙ୍କ ମୁଣ୍ଡକୁ କୁଡୁଆରେ ପିଟିଲେ ବୋଝିଆ
- ମହିଳାଙ୍କ ହାତକୁ ଝିଙ୍କିଦେଲେ, ଚୁଡ଼ି ଭାଙ୍ଗିଗଲା

ପୁରୀ ଅଫିସ,୧୪।୯


ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ବାରମ୍ବାର ଭକ୍ତଙ୍କୁ ମାଡ଼ ଏବଂ ଅସଦାଚରଣ ଭଳି ସଙ୍ଗିନ ଅଭିଯୋଗ ଉଠିବାରୁ ସର୍ବୋଚ୍ଚ ନ୍ୟାୟାଳୟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହାର କାର୍ଯ୍ୟକାରିତାକୁ ନେଇ ହଟଚମଟ ଚାଲିଥିବା ବେଳେ ତଥାପି ଶ୍ରୀମନ୍ଦିରରେ ଦୈନନ୍ଦିନ କାର୍ଯ୍ୟରତ କେତେଜଣଙ୍କ ଚେତା ପଶୁନି। ଆଚରଣ ଓ ଉଚ୍ଚାରଣରେ ସେମାନେ ସୁଧାର ଆଣୁନାହାନ୍ତି। ଶୁକ୍ରବାର ପୁଣି ଆନନ୍ଦବଜାରରେ ଭକ୍ତଙ୍କୁ ମାଡ଼ ହୋଇଛି। ଜଣେ ବୋଝିଆ କୁଡୁଆରେ ଜଣେ ବୃଦ୍ଧ ଶ୍ରଦ୍ଧାଳୁଙ୍କ ମୁଣ୍ଡକୁ ପିଟି ଦେଇଥିବା ବେଳେ ମହିଳାଙ୍କ ହାତକୁ ଝିଙ୍କି ଦେଇଛନ୍ତି। ଫଳରେ ତାଙ୍କ ଚୁଡ଼ି ଭାଙ୍ଗିଯାଇଛି। ଏ ନେଇ ସମ୍ପୃକ୍ତା ମହିଳା ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବୋଝିଆ ଫେରାର ହୋଇଯାଇଛନ୍ତି।

ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ଖୋର୍ଦ୍ଧା ବାଣପୁରର ସୁଷମା ବିଶ୍ୱାଳ ସପରିବାର ଶ୍ରୀମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ଅପରାହ୍ନ ପ୍ରାୟ ୨ଟା ବେଳେ ସେମାନେ ଆନନ୍ଦବଜାରରେ ମହାପ୍ରସାଦ କିଣି ଖାଇଥିଲେ। ହାତ ଧୋଇବାକୁ ନେଇ ଅନ୍ୟ ଏକ ମହାପ୍ରସାଦ ଦୋକାନ ଜଗିଥିବା ବୋଝିଆ ସଦର ଥାନା ଅନ୍ତର୍ଗତ ପାଇକସାହିର ସୁମନ୍ତ ବାରିକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେଠାରେ ହାତ ନ ଧୋଇବାକୁ ସୁମନ୍ତ କହିଥିଲେ। ଏହି ଯୁକ୍ତିତର୍କରୁ ସୁମନ୍ତ ସୁଷମାଙ୍କ ବାମହାତକୁ ଝିଙ୍କି ଦେଇଥିଲେ। ସୁଷମାଙ୍କ ଗୋଟିଏ ଚୁଡ଼ି ଭାଙ୍ଗିଯାଇଥିଲା। ପୁଣି କଥା କଟାକଟି ଭିତରେ ସୁମନ୍ତ ସୁଷମାଙ୍କ ବାପା ବ୍ରଜବନ୍ଧୁଙ୍କ ମୁଣ୍ଡକୁ ଏକ ଭଙ୍ଗା କୁଡୁଆରେ ପିଟି ଦେଇଥିଲେ। ବ୍ରଜବନ୍ଧୁଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏହାପରେ ସମ୍ପୃକ୍ତ ପରିବାର ସଦସ୍ୟ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ସମ୍ପୃକ୍ତ ମହାପ୍ରସାଦ ଦୋକାନର ସେଲ୍‌ସମ୍ୟାନ ବିକାଶ ମହାପାତ୍ର ସୁମନ୍ତଙ୍କୁ ସେଠାରୁ ପଠାଇ ଦେଇଥିଲେ। ଶାଖା କାର୍ଯ୍ୟାଳୟର କର୍ମଚାରୀ ପହଞ୍ଚି ଘଟଣା ବିଷୟରେ ବିକାଶଙ୍କୁ ପଚାରିଥିଲେ। ସୁମନ୍ତଙ୍କୁ ବିକାଶ ଖସାଇଦେଇଥିବା ସମ୍ପୃକ୍ତ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ବିକାଶଙ୍କୁ ଥାନାକୁ ଧରି ଆଣିଥିଲା। ଅଭିଯୁକ୍ତ ସୁମନ୍ତଙ୍କୁ ଖସାଇଦେବା ଅଭିଯୋଗରେ ସେଲ୍‌ସମ୍ୟାନ ବିକାଶଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଦାଶ କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୭୬/୧୮) ରୁଜୁ କରାଯାଇଛି। ଅଭିଯୁକ୍ତ ସୁମନ୍ତଙ୍କୁ ଧରିବା ପାଇଁ ଚଢାଉ ଚାଲିଛି ବୋଲି ଆଇଆଇସି କହିଛନ୍ତି।







ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ। ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି। ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାପ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି। –ଶ୍ରୀଅରବିନ୍ଦ

# ଦୁର୍ନୀତିବିରୋଧୀ ଯୋଗୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦୁର୍ନୀତିବିରୋଧୀ ଅଭିଯାନ ଚଳାଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ନୀତି ମାମଲାରେ ଜଡ଼ିତ ଥିବା ଶତାଧିକ ଆଇଏଏସ୍, ଆଇପିଏସ୍ ଓ ରାଜ୍ୟ ସେବା ଅଫିସରଙ୍କ ରେକର୍ଡ ମାଗିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ତଥା ଆର୍ଥିକ ଅନିୟମିତତା ଅଭିଯୋଗ ଥିବା ଅନ୍ୟୂନ ୩୦୦ ଅଫିସର ଓ କର୍ମଚାରୀ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ସ୍କାନରରେ ଅଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ, ଗୃହ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ଏବଂ ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଯେଉଁସବୁ ଦୁର୍ନୀତି ବର୍ତ୍ତମାନ ଘଟିଛି ଓ ଯେଉଁଗୁଡ଼ିକ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ଅମଳରେ ଘଟିଛି, ତାହାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ଯୋଗୀ ଆଦିତ୍ୟନାଥ ବର୍ତ୍ତମାନ ତଥା ପୂର୍ବତନ ଏସ୍‌ପି ଓ ବିଏସ୍‌ପି ଶାସନ ଅମଳରେ ଦାଏର କରାଯାଇଥିବା ମାମଲାଗୁଡ଼ିକର ଫାଇଲ ମାଗିଛନ୍ତି। ଏହା ଜାଣିବା ପରେ ଉତ୍ତରପ୍ରଦେଶର ଦୁର୍ନୀତିଗ୍ରସ୍ତ ବାବୁମାନଙ୍କ ମଧ୍ୟରେ ଦୁଶ୍ଚିନ୍ତା ପ୍ରକାଶ ପାଇଛି।

### କ୍ୟାଡର ଆବଣ୍ଟନ

ଫାଉଣ୍ଡେଶନ କୋର୍ସରେ ପ୍ରଦର୍ଶନ ଭିତ୍ତିରେ ନୂତନ ଆଇଏଏସ୍ ବାବୁମାନଙ୍କୁ କ୍ୟାଡର ଆବଣ୍ଟନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ସ୍ଥଗିତ ରଖିଛନ୍ତି। ତେଣୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଗତବର୍ଷ ସିଭିଲ ସର୍ଭିସ ପରୀକ୍ଷା (ସିଏସ୍ଇ) ଦେଇଥିବା ୮୪୮ ଜଣ ପ୍ରାର୍ଥୀଙ୍କୁ ବର୍ତ୍ତମାନର ମାନଦଣ୍ଡ ଅନୁସାରେ କ୍ୟାଡର ଆବଣ୍ଟନ କରିଛି। ବିଭିନ୍ନ ସେବାର କ୍ୟାଡର ନିୟନ୍ତ୍ରଣକାରୀ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ମତୈକ୍ୟ ପ୍ରତିଷ୍ଠା ହୋଇ ନ ପାରିବାକୁ ଏହାର କାରଣ ଭାବେ ଦର୍ଶାଯାଇଛି। ସେବା ଆବଣ୍ଟନ ମାନଦଣ୍ଡରେ ପରିବର୍ତ୍ତନ ପ୍ରସ୍ତାବ ମଧ୍ୟ ରାଜନୈତିକ ଅଡୁଆ ଭିତରକୁ ଟାଣି ହୋଇଯାଇଛି। ତେବେ ୧୯୭୦ ଦଶକରେ ଡି.ଏସ୍. କୋଠାରୀ କମିଟି ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ ସରକାର ବାତିଲ କରିବାକୁ ଚାହୁଁଛନ୍ତି କି ନା ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା କେବଳ ଚଳିତବର୍ଷ ପାଇଁ। ତାହାଦ୍ୱାରା ୟୁପିଏସ୍‌ସିକୁ ପ୍ରକ୍ରିୟାରେ ସାମିଲ କରିବା ଲାଗି ସରକାରଙ୍କୁ ସମୟ ମିଳିବ। କାରଣ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ପ୍ରଶାସନିକ ସେବା ପରୀକ୍ଷା ପଦ୍ଧତିରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି।

### ଆଇଏଏସ୍‌ଙ୍କ ପ୍ରଭାବ କମୁଛି

ଜଣେ ଆଇଏଏସ୍ ଅଫିସର ହେବା ମୋଦି ସରକାରରେ ଆଉ କୋଉ ବଡ଼ କଥା ହୋଇ ରହିନାହିଁ। ସରକାର ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ଅନ୍ୟ ଭାରତୀୟ ସେବା ଅଫିସରଙ୍କ ଉପରେ ଅଧିକରୁ ଅଧିକ ବିଶ୍ୱାସ କରିବାରେ ଲାଗିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଏ ସରକାର କ୍ଷମତାକୁ ଆସିବା ପରେ ଯୁଗ୍ମ ସଚିବସ୍ତରୀୟ ପଦବୀ ଲାଗି ୨୦୧୪ରେ ୮୭ ଜଣଙ୍କ ନାମ ତାଲିକାଭୁକ୍ତ କରିଥିବା ବେଳେ ଏ ବର୍ଷ ମାତ୍ର ୧୧ ଜଣ ଆଇଏଏସ୍ ଅଫିସରଙ୍କ ନାମ ତାଲିକାରେ ରଖିଛନ୍ତି। ଅନ୍ୟପକ୍ଷରେ ଏ ବର୍ଷ ସରକାର ଉକ୍ତ ପଦଗୁଡ଼ିକ ଲାଗି ୪୫ ଜଣ ଭାରତୀୟ ବନସେବା ଅଧିକାରୀ (ଆଇଏଫ୍‌ଓଏସ୍), ୫୬ ଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ (ଆଇଆର୍‌ଏସ୍) ଏବଂ ୭୦ ଜଣ ଭାରତୀୟ ପୋଲିସ ସେବା ଅଧିକାରୀ (ଆଇପିଏସ୍)ଙ୍କ ନାମ ତାଲିକାଭୁକ୍ତ କରିଛନ୍ତି। ତା'ହେଲେ କେନ୍ଦ୍ର ସରକାର କ'ଣ କେନ୍ଦ୍ରୀୟ ଡେପୁଟେଶନର ଭୂମିରୂପ ବଦଳାଇ ଦେଇ ଆଇଏଏସ୍ ବାବୁମାନଙ୍କ ପ୍ରଭାବ କ୍ଷୁଣ୍ଣ କରିବାକୁ ଚାହୁଁଛନ୍ତି, ନା ରାଜ୍ୟଗୁଡ଼ିକରୁ ବାବୁମାନେ ଦିଲ୍ଲୀ ଯାଇ ମୋଦି ସରକାରଙ୍କ ଅଧୀନରେ କାମ କରିବାକୁ ଚାହୁଁ ନ ଥିବାରୁ କେନ୍ଦ୍ରରେ ବାବୁମାନଙ୍କର ଅଭାବ ଦୂର କରିବା ପାଇଁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ? ତେବେ ଏହା ସତ୍ୟ ଯେ, ବର୍ତ୍ତମାନର ସରକାରଙ୍କ ନୀତି ଅଣ–ଆଇଏଏସ୍ ବାବୁମାନଙ୍କ ଲାଗି ବରଦାନ ସଦୃଶ ହୋଇଛି, କାରଣ ସେମାନେ ଯେଉଁସବୁ ପଦବୀରେ ନିଯୁକ୍ତି ପାଇପାରୁଛନ୍ତି, ସେଥିରେ ଆଗରୁ କେବଳ ଆଇଏଏସ୍ ବାବୁମାନେ ହିଁ ନିଯୁକ୍ତି ପାଉଥିଲେ। ସର୍ବୋପରି ଆଗରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଲାଗି ନାମ ତାଲିକାଭୁକ୍ତ କରିବାର ଯେଉଁ ନିୟମ ଥିଲା, ତାହା ଆଇଏଏସ୍‌ମାନଙ୍କ ସପକ୍ଷରେ ଯାଉଥିଲା ଏବଂ ସେଥିରେ ଅନ୍ୟମାନେ ପାତରଅନ୍ତରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଆସୁଥିଲେ। ସମ୍ଭବତଃ ଦକ୍ଷତା ଓ ମେଧା ଯେ କେବଳ ଆଇଏଏସ୍‌ମାନଙ୍କଠାରେ ଅଛି ଓ ଅନ୍ୟମାନଙ୍କଠାରେ ନାହିଁ ବୋଲି ଯେଉଁ ଧାରଣା ରହିଛି ତାହା ଭୁଲ୍ ବୋଲି ମୋଦି ଜଣାଇଦେବାକୁ ଚାହାନ୍ତି। ପୁନଶ୍ଚ ଘରୋଇ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ଆଣି ଅମଲାତନ୍ତ୍ରର ବରିଷ୍ଠ ପଦପଦବୀରେ ନିଯୁକ୍ତି ଦେବା ବା ପାର୍ଶ୍ୱପ୍ରବେଶର ଯେଉଁ ପରମ୍ପରା ମୋଦି ଆରମ୍ଭ କରିଛନ୍ତି, ତାହା ଆଇଏଏସ୍ ବାବୁମାନଙ୍କ ପାଦତଳୁ ମାଟି ଖସିଯିବା ପରି ଅନୁଭବ ଆଣିବା ଲାଗି ଯଥେଷ୍ଟ।

Email: dilipcherian@gmail.com

# ଶିଶୁ ସହଭାଗିତା ନାମକୁ ମାତ୍ର



ରାଜୀବ କର୍ମୀ

ୟୁନିସେଫ୍ ସହିତ ଶିଶୁ ଅଧିକାର ପାଇଁ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକ ଲାଗି ଶିଶୁ ସହଭାଗିତା ବର୍ତ୍ତମାନର ଏକ ପ୍ରମୁଖ ବିଷୟ। ୧୯୮୯ରେ ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀ ପରେ ପରେ ସରକାରୀ ସ୍ତରରେ ମଧ୍ୟ ବିଭିନ୍ନ ଦେଶରେ ଶିଶୁମାନଙ୍କର ସହଭାଗିତାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଆସୁଛି, ଯେଉଁଥିରେ ଶିଶୁଙ୍କୁ ପ୍ରଭାବିତ କରୁଥିବା କାର୍ଯ୍ୟକ୍ରମରେ ତାଙ୍କର ଅଂଶଗ୍ରହଣକୁ ଅଧିକାରର ମାନ୍ୟତା ଦିଆଯାଇଛି। ଲକ୍ଷ୍ୟ ରହିଛି– ଉପରୋକ୍ତ ସମ୍ମିଳନୀରେ ସ୍ୱାକ୍ଷର କରିଥିବା ଦେଶସମୂହ ଶିଶୁମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରିବେ। ମାତ୍ର ବିଗତ ତିନି ଦଶନ୍ଧି ମଧ୍ୟରେ ଶିଶୁମାନଙ୍କୁ ନିଜସ୍ୱ ମତାମତ ପାଇଁ ସୁଯୋଗ ଦେବାରେ ଆମ ସରକାରମାନେ ବିଫଳ ହୋଇଛନ୍ତି। ଶିଶୁଙ୍କ ମତାମତ ନେଇ ଶିଶୁଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବା ଦ୍ୱାରା ଶିଶୁଙ୍କ ସମସ୍ୟା ସମାଧାନ ସହଜ ହୋଇଥାଏ। ଶିଶୁ ନିଜର ଆବଶ୍ୟକତା ନିଜେ ହିଁ ବେଶି ଜାଣେ। ଅନେକ ସମୟରେ ବୟସ୍କମାନେ ଶିଶୁର କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଭାବନ୍ତି, ଆମେ ଯାହା କରୁଛୁ ତାହା ପିଲାଙ୍କ ପାଇଁ ଠିକ୍। ଫଳରେ ପରୋକ୍ଷରେ ପିଲାଟିର କ୍ଷତି ହୋଇଥାଏ। ସାମ୍ପ୍ରତିକ ସମାଜରେ ଏହା କେବଳ ପରିବାରର ସମସ୍ୟା ନୁହେଁ ବରଂ ଏକ ବିଶ୍ୱସ୍ତରୀୟ ସମସ୍ୟା।

ଶିଶୁଙ୍କୁ ସହଭାଗିତାର ସୁଯୋଗ ଦେବା, ଦୟା ନୁହେଁ ଅଧିକାର। ଏଣୁ ମିଳିତ ଜାତିସଂଘର ଶିଶୁମାନଙ୍କ ପାଇଁ ଥିବା ଘୋଷଣାନାମାରେ ଶିଶୁମାନଙ୍କ ଅଂଶଗ୍ରହଣ ବା ମତାମତ ଦେବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଏହାର ଧାରା ୧୨, ୧୩, ୧୪, ୧୫ ଏବଂ ୧୭ରେ ସେମାନଙ୍କର ଅଂଶଗ୍ରହଣ, ସୂଚନା ପାଇବା ଏବଂ ସଙ୍ଗଠନ ତିଆରି କରିବାର ଅଧିକାର ବିଷୟରେ କୁହାଯାଇଛି, ଯେଉଁଥିରେ ଶିଶୁମାନେ ନିଜସ୍ୱ ସଙ୍ଗଠନ ତିଆରି, ପରିଚାଳନା, ତାଙ୍କୁ ପ୍ରଭାବିତ କରୁଥିବା ସୂଚନା ପାଇବା ସହିତ ଏଥିରେ ତାଙ୍କର ମତାମତ ଦେବାର ଅଧିକାର ରହିବ। ଏଥିପାଇଁ ସରକାର ଶିଶୁମାନଙ୍କ ପାଇଁ ନିଷ୍ପତ୍ତି ନେବା ସମୟରେ ବୟସ ଏବଂ ଆବଶ୍ୟକତା ଅନୁସାରେ ସେମାନଙ୍କୁ ମତାମତ ଦେବା ପାଇଁ ସୁଯୋଗ ସୃଷ୍ଟି କରିବେ। ଏହାକୁ ଆୟୁଧ କରି ଉପରୋକ୍ତ ଘୋଷଣାନାମାରେ ସ୍ୱାକ୍ଷର କରିଥିବା ଦେଶମାନେ ନିଜ ନିଜର ଆଇନରେ ପରିବର୍ତ୍ତନ କରୁଛନ୍ତି। ଆମ ଦେଶରେ ଶିଶୁମାନଙ୍କ କଥାକୁ ଶୁଣିବା ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନରେ ସୁଯୋଗ ସୃଷ୍ଟି କରାଯାଇଛି। ଫଳତଃ ବିଦ୍ୟାଳୟରେ ଥିବା ପ୍ରତ୍ୟେକ ଶିକ୍ଷା ପରିଚାଳନା କମିଟିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସ୍ୱୀକୃତି ଦିଆଯାଇଛି। ଏହାଛଡ଼ା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ବିଭିନ୍ନ ସ୍ତରରେ ଥିବା ଶିଶୁ ସୁରକ୍ଷା ସମିତିରେ ଶିଶୁମାନଙ୍କୁ ସଦସ୍ୟ ଭାବରେ ସାମିଲ କରାଯାଇ ତାଙ୍କୁ ମତାମତ ଦେବାର ବ୍ୟବସ୍ଥା କରାଯାଇଛି।

ବିଗତ କିଛି ବର୍ଷର ଅଭିଜ୍ଞତାକୁ ଦେଖିଲେ ସରକାରଙ୍କ ଅପେକ୍ଷା ବେସରକାରୀ ଅନୁଷ୍ଠାନଗୁଡ଼ିକ ଶିଶୁ ସହଭାଗିତାକୁ ଆଗକୁ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଶିଶୁ ଅଂଶଗ୍ରହଣ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଏକ ନିରନ୍ତର ପ୍ରକ୍ରିୟା। ଏଥିପାଇଁ ଶିଶୁ ଅଧିକାର ସଂଗଠନଗୁଡ଼ିକ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ଶିଶୁ ଅଧିକାର କର୍ମୀଙ୍କ ମତରେ ଶିଶୁ ଅଂଶଗ୍ରହଣର ଅର୍ଥ, ସେ ନିଜ ପାଇଁ କରାଯାଉଥିବା କାର୍ଯ୍ୟକ୍ରମର ପ୍ରତ୍ୟେକ ସ୍ତରରେ ଅଂଶଗ୍ରହଣ କରିବ। କାର୍ଯ୍ୟ ଯୋଜନା ପ୍ରସ୍ତୁତି, ରୂପାୟନ ଏବଂ ସମୀକ୍ଷା ସମୟରେ ଶିଶୁଟି ନିଜର ମତାମତ ଦେବ ଏବଂ ବୟସ୍କମାନେ ତାହା ପାଳନ କରିବେ। ଶିଶୁ ସହଭାଗିତାର କେତୋଟି ପରିସୀମା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ପାଇଛି।

ସମାଜବିଜ୍ଞାନୀ ରୋଜର ହାର୍ଟଙ୍କ ଅନୁସାରେ ଶିଶୁଙ୍କ ସହଭାଗିତାର ସାତୋଟି ସ୍ତର ରହିଛି। ଅନେକ ସମୟରେ ବୟସ୍କମାନେ ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହାର କରିଥାନ୍ତି। ବୟସ୍କମାନେ ନିଜେ କରନ୍ତି ଅଥଚ ପିଲାମାନେ କରିଛନ୍ତି ବୋଲି ବାହାନା କରନ୍ତି। ଏହା ହେଉଛି ପ୍ରଥମ ସ୍ତର। ଏହା ଭଣ୍ଡେଇବା ଛଡ଼ା ଅନ୍ୟ କିଛି ନୁହେଁ। ବିଭିନ୍ନ କାର୍ଯ୍ୟକ୍ରମରେ ପିଲାମାନେ ଫୁଲତୋଡ଼ା ଅତିଥିମାନଙ୍କୁ ଦେବା କିମ୍ବା ସଭାର ପ୍ରାରମ୍ଭରେ ସଙ୍ଗୀତ ପରିବେଷଣ କରିବା ଆମେ ଦେଖିଥାଉ। ଏଥିରେ ପିଲାମାନଙ୍କର ଭୂମିକା କେବଳ ସେତିକିରେ ସୀମିତ। ସେମାନଙ୍କୁ କେବଳ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ଏହା ହେଉଛି ଅଂଶଗ୍ରହଣରେ ଦ୍ୱିତୀୟ ସ୍ତର। ଅନେକ ସମୟରେ ଶିଶୁମାନଙ୍କୁ ବିଭିନ୍ନ ବୈଠକ ଏବଂ କାର୍ଯ୍ୟକ୍ରମରେ ବସିଥିବାର ଆମେ ଦେଖୁ। ମାତ୍ର କାର୍ଯ୍ୟକ୍ରମ ବିଷୟରେ ତାଙ୍କ ପାଖରେ କିଛି ସୂଚନା ନ ଥାଏ। ତାହା ହେଉଛି ତୃତୀୟ ସ୍ତର। ଯାହାକୁ ଆମେ ବୟସ୍କ ପ୍ରାୟୋଜିତ କହି ପାରିବା। ଉଦାହରଣ ସ୍ୱରୂପ, ବେଳେ ବେଳେ ପିଲାମାନଙ୍କୁ କ୍ୟାଣ୍ଡେଲ ରାଲିରେ ଚାଲୁଥିବାର ଆମେ ଦେଖିଥାଉ। ବୟସ୍କମାନଙ୍କ ପ୍ରରୋଚନାରେ ସେମାନେ ଭାଗନିଅନ୍ତି କିନ୍ତୁ ତା' ବିଷୟରେ ବେଶି କିଛି ଜାଣି ନ ଥାନ୍ତି।

ଆଉ କେତେକ କ୍ଷେତ୍ରରେ ବୟସ୍କମାନେ ପିଲାମାନଙ୍କୁ ଜଣାଇ କାମ କରାଇଥାନ୍ତି। ଯେଉଁଥିରେ ସେମାନେ ପିଲାମାନଙ୍କୁ ମାର୍ଗଦର୍ଶନ ଦେଇଥାନ୍ତି। ଏହାହିଁ ଚତୁର୍ଥ ସ୍ତର। ଶିଶୁ ଅଂଶଗ୍ରହଣର ପଞ୍ଚମ ସ୍ତରରେ ଶିଶୁମାନେ ନିଜ ପାଇଁ ହେଉଥିବା କାର୍ଯ୍ୟକ୍ରମରେ ମତାମତ ଦେଇଥାନ୍ତି ଏବଂ ବୟସ୍କମାନେ ତାହାକୁ ପାଳନ କରିଥାନ୍ତି। ଅର୍ଥାତ୍ ଶିଶୁମାନଙ୍କ ସହ ଆଲୋଚନା ଏବଂ ଅନୁମତି ଅନୁସାରେ କାମ ହୋଇଥାଏ। ଷଷ୍ଠ ସ୍ତରରେ ବୟସ୍କ ମାନେ କାମ ଆରମ୍ଭ କରନ୍ତି ଏବଂ ଚୂଡ଼ାନ୍ତ ନିଷ୍ପତ୍ତିକୁ ଶିଶୁମାନଙ୍କୁ ଜଣାଇ ଦିଅନ୍ତି। ଯେଉଁଥିରେ ଶିଶୁମାନଙ୍କର ମତାମତ ଦେବାର ସୁଯୋଗ ନ ଥାଏ। ସପ୍ତମ ସ୍ତରରେ ଶିଶୁ ମାନେ କୌଣସି କାମକୁ ଆରମ୍ଭ କରନ୍ତି ଏବଂ ନିଜର ନିଷ୍ପତ୍ତିକୁ ବୟସ୍କମାନଙ୍କୁ ଜଣାନ୍ତି। ବୟସ୍କମାନେ କେବଳ ଏଥିରେ ସହଯୋଗୀର ଭୂମିକା ନିଅନ୍ତି। ଅଷ୍ଟମ ବା ଶେଷ ସ୍ତର ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହି ସ୍ତରରେ ଶିଶୁମାନେ କୌଣସି କାମକୁ ଆରମ୍ଭ କରନ୍ତି, ବୟସ୍କ ମାନଙ୍କୁ ନିଜର ନିଷ୍ପତ୍ତି ଜଣାନ୍ତି ଏବଂ ଉଭୟଙ୍କର ସହଯୋଗରେ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ଶିଶୁମାନେ ବୟସ୍କମାନଙ୍କ ଅଭିଜ୍ଞତାରୁ ଶିଖିବାର ସୁଯୋଗ ପାଆନ୍ତି।

ଶିଶୁ ଅଧିକାରକର୍ମୀଙ୍କ ମତରେ ଅଷ୍ଟମ ସ୍ତର ହେଉଛି ସର୍ବୋତ୍କୃଷ୍ଟ। ଯେଉଁଠାରେ ଶିଶୁ ସହଭାଗିତା ସଫଳ ହେଲା ବୋଲି ଆମେ କହିପାରିବା। ଏହି ଆଧାରରେ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଜାଣିପାରିବା ଆମ ଶିଶୁମାନଙ୍କ ସହଭାଗିତା କେଉଁ ସ୍ତରରେ ପହଞ୍ଚିଛି। ସରକାର ପିଲାମାନଙ୍କ ସହଭାଗିତା ପାଇଁ ବ୍ୟବସ୍ଥା କରିଥିବା ବିଦ୍ୟାଳୟ ପରିଚାଳନା କମିଟି ଏବଂ ଶିଶୁ ସୁରକ୍ଷା ସମିତି ଆଜି ସ୍ଥାଣୁ। ବିଦ୍ୟାଳୟ ପରିଚାଳନା କମିଟିରେ ଶିଶୁ ଅଂଶଗ୍ରହଣର ସ୍ଥିତି ସମସ୍ତଙ୍କୁ ଜଣା। ଅନେକ କମିଟିରେ ପିଲାମାନଙ୍କୁ ବୈଠକକୁ ଡକାଯାଏ ନାହିଁ। ଆସିଲେ ବି ତାଙ୍କର ଦାୟିତ୍ୱ କେବଳ ଅନ୍ୟ ସଦସ୍ୟଙ୍କୁ ବୈଠକକୁ ଡାକିବା ଭିତରେ ସୀମିତ। ଶତକଡ଼ା ୯୯ ଭାଗରୁ ଅଧିକ ବିଦ୍ୟାଳୟର ସ୍ଥିତି ଏହିପରି। ଶିଶୁ ସୁରକ୍ଷା ସମିତି କଥା ନ କହିଲେ ଭଲ। ପିଲାମାନେ ନିଜେ ଜାଣିନାହାନ୍ତି ସେମାନେ ସଦସ୍ୟ ଅଛନ୍ତି କି ନାହିଁ। ଅଧିକାଂଶ ସ୍ଥାନରେ ଆଜି ପର୍ଯ୍ୟନ୍ତ ଶିଶୁ ସୁରକ୍ଷା ସମିତି ଗଠନ କରାଯାଇ ନାହିଁ। ଏହା କେବଳ ତୃଣମୂଳ ସ୍ତରର ନୁହେଁ, ରାଜ୍ୟ ଏବଂ ଜାତୀୟ ସ୍ତରର ସ୍ଥିତି ମଧ୍ୟ ଏଇଆ।

ବେସରକାରୀ ସ୍ତରରେ ଏହାର ସ୍ଥିତି ଟିକିଏ ଭିନ୍ନ। ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଶିଶୁ ସହଭାଗିତା ଉପରେ ଅନେକ ଉଦାହରଣ ସୃଷ୍ଟି କରିଛନ୍ତି। ନିଜସ୍ୱ ସମ୍ବଳରେ ଶିଶୁ ସଂଗଠନ ତିଆରି, ସେମାନଙ୍କ ତାଲିମ୍, ଶିଶୁ ସାମ୍ବାଦିକତା ସୃଷ୍ଟି, ଶିଶୁମାନଙ୍କ ଦ୍ୱାରା ଶିଶୁ ପତ୍ରିକାର ପ୍ରକାଶନ, ଶିଶୁଙ୍କ ମାଧ୍ୟମରେ ନମୁନା ବିଧାନସଭାର ଆୟୋଜନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ମାତ୍ର ଏହା କିଛି ଅଞ୍ଚଳରେ ସୀମିତ। ଉଭୟ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ମିଳିତ ପ୍ରୟାସରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିବ।

ଶଗଡ଼ା, ବୌଦ୍ଧ, ମୋ–୯୧୭୮୫୪୫୭୯୮

# ଜୀବନ ରକ୍ଷାକାରୀ ଓଜୋନ ସ୍ତର



ବିଭୁପ୍ରସାଦ ମହାପାତ୍ର

କୁହାଯାଏ– "Earth without ozone is like a house without roof." ଆଜିକାଲି ଓଜୋନ୍ ସ୍ତରର କ୍ଷୟ ଏକ ଆତଙ୍କର କାରଣ ହୋଇଛି। ସ୍ୱନାମଧନ୍ୟ ସାହିତ୍ୟିକ, ଜର୍ମାନ୍ ଔପନ୍ୟାସିକ ଓ ଗାଳ୍ପିକ ଫ୍ରାଞ୍ଜ୍ କାଫ୍‌କା(୧୮୮୩–୧୯୨୪)ଙ୍କ ପ୍ରତୀକସ୍ୱରୂପ ମୂଷା ପରି ତଥାକଥିତ ସଭ୍ୟ ଓ ଶିକ୍ଷିତ ମନୁଷ୍ୟର ଅବସ୍ଥା ବି ସଙ୍କଟାପନ୍ନ। ପ୍ରବେଶପଥ ପ୍ରଶସ୍ତ ଥାଇ ଦୁଇ ଉଚ୍ଚା କାନ୍ଥ ମଝିରେ ବିଚରା ମୂଷାଟି ଆନନ୍ଦରେ ଡେଇଁ ଡେଇଁ ଯାଇ ହଠାତ୍ ସମ୍ମୁଖସ୍ଥ ଯନ୍ତାକୁ ଦେଖି ହଡବଡେଇ ଯାଇଛି। ପଛକୁ ଫେରିବାର ସୁଯୋଗ ପାଇପାରିନାହିଁ। ଏକବିଂଶ ଶତାବ୍ଦୀର ଅଦୂରଦର୍ଶୀ ତଥା ଆତ୍ମଘୋଷିତ ସଭ୍ୟ ମାନବଙ୍କ ଅବସ୍ଥା ଏହାଠାରୁ କିଛି ଭିନ୍ନ ନୁହେଁ। କେତେ ଆଲୋକବର୍ଷ ଦୂରରେ ଥିବା କାଳ୍ପନିକ ସେପ୍‌ଟାନିଆ ଗ୍ରହରେ ଯଦି ବୁଦ୍ଧିମାନ୍ ପ୍ରାଣୀମାନେ ବିଚରଣ କରୁଥାନ୍ତି, ତେବେ ଆମମାନଙ୍କ ହତାଶାଭାବ ଦେଖି ସେମାନେ ହାସ୍ୟ ସମ୍ବରଣ କରି ରହିପାରୁ ନ ଥିବେ।

ଆଧୁନିକ ବିଜ୍ଞାନ ଯୁଗର ସୁସଂସ୍କୃତ ମନୁଷ୍ୟର ଚିନ୍ତା ଓ ଚେତନାର ପରିପ୍ରକାଶ ହିଁ କାର୍ଯ୍ୟରେ ରୂପାନ୍ତର ହୋଇଥାଏ। ଦାର୍ଶନିକ ଏକ୍‌ହାର୍ଟ ଟୋଲେଙ୍କ ମତରେ– "The pollution of the planet is only an outward reflection of an inner psychic pollution. Millions of unconscious individuals not taking responsibility for their inner space." ଉନ୍ନତ ଓ ସଭ୍ୟ ସମାଜର ସଭ୍ୟତାର ରୂପାନ୍ତର ଘଟିଛି 'ଆତ୍ମଘାତୀ ସଭ୍ୟତା' ରୂପେ। ଭସ୍ମାସୁର ସାଜି 'ଆ ବଳଦ ମୋତେ ବିନ୍ଧ୍' ପରି ନିଜର ଦୁର୍ଗତିକୁ ନିଜ ଆଡକୁ ଟଣାଚାଲିଛି। ଫଳରେ ଓଜୋନ୍ କ୍ଷୟ ପରି ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଅତିବାଇଗଣୀ ରଶ୍ମି ପରି କେତେକ କ୍ଷତିକାରକ ବିକିରଣ ସୂର୍ଯ୍ୟପୃଷ୍ଠରୁ ନିର୍ଗତ ହୋଇଥାଏ। ପୃଥିବୀପୃଷ୍ଠକୁ ଘେରି ରହିଥିବା ବାୟୁମଣ୍ଡଳ ଉକ୍ତ ରଶ୍ମିକୁ ପ୍ରତିରୋଧ ତଥା ଅବଶୋଷଣ କରି ପୃଥିବୀବାସୀଙ୍କୁ ସମ୍ଭାବ୍ୟ ବିପଦରୁ ରକ୍ଷା କରିଥାଏ। ପୃଥିବୀ ଉପରେ ରହିଥିବା ବାୟୁର ପତଳା ଆସ୍ତରଣକୁ ବାୟୁମଣ୍ଡଳ କୁହାଯାଏ। ପୃଥିବୀ ପୃଷ୍ଠରୁ ପ୍ରାୟ ୯୦୦ କି.ମି. ଉଚ୍ଚତା ଯାଏ ବିଭିନ୍ନ ଅନୁପାତରେ ବିଭିନ୍ନ ଗ୍ୟାସ୍ ଦେଖିବାକୁ ମିଳେ। ଭିନ୍ନ ଭିନ୍ନ ଉଚ୍ଚତା ଅନୁଯାୟୀ ବାୟୁମଣ୍ଡଳର ସ୍ତରକୁ ଭିନ୍ନ ଭିନ୍ନ ନାମକରଣ କରାଯାଇଛି। ଯଥା– କ୍ଷୋଭ ମଣ୍ଡଳ, ସମୋଷ୍ଣ ମଣ୍ଡଳ, ମଧ୍ୟ ମଣ୍ଡଳ, ଆୟନ ମଣ୍ଡଳ ଏବଂ ବହିଃମଣ୍ଡଳ। କ୍ଷୋଭ ମଣ୍ଡଳ (ଟ୍ରପୋସ୍ଫିୟର) ସୀମା ପାଖରେ ଓଜୋନ୍ ସ୍ତର ସମୋଷ୍ଣ ମଣ୍ଡଳ (ଷ୍ଟ୍ରାଟୋସ୍ଫିୟର)କୁ କେତେ କି.ମି. ଯାଏ ବ୍ୟାପିଥାଏ। ପୃଥିବୀପୃଷ୍ଠରୁ ଉପରକୁ ୧୫ରୁ ୪୦ କି.ମି. ପର୍ଯ୍ୟନ୍ତ ବ୍ୟାପିଥିବା ଏହି ସ୍ତରକୁ ଜୀବଜଗତର ରକ୍ଷା କବଚ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାକୁ ପୃଥିବୀ ମା'ର ପ୍ରାକୃତିକ ପରଦା (Natural sunscreen) ବୋଲି ମଧ୍ୟ କୁହାଯାଏ। ଅମ୍ଳଜାନ ($O_2$)ର ପରିବର୍ତ୍ତିତ ରୂପ ଓଜୋନ୍ ($O_3$) ବାଷ୍ପର ଏକ କଟୁ ଗନ୍ଧ ରହିଥିବାରୁ ଗ୍ରୀକ୍ ଶବ୍ଦ 'Ozein' (Smell) ଅନୁସାରେ ଏହା ନାମିତ ହୋଇଛି। ୩ଟି ଅମ୍ଳଜାନ ପରମାଣୁରେ ଗଠିତ ହୋଇଥିବାରୁ ଜେକ୍ସ ଲୁଇ ସୋରେଟ୍ ନାମକ ବୈଜ୍ଞାନିକ ଏହାର ସଂକେତକୁ '$O_3$' ଭାବେ ଲେଖିଥିଲେ। ସମୋଷ୍ଣ ମଣ୍ଡଳର ତଳଭାଗରେ ଥିବା ଅମ୍ଳଜାନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ସମ୍ମୁଖୀନ ହୋଇ ଓଜୋନ୍‌କୁ ରୂପାନ୍ତରିତ ହୁଏ। ପୁନଶ୍ଚ ବିଶ୍ଳେଷିତ ହୋଇ ଅମ୍ଳଜାନରେ ପରିଣତ ହୋଇଥାଏ। ଉଭୟ ପ୍ରକ୍ରିୟା ପ୍ରାକୃତିକ ଉପାୟରେ କ୍ରମାଗତ ଲାଗିରହେ। ଏହିପରି ଭାବେ କ୍ଷତିକାରକ ଅତିବାଇଗଣୀ ରଶ୍ମି ବିଶୋଷିତ ହୋଇଯାଏ ଏବଂ ପୃଥିବୀପୃଷ୍ଠକୁ ଆସିପାରେ ନାହିଁ।

### ୧୬।୯ ବିଶ୍ୱ ଓଜୋନ ଦିବସ ଉପଲକ୍ଷେ

କିନ୍ତୁ କଳକାରଖାନା ଓ ଯାନବାହନ ଇତ୍ୟାଦିରୁ ନିର୍ଗତ ନାନାପ୍ରକାର ବାଷ୍ପ ଏହି ଓଜୋନ୍ ବାଷ୍ପକୁ ନଷ୍ଟ କରୁଛି। ପ୍ରଧାନ ଓଜୋନ୍ କ୍ଷୟକାରୀ ପଦାର୍ଥଗୁଡିକ ହେଲା– କ୍ଲୋରୋଫ୍ଲୋରୋକାର୍ବନ୍ (CFC), ହାଇଡ୍ରୋ କ୍ଲୋରୋଫ୍ଲୋରୋ କାର୍ବନ୍ (HCFC), କାର୍ବନ୍‌ଟେଟ୍ରାକ୍ଲୋରାଇଡ୍ ($CCL_4$), ଟ୍ରାଇକ୍ଲୋରୋ ଇଥେନ୍, ହାଲୋନ୍, ଯବକ୍ଷାରଜାନ ଅକ୍‌ସାଇଡ୍ ଏବଂ ଗନ୍ଧକ ଅକ୍‌ସାଇଡ୍ ଇତ୍ୟାଦି। ଶୀତତାପ ନିୟନ୍ତ୍ରଣ, ରେଫ୍ରିଜରେଟର, ଫୋମ୍ ରବର ଶିଳ୍ପରୁ CFC ଏବଂ ଯାନବାହନ ଓ ଜେଟ୍ ବିମାନରୁ ଗନ୍ଧକ ଅକ୍‌ସାଇଡ୍ ଓ ଯବକ୍ଷାରଜାନ ଅକ୍‌ସାଇଡ୍ ନିର୍ଗତ ହୁଏ।

ଓଜୋନ୍ ସ୍ତରଟି ଧୀରେ ଧୀରେ ପତଳା ହେବା ସହ କେତେକ ସ୍ଥାନରେ ସମ୍ପୂର୍ଣ୍ଣ କ୍ଷୟ ହୋଇଯାଉଛି। ଏହାକୁ ଓଜୋନ୍ ଗର୍ତ୍ତ ବୋଲି କୁହାଯାଏ। 'ନେଚର୍' ପତ୍ରିକାର ମେ' ୧୯୮୫ ସଂଖ୍ୟାରେ ଫାରମ୍ୟାନ୍, ଗାର୍ଡିନର ଏବଂ ଶାଙ୍କଲିନ୍ ପ୍ରଥମେ ଉକ୍ତ ଗର୍ତ୍ତ ବିଷୟରେ ଉଲ୍ଲେଖ କରିଥିଲେ। ଓଜୋନ୍ ସ୍ତରକୁ ରକ୍ଷାକରିବା ନିମନ୍ତେ ୧୯୮୭ ସପ୍ଟେମ୍ବର ୧୬ରେ କାନାଡାର ମଣ୍ଟ୍ରିଲ ସହରରେ ୨୪ଟି ଦେଶ ଏକ ଚୁକ୍ତି କରିଥିଲେ। ଓଜୋନ୍ କ୍ଷୟ ଫଳରେ ଦେଖାଦେଉଥିବା ଚର୍ମ କର୍କଟ ଓ ଚକ୍ଷୁରୋଗ କମାଇବା, ଓଜୋନ୍ କ୍ଷୟକାରୀ ବାଷ୍ପର ନିର୍ଗମନ କମାଇବା ଏବଂ ଏହାର ବିକଳ୍ପର ସନ୍ଧାନ କରିବା ଏହି ଚୁକ୍ତିର ଅଭିପ୍ରାୟ ଥିଲା। ମିଳିତ ଜାତିସଂଘର ସାଧାରଣ ସଭାର ୪୯/୧୧୪ ପ୍ରସ୍ତାବ (୨୩ ଜାନୁୟାରୀ ୧୯୯୫) ଅନୁସାରେ ସେପ୍ଟେମ୍ବର ୧୬କୁ 'ଅନ୍ତର୍ଜାତୀୟ ଓଜୋନ୍ ଦିବସ' ରୂପେ ପାଳନ କରାଯାଉଛି।

ଭୋଗଡା, ଖୋର୍ଦ୍ଧା, ମୋ–୮୨୭୦୦୮୩୬୫୩

## ଏଇ ଭାରତରେ

'କନ୍ୟା ରତ୍ନ କର ଯତ୍ନ' ସ୍ଲୋଗାନକୁ ଲୋକେ ଭୁଲିଗଲେଣି। ପରିବାରରେ କନ୍ୟାସନ୍ତାନ ଜନ୍ମିଲେ ଆଜିକାଲି ବାପାଙ୍କ ମନ ଫିକା ପଡିଯାଉଛି। ସ୍ଥଳବିଶେଷରେ କନ୍ୟା ସନ୍ତାନକୁ ହତ୍ୟାକରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ନିକଟରେ ଏପରି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ବରେଲିଠାରେ। ପରିବାରରେ ଗୋଟିଏ ସନ୍ତାନ ଜନ୍ମ ହୋଇଥିବାରୁ ମନକୁ ବୁଝେଇ ଚଳିହେଉଥିଲା। କିନ୍ତୁ ଏହାପରେ ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ପିତା ପ୍ରଥମ କନ୍ୟାକୁ ଛାତ ଉପରୁ ତଳକୁ ଫୋପାଡି ଦେବା ଘଟଣା ଅତ୍ୟନ୍ତ ଅମାନୁଷିକ। ପୁତ୍ରସନ୍ତାନ ପାଇଁ ଆଶା ରଖିଥିବା ପିତା ଆଉ ଏକ କନ୍ୟାସନ୍ତାନ ଜନ୍ମ ହେବାରୁ ୧୮ ମାସର ପ୍ରଥମ କନ୍ୟାକୁ ଛାତରୁ ତଳକୁ ଫୋପାଡି ଦେଇଥିଲେ। ସିବି ଗଞ୍ଜ୍ ପୋଲିସ ଷ୍ଟେଶନ୍ ଅଧୀନ ପାର୍ଧୋଲି ଗାଁର କାବ୍ୟା ନାମକ ଏହି କନ୍ୟାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପିତା ଅରବିନ୍ଦ ଗଙ୍ଗୱାରଙ୍କୁ ଗିରଫ କରାଯାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପାଞ୍ଚଦିନ ତଳେ ଅରବିନ୍ଦଙ୍କ ପତ୍ନୀ ଦ୍ୱିତୀୟ ବାର ଝିଅ ଜନ୍ମ କରିବାରୁ ତାଙ୍କ ଘରେ ଉତ୍ତେଜନା ଲାଗି ରହିଥିଲା। ପୁଅ ନ ପାଇ ନିରାଶ ହୋଇପଡ଼ିଥିବା ଅରବିନ୍ଦ ଗୁରୁବାର ଝିଅକୁ ଛାତ ଉପରକୁ ନେଇ ତଳକୁ ଖସାଇଦେଇଥିଲେ। ଏପରି ନିର୍ଦ୍ଦୟ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ନିନ୍ଦା କରିଛନ୍ତି।

### ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି–
ମୁକତ ମହା ବସୁଧା।
(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୩


- ଆନ୍ତର୍ଜାତିକ ସ୍ତରରେ ଜଙ୍ଗଲର ବିକାଶ, ସଂରକ୍ଷଣ ପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ବନୀକରଣ ଚୁକ୍ତି ସ୍ୱାକ୍ଷରିତ।
- ବିହାରରେ ଏକ ବସ୍ ଦୁର୍ଘଟଣାରେ ୪୦ ମୃତ।

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଛାଡ଼ପତ୍ର ମାମଲା ଓ ଦ୍ୱିତୀୟ ବିବାହ

ମହାଶୟ,

ପୂର୍ବରୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଛାଡ଼ପତ୍ର ମକଦ୍ଦମା ବିଚାର ଫଇସଲା ନ ହେବା ପର୍ଯ୍ୟନ୍ତ ପୁଅ କିମ୍ବା ଝିଅ ଦ୍ୱିତୀୟ ବିବାହ କରିପାରିବେ ନାହିଁ। ମାତ୍ର ଅଧିକାଂଶ ସ୍ଥଳେ କେସ୍ ଫଇସଲା ହେବା ପାଇଁ ଚାରି କିମ୍ବା ପାଞ୍ଚ ବର୍ଷ ବା ତା'ଠାରୁ ବେଶି ସମୟ ଲାଗିଯାଉଛି। ଫଳରେ ପୁଅ କିମ୍ବା ଝିଅଙ୍କର ଦ୍ୱିତୀୟ ବିବାହ ପାଇଁ ବୟସ ଗଡ଼ିଯାଉଛି ଓ ତା'ଦ୍ୱାରା ବହୁତ ସାମାଜିକ ବିଭ୍ରାଟ ଦେଖାଦେଉଛି। ତେଣୁ ସୁପ୍ରିମ୍‌କୋର୍ଟ ମାମଲା ଫଇସଲା ପାଇଁ ଏକ ସ୍ୱଳ୍ପ ସମୟସୀମା ଧାର୍ଯ୍ୟ କରନ୍ତୁ ଓ ଏହି ସମୟ ମଧ୍ୟରେ ମକଦ୍ଦମା ଫଇସଲା ହେବା ଫଳରେ ବହୁ ଝିଅପୁଅଙ୍କର ଜୀବନଯାତ୍ରା ପୁଣି ଥରେ ସୁଗମ ହୋଇପାରିବ।

ରଘୁନାଥ ସାହୁ, ପୁରୀ

### ଖାଦ୍ୟର ମାନ ଯାଞ୍ଚ କରାଯାଉ

ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଖୁଚୁରା ବ୍ୟବସାୟୀମାନେ ବିକ୍ରୟ କରୁଥିବା ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ଯାଞ୍ଚ କରାଯିବା ନିହାତି ଆବଶ୍ୟକ। ଯଦି ଖାଦ୍ୟର ମାନ ଖରାପ ପ୍ରମାଣିତ ହୁଏ, ତେବେ ତାହା ନଷ୍ଟ କରାଯାଇଥାଏ ଏବଂ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିବାର ସରକାରୀ ନିୟମ ରହିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଖାଦ୍ୟର ମାନ ନିୟମିତ ବ୍ୟବଧାନରେ ପରଖିବା ସମ୍ଭବପର ହେଉନାହିଁ। ଖାଦ୍ୟ ଇନ୍ସପେକ୍ଟର ଥିଲେ ମଧ୍ୟ ବିଭିନ୍ନ ହୋଟେଲର ତଥା ରାସ୍ତାକଡ଼ ଦୋକାନଗୁଡ଼ିକର ଖାଦ୍ୟ ଯାଞ୍ଚ କରାଯାଉ ନାହିଁ। ବିଭିନ୍ନ ପ୍ୟାକେଟ୍‌ରେ ବିକ୍ରି ହେଉଥିବା ଖାଦ୍ୟର ମାନ ତଥା ତେଲ, ଡାଲି ପ୍ରଭୃତିର ଅପମିଶ୍ରଣ ସମ୍ବନ୍ଧରେ ମଧ୍ୟ ନିୟମିତ ଭାବେ ଯାଞ୍ଚ କରାଯାଉ ନାହିଁ। ତେଣୁ ପ୍ରଚଳିତ ଆଇନ କଡ଼ାକଡ଼ି କରାଗଲେ ଜନସାଧାରଣ ସ୍ୱାସ୍ଥ୍ୟକର ତଥା ରୁଚିକର ଖାଦ୍ୟ ପାଇପାରନ୍ତେ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଗଧରୁ ମଣିଷ

ଡ. ଛାୟାକାନ୍ତ ବାବୁଙ୍କ ପ୍ରବନ୍ଧ 'ଗଧରୁ ମଣିଷ' ପଢି ମୁଗ୍ଧ ହେଲି। ନିର୍ବାକ୍ ଶିଶୁକୁ ଅ–ଆ ଶିଖେଇ ମାଟିରୁ ସୁନା କରିଥିବା ପ୍ରାଥମିକ ଶିକ୍ଷକକୁ ପ୍ରାୟ ସମସ୍ତେ ହତାଦର କରନ୍ତି। କିନ୍ତୁ ମନେ ରଖିବାକୁ ହେବ ଶଙ୍ଖ ମଲମଲ ତାଜମହଲକୁ ଧରି ରଖିଛି କଳା ମୁଗୁନିପଥରର ମୂଳଦୁଆ। ନିଜ ନାଁ ପଛରେ ଇଂଲିଶ ବର୍ଣ୍ଣମାଳାରୁ ଦି, ଚାରିଟା ଅକ୍ଷର ଲଗାଇ ଆମେ ନିଜକୁ ବଡ଼ ମନେକରୁଛେ। କିନ୍ତୁ ସତରେ ଏସବୁର ପ୍ରମୁଖ ବିଦ୍ଧାଣି ଶିକ୍ଷକଟିଏ। ତାଙ୍କର ସମ୍ମାନ ହିଁ ଆମର ସମ୍ମାନ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଉଦ୍ଧାର

ତାଳଚେର,୧୪।୯(ନି.ପ୍ର.)- ତାଳଚେର କଲେଜ ସମ୍ମୁଖ ରେଙ୍ଗାଳି ଦକ୍ଷିଣ କେନାଲରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ କୌତୁକୀ ନାଥ(୬୫), ଘର ତାଳଚେର ଟାଉନ ଅରାସାହିରେ ବୋଲି ଜଣାପଡିଛି। ୩ ଦିନ ତଳେ କୌତୁକୀ ପାରିବାରିକ କଳହ ଯୋଗୁ ଘରୁ ପଳାଇ ଆସି ଆଉ ଫେରି ନ ଥିଲେ। ତାଙ୍କ ମୃତଦେହ କେନାଲରେ ଭାସୁଥିବା ଜଣାପଡିବା ପରେ ଦମକଳ କର୍ମଚାରୀମାନେ ଶବ ଉଦ୍ଧାର କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏ ନେଇ ତାଳଚେର ଥାନାରେ ନଂ. ୪୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଅଧିଗୃହୀତ ଜମିରେ ଚାଷ କରିବାକୁ ଚେତାବନୀ

ତାଳଚେର,୧୪।୯(ନି.ପ୍ର.)- ଏମ୍‌ସିଏଲ୍‌ର ଏଠାରେ ଥିବା ଲିଙ୍ଗରାଜ ଓ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ତାଳଚେର ବ୍ଲକ କଣ୍ଡାଳ ଗ୍ରାମବାସୀଙ୍କ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ନିଯୁକ୍ତି, ଗ୍ରାମର ବଳକା ଜମିକୁ ଅଧିଗ୍ରହଣ ଦାବି ସମେତ ଗ୍ରାମର ଅନ୍ୟାନ୍ୟ ସମସ୍ୟା ନେଇ ଗ୍ରାମବାସୀ ଅନେକ ଥର ଖଣି କର୍ତ୍ତୃପକ୍ଷ, ଜିଲା, ଉପଖଣ୍ଡ ପ୍ରଶାସନ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦ୍ୱାରସ୍ଥ ହେବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଅଧିଗୃହିତ ଜମିକୁ ଗ୍ରାମବାସୀ ନିଜ ଅକ୍ତିଆରକୁ ଆଣି ଚାଷ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଖଣି କର୍ତ୍ତୃପକ୍ଷ, ପୋଲିସ, ପ୍ରଶାସନକୁ ଅବଗତ କରାଯାଇଥିବା ଗ୍ରାମ କମିଟି ସଭାପତି କାଶୀନାଥ ଶତପଥୀ, ସରପଞ୍ଚ ଧରିତ୍ରୀ ମହାପାତ୍ର, ଧୀରେନ ଶତପଥୀ ପ୍ରମୁଖ ପ୍ରକାଶ କରିଛନ୍ତି।

### ଭୋଗ ଖାଇ ୪୦ ଅସୁସ୍ଥ

ବଇଣ୍ଡା,୧୪।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁତୁଲିସିଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଗଣେଶ ପୂଜା ଭୋଗ ଖାଇ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ୧୦ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ର ସତ୍ୟ ପ୍ରଧାନ, ଲାଲଟୁ ପ୍ରଧାନ, ବିକାଶ ପ୍ରଧାନ, ଟୁଟୁ ନାୟକ, କାଳିଆ ବେହେରା, ଛାତ୍ରୀ ରୁପାଲି ବେହେରା ପ୍ରମୁଖ ଚିକିତ୍ସିତ ହେଉଛନ୍ତି। ଗ୍ରାମବାସୀ କହିଛନ୍ତି, ବିଦ୍ୟାଳୟରେ ପୂଜା ଅବସରରେ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ପିଲାମାନେ ଓ ଗ୍ରାମବାସୀ ଭୋଗ ଖାଇ ଘରକୁ ଆସିଥିଲେ। ରାତିରେ ସେମାନଙ୍କୁ ଜ୍ୱର ହେବା ସହ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ କହିଛନ୍ତି, ଉକ୍ତ ଗ୍ରାମକୁ ଏକ ସ୍ୱତନ୍ତ୍ର ଦଳ ଯାଇ ଚିକିତ୍ସା କରିବେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

### ଭାଲୁ ଆକ୍ରମଣରେ ଜଣେ ଆହତ

ମାଧପୁର, ୧୪।୯- ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ପୀତବାସପୁର ଗ୍ରାମର ଲିପିକା ଭୋଇ(୨୩) ଶୁକ୍ରବାର ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ଅପରାହ୍ନରେ ସେ ପୀତବାସପୁରରୁ ମାଧପୁର ଅଭିମୁଖେ ଆସୁଥିବାବେଳେ ଲାଉପାଳ ପ୍ରୋଜେକ୍ଟ ନିକଟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ମାଧପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

**ପୋଖରୀ ହୁଡ଼ାରୁ ମୃତଦେହ ଉଦ୍ଧାର ଘଟଣା**

### ହତ୍ୟା ମାମଲା ରୁଜୁ

ବଇଣ୍ଡା,୧୪।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ କରଡ଼ାବାହାଲି ଗ୍ରାମର ଗଙ୍ଗାଧର ବେହେରାଙ୍କ ମୃତଦେହ ବୁଧବାର ବେଲବଣିଆ ଗ୍ରାମର ଏକ ପୋଖରୀ ହୁଡ଼ାରୁ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ନଂ. ୮୬/୧୮ରେ ଏକ ହତ୍ୟା ମାମଲା ରୁଜୁ କରିଛି। ବେଲବଣିଆ ଗ୍ରାମର ମିଛୁ ଦେହୁରୀ ଓ ତାଙ୍କ ସ୍ତ୍ରୀ ମିଶି ତାଙ୍କୁ ହତ୍ୟା କରିଥିବା ଗଙ୍ଗାଧରଙ୍କ ବାପା ଟିକୁନ ବେହେରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବିଳମ୍ବ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଗୁରୁବାର ଅପରାହ୍ନ ୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତା ଅବରୋଧ କରିଥିଲେ।

**ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭାଙ୍ଗିବ ପୋକତୁଙ୍ଗା ଘାଇ**

# ଭାସିବ ଶଙ୍ଖପୁର ଗ୍ରାମ

ବନ୍ତଳା, ୧୪।୯ (ଡି.ଏନ.ଏ)



> ■ବିବାଦ ଯୋଗୁ ନିଷ୍କାସନ ହୋଇପାରୁନି ପାଣି
> ■ଭାଙ୍ଗିବ ୪ ଶହ ଘର
> ■ପ୍ରଭାବିତ ହେବେ ହଜାରରୁ ଊର୍ଦ୍ଧ୍ୱ ପରିବାର
> ■ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି

ଅନୁଗୋଳ ଜିଲା ଶଙ୍ଖପୁର ଗ୍ରାମବାସୀଙ୍କ ଚିନ୍ତା ବଢାଇଛି ପୋକତୁଙ୍ଗା ଘାଇ। ଘାଇରୁ ପାଣି ନିଷ୍କାସନ ବାଟ ବନ୍ଦ ହୋଇଯାଇଥିବାରୁ ଏହା ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗିଯିବାର ଆଶଙ୍କା ଉପୁଜିଛି। ଯଦି ଏପରି ସ୍ଥିତି ଉପୁଜେ ତେବେ ସମ୍ପୂର୍ଣ୍ଣ ଶଙ୍ଖପୁର ଗ୍ରାମ ଏଥିରେ କ୍ଷତିଗ୍ରସ୍ତ ହେବ ବୋଲି ଗ୍ରାମବାସୀ ଆକଳନ କରିଛନ୍ତି। ଗ୍ରାମର ପ୍ରାୟ ୪ ଶହ ଘର ଭାସିଯିବା ସହ ହଜାରେରୁ ଊର୍ଦ୍ଧ୍ୱ ପରିବାର କ୍ଷତିଗ୍ରସ୍ତ ହେବେ। ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ ସୃଷ୍ଟ ବିବାଦ ଏପରି ପରିସ୍ଥିତି ଉପୁଜାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ନିବେଦନ କରିଛନ୍ତି।

ଗ୍ରାମବାସୀଙ୍କ କହିବା ମୁତାବକ, ୧୯୫୬ ମସିହା ବନ୍ୟାରେ ବଉଳିନାଳରେ ନନ୍ଦପୁର ପଞ୍ଚାୟତ ବ୍ରହ୍ମପୁର ଗ୍ରାମ ନିକଟରେ ଘାଇ ସୃଷ୍ଟି ହୋଇଥିଲା। ବ୍ରହ୍ମପୁର, ମଧୁପୁର, ପୋକତୁଙ୍ଗା, ମାଣପୁର, ଶଙ୍ଖପୁର, ଖାଲଗାଁ ଦେଇ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଘାଇ ବ୍ୟାପିଥିଲା। ବିଭିନ୍ନ ଜାଗାରେ ୨୦ରୁ ୩୦ ଫୁଟ ଗଭୀର ଓ ୧୦୦ ଫୁଟ ଚଉଡ଼ାରେ ଘାଇ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ୧୯୬୦ ମସିହାରେ ସରକାର ବ୍ରହ୍ମପୁରଠାରେ ବଉଳିନାଳ ଉପରେ ଡ୍ୟାମ୍ କରି କେନାଲ ନିର୍ମାଣ କରିଥିଲେ। ଫଳରେ ନନ୍ଦପୁର, ପୋକତୁଙ୍ଗା, ଧୋକୁଟା, ଶଙ୍ଖପୁର ଆଦି ୪ଟି ପଞ୍ଚାୟତ ଲୋକେ ଉପକୃତ ହୋଇଥିଲେ। ୧୯୭୦ ରୁ ୧୯୭୪ ମଧ୍ୟରେ ମଧୁପୁର, ପୋକତୁଙ୍ଗା, ମାଣପୁର, ଶଙ୍ଖପୁର ଓ ଖାଲଗାଁରେ ଘାଇ ସୃଷ୍ଟି ସ୍ଥାନରେ ମାଟି ବନ୍ଧାଇ ହୁଡ଼ା କରି ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରିଥିଲେ। ପ୍ରଥମେ ମାଣପୁର ବ୍ରାହ୍ମଣ ଶାସନ ଲୋକେ ହୁଡା ପାଇଁ ମାଟି ବନ୍ଧାଇ ଥିବାବେଳେ ପୋକତୁଙ୍ଗା, ପାଟଣାସାହିର ବାସିନ୍ଦା ସହଯୋଗ କରିଥିଲେ। ୧୯୭୪ରେ ପୁନର୍ବାର ଘାଇଟି ଭାଙ୍ଗି ଯାଇଥିଲା। ସେହି ସମୟରେ ପୋକତୁଙ୍ଗା ଓ ପାଟଣାସାହିର ୫ ଶହରୁ ଊର୍ଦ୍ଧ୍ୱ ଲୋକ ମିଶି ଏକ ବିରାଟ ହୁଡ଼ା ପକାଇଥିଲେ। ସାତକୋଶିଆ ଅଭୟାରଣ୍ୟରୁ ବାଉଁଶ ଭେଳା ଆଣି ୧୦୦ ମିଟର ଲମ୍ବ, ୧୦୦ଫୁଟ ଚଉଡ଼ା ଓ ୩୦ ଫୁଟ ଉଚ୍ଚତାରେ ହୁଡା ତିଆରି ହୋଇଥିଲା। ଏଥିରେ ପାଣି ଗଚ୍ଛିତ ହୋଇ ରହୁଥିବାରୁ ପୋକତୁଙ୍ଗା, ମାଣପୁର, ଶଙ୍ଖପୁର ଓ ଖାଲଗାଁର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ପ୍ରକାର ଚାଷ ପାଇଁ ଏଥିରୁ ପାଣି ଜମିରେ ମଡାଉଥିଲେ। ତେବେ ୧୯୮୫ରେ ହୁଡାରେ ମାଛ ଚାଷକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରେ ଏହି ମାମଲା କୋର୍ଟରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଅବିଭକ୍ତ ଢେଙ୍କାନାଳ ଜିଲାପାଳ ହୃଷୀକେଶ ପଣ୍ଡା ଘଟଣାରେ ହସ୍ତକ୍ଷେପ କରି ଏକ ଚୁକ୍ତିପତ୍ର କରିଥିଲେ। ମାଛ ଚାଷର ୫୦ ଭାଗ ଜମି ମାଲିକ, ପାଟଣା ସାହି ବାସୀ ୨୫ ଭାଗ ଓ ପୋକତୁଙ୍ଗା ଗ୍ରାମବାସୀ ୨୫ ଭାଗ ନେବେ ବୋଲି ସ୍ଥିର ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମାଛଚାଷର ଲାଭାଂଶ ପୋକତୁଙ୍ଗା ଗ୍ରାମବାସୀ ପାଇ ନ ଥିବା ସେମାନେ ପ୍ରକାଶ କରିଛନ୍ତି। କେବଳ ପାଟଣାସାହି ଓ ଜମି ମାଲିକଙ୍କ ମଧ୍ୟରେ ମାଛ ଚାଷ ଲାଭ ବଣ୍ଟା ଯାଉଥିଲେ ହେଁ ସେମାନଙ୍କ ମଧ୍ୟରେ ମଧ୍ୟ ବିବାଦ ଉପୁଜିଥିଲା। ପାଟଣାସାହି ମାଛ ଚାଷୀ ଜମି ମାଲିକଙ୍କୁ ସେମାନଙ୍କ ଭାଗର ମାଛ ଦେଉ ନ ଥିବା ନେଇ ଜମି ମାଲିକ ଅଭିଯୋଗ କରିଥିଲେ। ଏ ନେଇ ବହୁବାର ଥାନାରେ ଅଭିଯୋଗ ଓ ସମାଧାନ ହେବା ପରେ ୨୦୧୭ରେ ବିବାଦ ବଢିଥିଲା। ପରେ ମାଲିକମାନେ ନିଜ ନିଜ ସ୍ଥାନରେ ବନ୍ଧ ଦେଇ ହୁଡାରେ ୮ଟି ପୋଖରୀ ନିର୍ମାଣ କରିଛନ୍ତି। ଘାଇରେ ଉପରପଟୁ ପାଣି ପଶୁଥିବାବେଳେ ମା’ କଳାପାଟ ଠାକୁରାଣୀ ପୀଠ ପାଖରେ ୨ଟି ନାଳ ଦେଇ ନିଷ୍କାସନ ହେଉଥିଲା। କିନ୍ତୁ ବ୍ୟକ୍ତିଗତ ଭାବେ ପୋଖରୀ ନିର୍ମାଣ ଓ ମାଛ ଚାଷ ହେବା ଯୋଗୁ ପାଣି ନିଷ୍କାସନ ସ୍ଥାନରେ ଜମି ମାଲିକ ନଳାକୁ ବନ୍ଦ କରିଦେଇଛନ୍ତି। ବର୍ତ୍ତମାନ ସେଠାରେ ପାଣି ଭର୍ତ୍ତି ହୋଇ ଘାଇ ଉଛୁଳୁ ଥିବାରୁ କୌଣସି ମୁହୂର୍ତ୍ତରେ ବନ୍ୟା ପରିସ୍ଥିତି ଉପୁଜି ପାରେ ବୋଲି ଶଙ୍ଖପୁର ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଜିଲା ପ୍ରଶାସନ ହସ୍ତକ୍ଷେପ କରି ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ତହସିଲଦାର ବିଚିତ୍ରା ନନ୍ଦ ନାୟକ କୁହନ୍ତି, ତାଙ୍କ ପାଖରେ କୌଣସି ଅଭିଯୋଗ ଆସିନାହିଁ। ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କଲା ପରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## କଲ୍‌ଚରାଲ କମିଟିର ନୂତନ କର୍ମକର୍ତ୍ତା

ଅନୁଗୋଳ ଅଫିସ, ୧୪।୯



ଚିତ୍ତରଞ୍ଜନ ମହାପାତ୍ର ଭବାନୀ ପ୍ରଧାନ

ଅନୁଗୋଳ ତାମ୍ରିତ କଲୋନୀ ବିଜୟନଗର କଲଚରାଲ ଆସୋସିଏଶନ ମା’ ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲୋନୀର ବରିଷ୍ଠ ବ୍ୟକ୍ତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ତାମ୍ରିତ ବଜାର କମିଟିର ସମସ୍ତ ସଦସ୍ୟ ଓ ଶୀତଲ ଭିଲ୍ଲାର ସଦସ୍ୟମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଚିତ୍ତରଞ୍ଜନ ମହାପାତ୍ର, ସମ୍ପାଦକ ଭବାନୀ ପ୍ରଧାନ, ଉପସଭାପତି ସଞ୍ଜୀବ ଗଡ଼ନାୟକ, ଶିବାନନ୍ଦ ଦାସ, ସହ ସମ୍ପାଦକ ସମର ନାଥ, କୋଷାଧ୍ୟକ୍ଷ ରଞ୍ଜନ କୁମାର ଦାସଙ୍କୁ ମନୋନୀତ କରାଯାଇଛି। ନିରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୀରୋଦଙ୍କୁ ଯୁବ ସମାଜସେବା ସମ୍ମାନ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷୀରୋଦଙ୍କୁ ସମ୍ମାନିତ କରୁଛନ୍ତି।

ତାଳଚେର,୧୪।୯(ନି.ପ୍ର.)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସାମାଜିକ କର୍ମୀ କ୍ଷୀରୋଦ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଯୁବ ସମାଜସେବା ସମ୍ମାନରେ ସମ୍ମାନିତ କରିଛନ୍ତି । ଏ ବାବଦକୁ ନଗଦ ୨୫ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଛି। ସମ୍ମାନୀତ ଅତିଥି ଭାବେ ରାଜ୍ୟ କ୍ରୀଡା ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀ, ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ହକି ତାରକା ତଥା ଏମ୍‌ପି ଦିଲିପ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ । କ୍ଷୀରୋଦଙ୍କୁ ଜିଲା, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ଅନୁଷ୍ଠାନ ସହ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

**ରାଜପଥରେ ଚାନ୍ଦା ଆଦାୟକାରୀଙ୍କ ଆତଙ୍କ**

# ୮ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ

ଅନୁଗୋଳ ଅଫିସ/ ଛେଣ୍ଡିପଦା(ଡି.ଏନ.ଏ.), ୧୪।୯



ଆହତ ଡ୍ରାଇଭରମାନେ।

ଅନୁଗୋଳ-ଜିନ୍ଦଲ ରାସ୍ତାରେ ମାତିଛନ୍ତି ଚାନ୍ଦା ଆଦାୟକାରୀ। ଚାନ୍ଦା ଦେବାକୁ ମନା କରିବାରୁ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ୮ ଜଣ ଟ୍ରକ୍ ଡ୍ରାଇଭର। ସେମାନେ ହେଲେ ମୟୂରଭଞ୍ଜ ଜିଲାର ହେମନ୍ତ କୁମାର ମହନ୍ତ, ଆନ୍ଧ୍ରପ୍ରଦେଶର ଭି. ତ୍ରିନାଥ ରାଓ ଓ କେ.ଗିରି, ପାଲଲହଡ଼ା ଅଞ୍ଚଳର ଧ୍ରୁବ ଚନ୍ଦ୍ର ମହନ୍ତ, କଲିକତାର ଏମ୍.ଡ଼ି. ସମସେର ଓ ଏମ୍.ଡ଼ି. ମୋଇନ୍, କେନ୍ଦୁଝରର ଗଣେଶ ପ୍ରଧାନ ଏବଂ ରାଉରକେଲାର ରାଜେନ୍ଦ୍ର ଯାଦବ। ଆହତମାନଙ୍କୁ ଜିନ୍ଦଲ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ସେମାନେ ଫେରିଯାଇଛନ୍ତି। ସେମାନଙ୍କଠାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଖବରପାଇ ଜରପଡା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ଘଟଣାରୁ ଜଣାପଡିଛି, ଶୁକ୍ରବାର ଅପରାହ୍ନରେ ଜିନ୍ଦଲରୁ ୮ଟି ଟ୍ରକ୍ ଆଇରନ୍ ଫାଇନ(ଲୁହାପଥର ଗୁଣ୍ଡ) ଖଲାସ କରି ଅନୁଗୋଳକୁ ଫେରୁଥିବାବେଳେ ଅନୁଗୋଳ ପଟୁ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ମଝିକା ରେଳ ବ୍ରିଜ ନିକଟରେ ଗାଡ଼ି ଅଟକାଇ ଚାନ୍ଦା ମାଗିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ଟ୍ରକ୍ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିବା ଜଣାପଡିଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି କହିଛନ୍ତି। ନିଶା ଥାନା ଅଧିକାରୀଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## କନଷ୍ଟେବଲ ପରୀକ୍ଷାରେ ୨୧ ଉତ୍ତୀର୍ଣ୍ଣ

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ଜିଲା ପୋଲିସର କନଷ୍ଟେବଲ ନିଯୁକ୍ତି ପରୀକ୍ଷା ଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ପରୀକ୍ଷାରେ ୨୧ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜିଲା ପୋଲିସ ମୁଖ୍ୟାଳୟ ଠାରେ ବିଜ୍ଞପ୍ତି ଲଗାଯାଇଛି। ଅଣସଂରକ୍ଷିତ ବର୍ଗର ୧୧ ଜଣ ପୁରୁଷ ଓ ମହିଳା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏସ୍‌ଇବିସି ବର୍ଗରେ ଜଣେ ପରୁଷ ଓ ଜଣେ ମହିଳା, ଏସ୍‌ସି ବର୍ଗରେ ୨ ଜଣ ପୁରୁଷ ଓ ଜଣେ ମହିଳା ଏବଂ ଏସ୍‌ଟି ବର୍ଗରେ ୩ ଜଣ ପୁରୁଷ ଓ ୨ ଜଣ ମହିଳା କୃତକାର୍ଯ୍ୟ ହୋଇଛନ୍ତି। ଅଣସଂରକ୍ଷିତ ବର୍ଗରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୭୧ ନମ୍ବର ସର୍ବାଧିକ୍ ଯାଇଥିବା ବେଳେ ଏସ୍‌ଇବିସି ପୁରୁଷରେ ୫୪ ଓ ମହିଳାରେ ୫୮, ଏସ୍‌ସି ପୁରଷ ବର୍ଗରେ ୬୪ ଓ ମହିଳାରେ ୬୦ ଏବଂ ଏସ୍‌ଟି ବର୍ଗରେ ପୁରୁଷ ବର୍ଗରେ ୫୬ ଓ ମହିଳା ବର୍ଗରେ ୬୧ ମାର୍କ ଯାଇଥିବା ସୂଚନା ମିଳିଛି। ଏହି ପରୀକ୍ଷା ପାଇଁ ଅଗଷ୍ଟ ୩ରେ ଶାରୀରିକ ପରୀକ୍ଷା ଓ ଗତ ୯ ତାରିଖରେ ଲିଖିତ ପରୀକ୍ଷା ହୋଇଥିଲା।

## ଏନ୍‌ଜେନ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ପାଲଲହଡ଼ା, ୧୪।୯(ଡି.ଏନ.ଏ.)

ସ୍ଥାନୀୟ ସାଇମନ୍ଦିର ପ୍ରାଙ୍ଗଣରେ ବିଦ୍ୟୁତ୍ ବିତରଣ କମ୍ପାନୀ ଏନ୍‌ଜେନ ଗ୍ଲୋବାଲ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଜିଲା ରେଡକ୍ରସ ସୋସାଇଟି ସହାୟତାରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ୩୨ ଜଣ ଏନ୍‌ଜେନ କର୍ମଚାରୀ ରକ୍ତଦାନ କରିଥିବା ବେଳେ ମୋଟ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏନଜେନର ମାନବ ସମ୍ବଳ ଅଧିକାରୀ ଦେବାଶିଷ ତ୍ରିପାଠୀ, ପାଲଲହଡା ଏସଡିଓ ସୁନୀଲ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ବେହେରା, ଦେବଦତ୍ତ ସ୍ୱାଇଁ, ଲଳିତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସାଇ ମନ୍ଦିରର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଖୁମ୍ଭେଶ୍ୱରୀଙ୍କ କାଦୁଆ ପୂଜା



ବଥଁରପାଳରେ ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି।

ଅନୁଗୋଳ ଅଫିସ/ବଥଁରପାଳ, ୧୪।୯

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ଗାଁର ଅଧିଷ୍ଠାତ୍ରୀ ଦେବୀ ମା’ ଖୁମ୍ଭେଶ୍ୱରୀଙ୍କ ବାର୍ଷିକ କାଦୁଆ ପୂଜା ପାଳିତ ହୋଇଯାଇଛି। ଖୁମ୍ଭେଶ୍ୱରୀଙ୍କ ସୁସଜ୍ଜିତ ଆଲମକୁ ଘଣ୍ଟ, ଢୋଲ, ମହୁରୀ ବାଦ୍ୟରେ ଦିଅଁଘରୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳକୁ ନିଆଯାଇଥିଲା। ପୂଜକ ଭାଗୀରଥି ଦେହୁରୀଙ୍କ ସହ ସହଯୋଗୀ ନୀରଦ ଦେହୁରୀ, ସୁରେଶ ଦେହୁରୀ, ପରି ଦେହୁରୀ ପ୍ରଥମେ ମାଜଣା ଏବଂ ପରେ ଷୋଡ଼ଶ ଉପଚାରରେ ବିଧି ପୂର୍ବକ ବଡ଼ପୂଜା ସମ୍ପନ୍ନ କରିଥିଲେ। ପୂଜା ମଣ୍ଡପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମାନସିକଧାରୀ ବହୁ ଶିଶୁଙ୍କ ମୁଣ୍ଡନ କର୍ମ ମଧ୍ୟ ହୋଇଥିଲା। ସନ୍ଧ୍ୟା ପୂର୍ବରୁ ପୂଜାକର୍ମ ସରିବା ପରେ ଆଲମକୁ ତାଙ୍କ ଦିଅଁ ଘରକୁ ଅଣାଯାଇଥିଲା। ପୂଜାରେ ବରିଷ୍ଠ ସଦସ୍ୟ ଦୁର୍ଗାଚରଣ ଦାସ, ଅର୍ଜୁନ ସାହୁ, ବାଙ୍କ ବିହାରୀ ଦାସ, ଶିବ ବେହେରା, ନିତ୍ୟାନନ୍ଦ ବେହେରା, ବାନା ବେହେରା, ସାରଙ୍ଗ ସାହୁ, କୁମୁଦ ଦାସ, ଅକ୍ଷୟ ଦାସ, ସର୍ବେଶ୍ୱର ଦାସ, ଶିବୁ ସିଂହ ସାମନ୍ତ, ଜ୍ଞାନୀ ମହାପାତ୍ର, ଦିଲୀପ ଦାସ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବଥଁରପାଳ ବ୍ଲକ ରାଣୀଗୋଡା ଗ୍ରାମରେ ମା’ ଖୁମ୍ଭେଶ୍ୱରୀଙ୍କ କାଦୁଅ ପୂଜା ବୁଧବାର ପାଳିତ ହୋଇଯାଇଛି। ପୂଜାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

**ଭୁଜାଲିରେ ହାଣି ଗାଡ଼ି ଲୁଟ୍ ଘଟଣା**

## ଟାଟା ଏସିଇ, ଧୂପକାଠି ମେଶିନ ଉଦ୍ଧାର

ବନ୍ତଳା,୧୪।୯(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ବନ୍ତଳା-ବଡକେରା ରାସ୍ତାର ଧୋକୁଟା ଶିବ ମନ୍ଦିର ଛକ ନିକଟରେ ବୁଧବାର ରାତିରେ ଲୁଟ୍ ହୋଇଥିବା ଟାଟା ଏସିଇ(ନ. ଓଡି ୦୨ ଏୟୁ ୬୮୫୩) ସହ ଏଥିରେ ଥିବା ଧୂପକାଠି ମେଶିନକୁ ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ଜିନ୍ଦଲ କମ୍ପାନୀ ରାସ୍ତା ଗୋଲାବନ୍ଧ ରେଲୱେ କ୍ରସିଂ ନିକଟରେ ଗାଡିଟି ସନ୍ଦେହ ଜନକ ଅବସ୍ଥାରେ ରଖାଯାଇଥିବା ଖବରପାଇ ବନ୍ତଳା ପୋଲିସ ସେଠାରେ ପହଞ୍ଚି ଏହାକୁ ଜବତ କରିଥିଲା। ତେବେ ଏହି ଟାଟା ଏସିଇରେ ଲୋଡିଂ ହୋଇଥିବା ଜରପଡା ଥାନା ଟାଙ୍ଗିରିସାହି ଗ୍ରାମର ଅଭିରାମ ସାହୁଙ୍କ ଏକ ବାଇକ୍ (ନଂ. ଓଡି ୧୯ ଇ ୪୮୫୭), ଏକ ବ୍ୟାଗ୍‌ରେ ଥିବା ମୂଲ୍ୟବାନ କାଗଜପତ୍ର, ବ୍ୟାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡ ଆଦିକୁ ଲୁଟେରାମାନେ ନେଇଯାଇଛନ୍ତି। ଘଟଣାର ତଦନ୍ତ ଜାରି ରହିଛି। ଲୁଟେରାମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ସବ୍ୟସାଚୀ ରାଉତ ପ୍ରକାଶ କରିଛନ୍ତି।

**ବିଜୁ ଯୁବବାହିନୀକୁ ପ୍ରଶିକ୍ଷଣ ଦେଲେ ମନ୍ତ୍ରୀ**

# ଯୋଜନାର ସଫଳ ରୂପାୟନ ପ୍ରଥମ କର୍ତ୍ତବ୍ୟ

ଛେଣ୍ଡିପଦା,୧୪।୯(ଡି.ଏନ.ଏ.)




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତାମାନେ।

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମଠାରେ ଶୁକ୍ରବାର ବିଜୁ ଯୁବ ବାହିନୀ ପକ୍ଷରୁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଯୁବ ବାହିନୀ ସଭାପତି ଦୀନେଶ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ କୁମାର ଜେନା ଯୋଗ ଦେଇଥିଲେ। ମନ୍ତ୍ରୀ ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ସଙ୍ଗଠନର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ଯୁବ ବାହିନୀ ସଦସ୍ୟଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ମନ୍ତ୍ରୀ କହିଥିଲେ। ଏ ଦିଗରେ ଗୁରୁତ୍ୱ ଦେଇ ସାଧାରଣ ଲୋକଙ୍କ ପାଖରେ ସମସ୍ତ ଯୋଜନା ପହଞ୍ଚାଇବାକୁ ସମସ୍ତ ସଦସ୍ୟ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରତି ପଦକ୍ଷେପ ନେବା ଆଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ କିଷାନ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକ, ରାମଚନ୍ଦ୍ର ବେହେରା, ସାରଥି ସାହୁ, ରାକେଶ ନାଥ, ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସଭ୍ୟ ଭାସ୍କର ସାହୁ, ସତ୍ୟବ୍ରତ ଦେହୁରୀ, କରୁଣାକର ବିଶ୍ୱାଳ, ଦିଲୀପ କୁମାର ବେହେରା, ସନ୍ତୋଷ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ପଞ୍ଚାୟତର ବିଜୁ ଯୁବ ବାହିନୀ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟାସଦସ୍ୟ, ଜନସାଧାରଣ ଉପସ୍ଥିତ ଥିଲେ। ବିଧାୟକ ବେହେରାଙ୍କ ନେତୃତ୍ୱରେ ଅନୁଗୋଳ ସହରଠାରୁ ଏକ ବାଇକ ରାଲି ବାହାରି କୋଶଳା ମା’ ରାମଚଣ୍ଡୀ ମନ୍ଦିରଠାରେ ମନ୍ତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସଂକ୍ଷେପରେ

### ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ

ତାଳଚେର,୧୪।୯(ନି.ପ୍ର.)- ସୋସିଆଲ୍ ଡେଭଲପମେଣ୍ଟ ଫାଉଣ୍ଡେଶନ ତାଳଚେର ଓ ନାବାର୍ଡ ପକ୍ଷରୁ କଣିହାଁ ବ୍ଲକ ବିଜିଗୋଲ ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ର-୨୦ରେ ଏକ ତୃଣମୂଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମ୍ପାଦକ ବୁଦ୍ଧଦେବ ଦାସ ଗୋଷ୍ଠୀମାନଙ୍କ କିପରି ଆର୍ଥିକ ବୃଦ୍ଧି ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ନାବାର୍ଡ ଡି.ଡି.ଏମ୍. ଶରତ କୁମାର ବେହେରା ଯୋଗଦେଇ ଗୋଷ୍ଠୀମାନଙ୍କ ଆର୍ଥିକ କାରବାର, ବ୍ୟାଙ୍କ ଋଣ ପ୍ରଦାନ, ଜଳ ପରିଚାଳନା, ସ୍ୱୟଂ ସହାୟକ ଗୋଷ୍ଠୀର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସରକାରଙ୍କ ସହିତ କିପରି ଉତ୍ତମ ସମ୍ପର୍କ ସୃଷ୍ଟି ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଜୀବିକା ମିଶନ କଣିହାଁ ବ୍ଲକର ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ୧୦ ସୂତ୍ରୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୦ ଜଣ ସଦସ୍ୟା ତାଲିମ ନେଇଥିଲେ। ଏଥିରେ ସୁଦର୍ଶନ ବଳ, ଅନ୍ନପୂର୍ଣ୍ଣା ଗୁହା, ମହାଦେବ ଦାସ, ବାଦଲ କୁମାର ପଟ୍ଟନାୟକ, ରାକେଶ କୁମାର ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ବାଇକ ଚୋରି

ଅନୁଗୋଳ ଅଫିସ,୧୪।୯
ଅନୁଗୋଳ ଜିଲା ଅମଲାପଡ଼ରେ ଭଡ଼ାରେ ରହୁଥିବା ଦୀପକ କୁମାର ସାହୁଙ୍କ ବାଇକ ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଦୀପକ ତାଙ୍କ ବାଇକ(ନଂ.ଓଡ଼ି୧୯ଏଲ୫୧୦୭) ଘର ସାମ୍ନାରେ ରଖିଥିଲେ। ସକାଳେ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ ବାଇକ ପାଇ ନ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ଭଡାଘରୁ ମହିଳା ଡାକ୍ତରଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)



- ପାଖରେ ପଡ଼ିଥିଲା ସିରିଞ୍ଜ, ମେଡିସିନ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

ମନସ୍ୱିନୀଙ୍କ ଫାଇଲ ଫଟୋ

ଚନ୍ଦ୍ରଶେଖରପୁର ଥାନା ଶ୍ରୀବିହାର ଅଞ୍ଚଳରେ ଥିବା ଏକ ଭଡାଘରୁ ପୋଲିସ ଜଣେ ମହିଳା ଡାକ୍ତରଙ୍କ ମୃତଦେହକୁ ଜବତ କରିଛି। ସେ ହେଲେ ବରଗଡ ଜିଲା ମେଲଛାମୁଣ୍ଡା ଅଞ୍ଚଳର ମନସ୍ୱିନୀ ବାରିକ(୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା(୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତଦେହ ନିକଟରୁ ପୋଲିସ ଏକ ସିରିଞ୍ଜ, ମେଡିସିନ ଏବଂ ଏକ ଡାଏରୀ ଜବତ କରିଛି। ମନସ୍ୱିନୀ ସିରିଞ୍ଜ ଦ୍ୱାରା ବିଷ ଇଞ୍ଜେକ୍ସନ ନେଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ମନସ୍ୱିନୀଙ୍କ ଆତ୍ମହତ୍ୟାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମନସ୍ୱିନୀଙ୍କ ବାପା ସୂର୍ଯ୍ୟମଣି ନାୟକ କହିଛନ୍ତି, ତାଙ୍କ ଝିଅ ମାନସିକ ସ୍ତରରେ ବେଶ୍ ସୁଦୃଢ଼। ସେ ଆତ୍ମହତ୍ୟା କରିବାର ପ୍ରଶ୍ନ ଉଠୁନାହିଁ। ପୋଲିସ ଏହାର ଠିକ୍ ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ।

ସୂଚନା ଅନୁଯାୟୀ, ମନସ୍ୱିନୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସହଯୋଗୀ ଡାକ୍ତରଭାବେ ଜେନେରାଲ ଆଇସିୟୁ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ଗତ କିଛିଦିନ ହେବ ଶ୍ରୀବିହାର ଅଞ୍ଚଳରେ ଘର ଭଡା ନେଇ ଭାଇଙ୍କ ସହ ରହୁଥିଲେ। ନୂଆଖାଇ ପାଇଁ ତାଙ୍କ ଭାଇ ଘରକୁ ଯାଇଥିବାବେଳେ ସେ ଏଠାରେ ଏକା ଥିଲେ। ଗୁରୁବାର ରାତି ପ୍ରାୟ ୧୨ଟାରେ ତାଙ୍କ ଭାଇ ମନସ୍ୱିନୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ୍‌ର ଉତ୍ତର ଦେଇ ନ ଥିଲେ। ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ ନ ଉଠାଇବାରୁ ଭାଇଙ୍କର ସନ୍ଦେହ ହୋଇଥିଲା। ସେ ତାଙ୍କ ବନ୍ଧୁଙ୍କୁ ଭଡ଼ାଘରକୁ ପଠାଇ କ'ଣ ହୋଇଛି ଦେଖିବା ପାଇଁ କହିଥିଲେ। ୩ଜଣ ବନ୍ଧୁ ସେଠାକୁ ଯିବା ପରେ ମନସ୍ୱିନୀ ଥିବା ରୁମ୍‌ର ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସେମାନେ କବାଟ ବାଡେଇଥିଲେ ମଧ ସେ ଖୋଲି ନ ଥିଲେ। ଶେଷରେ ସେମାନେ କବାଟ ଭାଙ୍ଗି ଦେଇଥିଲେ। ଖଟ ଉପରେ ମନସ୍ୱିନୀ ନିସ୍ତେଜ ଅବସ୍ଥାରେ ପଡିଥିଲେ। ନିକଟରେ ଏକ ସିରିଞ୍ଜ ଓ ମେଡିସିନ ପଡିଥିଲା। ତାଙ୍କୁ ସେମାନେ ତୁରନ୍ତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେତେଜଣ ପଡୋଶୀଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତି ପର୍ଯ୍ୟନ୍ତ ମନସ୍ୱିନୀ କାହା ସହ ଫୋନ୍‌ରେ ଝଗଡା କରୁଥିବା ଶୁଣିଥିଲେ। ବାରମ୍ବାର ସେ କହୁଥିଲେ ତମେ ମୋ କଥା ରଖିବ କି ନାହିଁ। ତେଣୁ ହସ୍ପିଟାଲରେ କିଛି ସମସ୍ୟା ହୋଇଥିବା ଭାବିଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରର ବାହାର ଲାଇଟ୍ ଜଳିବା ସହ ବାହାର କବାଟ ଖୋଲା ରହିଥିଲା। ଏହା ଏକ ଆତ୍ମହତ୍ୟା ବୋଲି ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, କଟକରେ ଡାକ୍ତରୀ ପଢିବା ସମୟରେ ମନସ୍ୱିନୀ ଜଣେ ଡାକ୍ତରଙ୍କୁ ଭଲପାଇ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ୨୦୧୭ ଡିସେମ୍ବରରେ ସେମାନେ ଅଲଗା ହୋଇଯାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିତ୍ତ ଦୃଢ଼ କରି ଶଠ ଲକ୍ଷଣ,**
**ଚିତା କାଟି ମାଳୀ କରେ ଭଜନ;**
**ଚାହେଁ ନେବା ପାଇଁ ପରର ଧନ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ଠକାମିର ଶିକାର ହୋଇଯାଇଥାନ୍ତି। ଠକ ପ୍ରକୃତି ବ୍ୟକ୍ତିଙ୍କର ଏତାଦୃଶ କାର୍ଯ୍ୟ ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚହଟ ମଲ୍ଲୀ !**
**ଗାଁ ଚାରିପାଖ ବୁଲି ଅଇଲି,**
**କେହି ନ କହିଲେ ବସ ବୋଲି।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମରିଯାଏ। ଆନ୍ତରିକତା ବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଚୌରିଙ୍କ ବିରୋଧରେ ଦିଲ୍ଲୀ କୋର୍ଟଙ୍କ ଚାର୍ଜଫ୍ରେମ୍ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୯(ପି.ଟି.)-

ସହକର୍ମୀଙ୍କୁ ଅସଦାଚରଣ ମାମଲାରେ ଦ ଏନର୍ଜି ଆଣ୍ଡ ରିସୋର୍ସ ଇନ୍‌ଷ୍ଟିଚ୍ୟୁଟ୍ (ଟେରି)ର ପୂର୍ବତନର ମୁଖ୍ୟ ଆର.କେ. ପଚୌରିଙ୍କ ଅଡୁଆ ବଢିଲା। ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ପାଇଁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଚାରୁ ଗୁପ୍ତା କହିଛନ୍ତି ଭାରତୀୟ ଦଣ୍ଡ ସଂହିତା(ଆଇପିସିର)ର ଦଫା ୩୫୪, ୩୫୪କ ଏବଂ ୫୦୯ ଆଧାରରେ ମାମଲା ଚାଲିବ। କୋର୍ଟ ତାଙ୍କ ଉପରୁ କିଛି ଦଫାକୁ ହଟାଇ ଦେଇଛନ୍ତି। ଅକ୍ଟୋବର ୨୦ରେ ଏହି ମାମଲାର ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ ଯେ ୨୦୧୫ ଫେବୃୟାରୀ ୧୩ରେ ପଚୌରିଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ମଧ ତାଙ୍କୁ ମାର୍ଚ୍ଚ ୨୧ରେ ଅଗ୍ରିମ ଜାମିନ୍ ମିଳିଥିଲା। ୨୦୧୬ ମାର୍ଚ୍ଚ ୧ରେ ତାଙ୍କ ବିରୋଧରେ ପୋଲିସ ୧୪୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ଏହା ସହ କୁହାଯାଇଥିଲା ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ନେଇ ସମସ୍ତ ପ୍ରମାଣ ରହିଛି।

# ଲ୍ୟାଣ୍ଡଫଲ୍ କଲା ଫ୍ଲୋରେନ୍ସ ଝଡ଼

ୱାଶିଂଟନ୍,୧୪।୯(ଏଏଫପି)

ଆମେରିକାରେ ଆତଙ୍କ ସୃଷ୍ଟି କରିଥିବା ଫ୍ଲୋରେନ୍ସ ଝଡ଼ ଶୁକ୍ରବାର ସ୍ଥଳ ଭାଗ ଛୁଇଁଛି। ସ୍ଥାନୀୟ ସମୟ ସକାଳ ୭ଟା୧୫ ମିନିଟ୍‌ରେ ନର୍ଥ କାରୋଲିନାରେ ଫ୍ଲୋରେନ୍ସ ଝଡ଼ ଲ୍ୟାଣ୍ଡ ଫଲ୍ କରିଛି ବୋଲି ନ୍ୟାସନାଲ ହରିକେନ୍ ସେଣ୍ଟର ପକ୍ଷରୁ କୁହାଯାଇଛି। ଏହା ସ୍ଥଳଭାଗ ଛୁଇଁବାର କିଛି ସମୟ ପୂର୍ବରୁ ଏନ୍‌ଏଚ୍‌ସି ନିର୍ଦ୍ଦେଶକ କେନ୍ ଗ୍ରାହମ ଫେସବୁକ୍‌ରେ ଲାଇଭ୍ ଭିଡିଓ ପୋଷ୍ଟ କରିଛନ୍ତି। ସ୍ଥଳଭାଗ ଛୁଇଁବା ପରେ କାଟାଗୋରୀ-୧କୁ ପରିବର୍ତ୍ତିତ ହୋଇଯାଇଥିବାରୁ ଯଦିଓ ଏହା ଅଳ୍ପ ଦୁର୍ବଳ ହୋଇଛି କିନ୍ତୁ ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଆରମ୍ଭ ହୋଇଯାଇଛି। ନର୍ଥ କାରୋଲିନାରେ ପ୍ରବଳ ବର୍ଷା ହେଉଥିବାରୁ ଏହି ଅଞ୍ଚଳରେ ବନ୍ୟା ଆଶଙ୍କା ବଢିଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ। ଅଗ୍ରିମ 90,00,000/- ଭଡ଼ା - 50,000/-। ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପୱନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର - 9870548744
କଟକ - 7290022882
ଅନୁଗୁଳ - 7290027866
ବଲାଙ୍ଗୀର - 9870548676
ପୁରୀ - 7290022876
ବରଗଡ଼ - 7290027864
ଭଦ୍ରକ - 7290022886
ଗଞ୍ଜାମ - 7290027860
ଯାଜପୁର - 9870548373
ଖୋର୍ଦ୍ଧା - 9870549050
କୋରାପୁଟ - 9870549092
ମୟୁରଭଞ୍ଜ - 7290022884
ସମ୍ବଲପୁର - 7290022879
ସୁନ୍ଦରଗଡ଼ - 7290027868
Shop No. 108, 1st Floor, M.G. Road, Gurgaon

9911436726, 9540938429

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କିଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ 95 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now *********
7310644383

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE
6388753739
6399376206
Add:- 41/14, Sec-1 Pushp Vihar, Delhi

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ବାବା ଆଲାମ ଖାନ
9773820765
8512004851

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ। ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ 10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜୁ ଯୁବ ବାହିନୀଙ୍କୁ ଦଳୀୟ ଭିତ୍ତିରେ ବ୍ୟବହାର କରୁଛି ବିଜେଡି: ନିରଞ୍ଜନ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)



ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀକୁ ନେଇ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଲଗାତର ଅଭିଯୋଗ ଉଠାଯାଉଛି। ନିକଟରେ ଶାସକ ଦଳର ଦୁଇ ଜଣ ବିଧାୟକ ବିଜୁ ଯୁବ ବାହିନୀକୁ ଦଳୀୟ ଭିତ୍ତିରେ ନିୟୋଜିତ କରୁଥିବା ଭାଜପା ଅଭିଯୋଗ ଆଣିଥିଲା। କଂଗ୍ରେସ ମଧ୍ୟ ଶୁକ୍ରବାର ସମାନ ଅଭିଯୋଗ ଆଣିଛି। ଏହାସହ ଏହି ଯୋଜନାରେ ଆଦିବାସୀ ଓ ହରିଜନମାନଙ୍କୁ ଉପେକ୍ଷା କରାଯାଇଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ ଉଠାଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ବିଜୁବାବୁଙ୍କ ନାଁକୁ ବିକ୍ରି କରି ବିଜେଡି ଫାଇଦା ଉଠାଇବାର ପ୍ରୟାସ କରୁଛି। ଏହା ବିଜୁବାବୁଙ୍କ ପ୍ରତି ଅସମ୍ମାନ। ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ଦ୍ୱାରା ଓଡିଶାର ଯୁବକମାନଙ୍କୁ ପ୍ରତାରିତ କରାଯାଉଛି। ବିଜେଡି ନିଜର ଦଳୀୟ କାର୍ଯ୍ୟରେ ନିୟୋଜିତ କରିବା ଲାଗି ବିଜୁ ଯୁବ ବାହିନୀ ଗଠନ କରିଛି। ସରକାରୀସ୍ତରରେ ୧ଲକ୍ଷ ୮୦ହଜାର ପଦବୀ ଖାଲି ରହିଛି। ଏହାକୁ ସରକାର ପୂରଣ କରୁ ନାହାନ୍ତି। ବିଜୁ ଯୁବ ବାହିନୀ ନାମରେ ଓଡିଶା ଯୁବକଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କୁ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଜେଡି କାର୍ଯ୍ୟରେ ନିୟୋଜିତ କରୁଛି। ୩ବର୍ଷ ପାଇଁ ସରକାର ୮ହଜାର ଯୁବକଙ୍କୁ ଏହି ଯୋଜନାରେ ନିୟୋଜିତ କରିବେ। ଏଥିରୁ ହଜାରେ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଲୋକମାନଙ୍କ ଅର୍ଥକୁ ଦଳୀୟ ଭିତ୍ତିରେ ଖର୍ଚ୍ଚ କରାଯାଉଛି। ସବୁଠାରୁ ବଡ କଥା ହେଉଛି ଏହି ଯୋଜନାରେ ସଂରକ୍ଷଣ ବ୍ୟବସ୍ଥା ନାହିଁ। ରାଜ୍ୟରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଅଛନ୍ତି। ସେମାନଙ୍କ ଉନ୍ନତି ଓ ବିକାଶ ପାଇଁ ସାରା ଦେଶ ଚିନ୍ତିତ ଥିବାବେଳେ ରାଜ୍ୟ ସରକାର ଭିନ୍ନ ରାସ୍ତାରେ ଯାଉଛନ୍ତି। ଏହି ବିଜୁ ଯୁବ ବାହିନୀ ଯୋଜନାରେ ୪୦ପ୍ରତିଶତ ଆଦିବାସୀ ଓ ହରିଜନ ଯୁବକଙ୍କୁ ସରକାର ଉପେକ୍ଷା କରିଛନ୍ତି। ଏହି ଯୋଜନାରେ ସରକାର ୩ବର୍ଷରେ ୪୬୦କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ବ୍ୟୟ ବରାଦ କରିଛନ୍ତି। ଚଳିତବର୍ଷ ପାଇଁ ୧୫୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ହେଲେ ଏହି ଅର୍ଥ ବିଜେଡି ନିଜର ରାଜନୈତିକ ସ୍ୱାର୍ଥରେ ବ୍ୟବହାର କରୁଛି। ଅନ୍ୟପଟେ ଆଦିବାସୀ ଓ ହରିଜନଙ୍କୁ ଏ ଯୋଜନାରେ ସାମିଲ କରି ନାହିଁ। ଏନେଇ ଏସ୍‌ସି/ଏସ୍‌ଟି କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏ ବାବଦରେ ୧୫ଦିନ ମଧ୍ୟରେ ଉତ୍ତର ଦେବାକୁ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଦିଆଯାଇଛି ବୋଲି ସେ କହିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାର ସମ୍ବିଧାନର ଧାରା ୩୩୮କୁ ଉଲ୍ଲଂଘନ କରିଥିବା ନିରଞ୍ଜନ ଅଭିଯୋଗ ଉଠାଇଛନ୍ତି।

■ ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ: ମାଝି

ରାଜ୍ୟ ଅନୁସୂଚିତଜାତି ଓ ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି କହିଛନ୍ତି ଯେ, ବିଜୁ ଯୁବ ବାହିନୀରେ ରାଜ୍ୟ ସରକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଉନାହାନ୍ତି। ଯେଉଁମାନେ ଅନ୍‌ଲାଇନ ଜରିଆରେ ଆବେଦନ କରିବେ ସେମାନଙ୍କୁ ବିଜୁ ଯୁବ ବାହିନୀରେ ନିୟୋଜିତ କରାଯିବ। ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ନ ହେବା ନେଇ କୌଣସି ବ୍ୟବସ୍ଥା ନାହିଁ। ରାଜ୍ୟର ଆଦିବାସୀ, ହରିଜନଙ୍କ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁ ଯୁବ ବାହିନୀରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରା ନ ଯିବା ନେଇ ଏସ୍‌ସି/ଏସ୍‌ଟି କମିଶନ ଦେଇଥିବା ଚିଠି ଆମ ପାଖରେ ପହଞ୍ଚି ନାହିଁ। କମିଶନଙ୍କ ଚିଠି ମିଳିବା ପରେ ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବିଜୁ ଯୁବ ବାହିନୀକୁ କୌଣସି ପ୍ରକାରେ ଦଳୀୟ ଭିତ୍ତିରେ ନିୟୋଜିତ କରାଯାଉ ନାହିଁ। ନିରଞ୍ଜନବାବୁ ଜଣେ ଅଭ୍ୟାସଗତ ଅଭିଯୋଗକାରୀ ବୋଲି ମାଝି କହିଛନ୍ତି।

## ସଂକ୍ଷେପରେ

### ତେଲେଙ୍ଗାନା କଂଗ୍ରେସର ସ୍କ୍ରିନିଂ କମିଟି ଅଧ୍ୟକ୍ଷ ହେଲେ ଭକ୍ତ ଦାସ



ଭୁବନେଶ୍ୱର, ୧୪।୯(ବ୍ୟୁରୋ): କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ତେଲେଙ୍ଗାନା ସ୍କ୍ରିନିଂ କମିଟି ସଦସ୍ୟ ଭାବେ ୩ଜଣଙ୍କୁ ନିଯୁକ୍ତ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡିଶାର ବରିଷ୍ଠ ନେତା ଭକ୍ତଚରଣ ଦାସଙ୍କୁ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଥିବା ଅନ୍ୟ ଦୁଇଜଣ ସଦସ୍ୟ ହେଉଛନ୍ତି, ଶର୍ମିଷ୍ଠା ମୁଖାର୍ଜୀ ଏବଂ ଜ୍ୟୋଥିମାନି ସେନିମାଲାଇ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ଅଶୋକ ଗେହଲଟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

### ପାଣି ଭାବି ଡିଜେଲ୍ ପିଇ ବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ୍,୧୪।୯

ପାଣି ଭାବି ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲ ପିଇ ଦେବାରୁ ଜଣେ ୫ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା ଶେରଗଡ଼ ପଞ୍ଚାୟତ ରାମକୃଷ୍ଣପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ବାଳକ ହେଲେ କବିସୂର୍ଯ୍ୟନଗର ନିକଟସ୍ଥ ପଥରା ଗ୍ରାମର ଜି.ବିଦ୍ୟାଧର ରେଡ୍ଡୀଙ୍କ ପୁଅ ଅମିତ। ଅମିତ ୩ ଦିନ ତଳେ ରାମକୃଷ୍ଣପୁରସ୍ଥିତ ମାମୁ ଘରକୁ ଯାଇଥିଲେ। ଗୁରୁବାର ପୂର୍ବାହ୍ନରେ ସେ ଜଳଖିଆ ଖାଇସାରି ପାଣି ପିଇବାକୁ ଚାହିଁଥିଲେ। ସେ କାହାକୁ କିଛି ନ ପଚାରି ଘରେ ଏକ ପ୍ଲାଷ୍ଟିକ ବୋତଲରେ ଥିବା ଡିଜେଲକୁ ପାଣି ଭାବି ପିଇ ଦେଇଥିଲେ। କିଛି ସମୟ ପରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ମାମୁଘର ଲୋକେ ତାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଅମିତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ ମେଡିକାଲ ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୪୫୯/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପଥରାରେ ଅମିତଙ୍କ ମୃତଦେହକୁ ସଂସ୍କାର କରାଯାଇଛି।

### ଶ୍ରୀମନ୍ଦିରରେ ଦାହଲୀଳା ଅଗ୍ନିଙ୍କୁ ଶାନ୍ତ କରି ଗାଈପଲଙ୍କୁ ଉଦ୍ଧାର କଲେ ଶ୍ରୀକୃଷ୍ଣ

ପୁରୀ ଅଫିସ,୧୪।୯: ଶୁକ୍ରବାର ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ମଦନମୋହନ ବିଜେ ହୋଇ ଆଜ୍ଞାମାଳ ପାଇ ନାଟପା ମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକମାନଙ୍କ ସହିତ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର (ଏକ ପ୍ରକାର ଗୁଳ୍ମ) ବନ ମଧ୍ୟକୁ ପ୍ରବେଶ କରିଥିଲେ। ଭଗବାନ ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହିତ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ପ୍ରଚଣ୍ଡ ବେଗରେ ବନରେ ନିଆଁ ଲାଗି ଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ସେ ସମୟରେ ଗାଈପଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡିଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ। ଏହି ସ୍ମୃତି ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ଦାହଲୀଳା ପାଳିତ ହେଉଛି।

# ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ



ପୁରୀ ଅଫିସ, ୧୪।୯:

ଶୁକ୍ରବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ଋଷି ପଞ୍ଚମୀ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଛନ୍ତି। ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ସାତପାହାଚଠାରେ ଥିବା ପାଲଙ୍କିରେ ବିଜେ ହୋଇଥିଲେ। ବିମାନ ବଡୁମାନେ ତାଙ୍କୁ ପାଲଙ୍କିରେ ନେଇ ମାର୍କଣ୍ଡଙ୍କ ଭିତର ଗମ୍ଭୀରାରେ ବିଜେ କରାଇଥିଲେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଶୀତଳ ଭୋଗ ବନ୍ଦାପନା ବଢି ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ଏ ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ରଜସ୍ୱଳା ସମୟରେ ନାରୀମାନେ ସ୍ୱତନ୍ତ୍ର ନିୟମରେ ରହିଥାନ୍ତି। କିନ୍ତୁ ଏହି ସମୟରେ ଅଜ୍ଞାତରେ ହୋଇଥିବା ଦୋଷରୁ ମୁକ୍ତି ଲାଗି ସପ୍ତଋଷିଙ୍କୁ ଆରାଧନା କରିବାର ପରମ୍ପରା ରହିଛି। ତାହାକୁ ଋଷି ପଞ୍ଚମୀ ବ୍ରତ କୁହାଯାଏ। ସେହି ପରମ୍ପରା ଆଧାରରେ ମହାଲକ୍ଷ୍ମୀ ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିଥାନ୍ତି। ଏହି ଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳାକ୍ରମେ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଜରାସ୍ତାରେ ନୂଆଁଖାଇ ପର୍ବ ପାଳନ କରୁଛନ୍ତି।

# ୧୦ ଜିଲାର ୯୬ ଗାଁକୁ ନେଇ ଲାଗି ରହିଛି ସୀମା ବିବାଦ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

■ କେବଳ କୋଟିଆକୁ ଗୁରୁତ୍ୱ
■ ସମାଧାନ ପାଇଁ ଆନ୍ତରିକତା ଅଭାବ

ରାଜ୍ୟର ୧୦ଟି ଜିଲାର ୯୬ଟି ଗ୍ରାମର ପଡୋଶୀ ରାଜ୍ୟ ସହ ସୀମା ବିବାଦ ରହିଛି। କୋରାପୁଟ କୋଟିଆ ଘଟଣା ଜୋର ଧରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। କୋଟିଆ ବିବାଦରେ ଅପଦସ୍ଥ ହୋଇଥିବା ରାଜସ୍ୱ ବିଭାଗ ଯେନତେନ ପ୍ରକାରେ କୋଟିଆରେ କାର୍ଯ୍ୟ ଜାରି ରଖିଛି। ହେଲେ ଦୀର୍ଘଦିନ ଧରି ବିବାଦରେ ଥିବା ଶହେ ପାଖାପାଖି ଗାଁର ସୀମା ବିବାଦ ସମାଧାନ ପାଇଁ ଆଖିଦୃଶିଆ ସମାଧାନ ପନ୍ଥା ଗ୍ରହଣ କରୁ ନ ଥିବା ମନେ ହେଉଛି।

ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ କୋରାପୁଟ ଜିଲାର କୋଟିଆକୁ ବାଦ୍ ଦେଇ ଅନ୍ୟ ୨୦ଟି ଗାଁ ସହ ସୀମା ବିବାଦ ରହିଛି। ଉକ୍ତ ଗ୍ରାମଗୁଡିକ ହେଉଛି-ଗଞ୍ଜେଇପଦର, ପୋନିକି, ସିଥିଭିଲିସା, ରଣାସିଙ୍ଗା, ସାମାଓଗଡା, ନଳୀଭଲସା, ଅର୍ଜ୍ଜୁ ଭଲସା, ତାଡିଭଲସା, ଭୋଲିପଦର, ତଳସେମ୍ଭି, ଉପରସେମ୍ଭି, ବରଣପାଦ୍ୟୁ, କାହ୍ନାଡୋରା, ଶାଳୀପଗୁଡା, ହରମଣ୍ଡି ଗାଁ, ମହିପାଣି, ହାଟସୁନାରୀ, ଫଗୁ ସୁନାରୀ, ଡୋଲି ଆମ୍ବ ଏବଂ ମଦାକର। ଏହାଛଡା ବୋରାମୁଥା ଓ ଏହାର ୧୨ଟି ପଡା ଗ୍ରାମକୁ ନେଇ ସୀମା ବିବାଦ ରହିଛି। ସେହିପରି ଗଞ୍ଜାମ ଜିଲାର ପୁରିଆସାହି, ସୁନ୍ଦରାବାଡ, କୁଲାସାହି, ଗଉଡୁଣୀ, ଶାସନ ସମେତ ଗାଁଗୁଡିକର ଆନ୍ଧ୍ର ସହ ମିଳିତ ସ୍କେଚରେ ଆନ୍ଧ୍ର ରାଜ୍ୟ ଅଧିକାରୀଙ୍କ ଦସ୍ତଖତ ହୋଇଥିବାରୁ ସୀମା ବିବାଦ ଜାରି ରହିଛି। ବିଭିନ୍ନ ସମୟରେ ପଡୋଶୀ ରାଜ୍ୟର ଅସହଯୋଗ ପାଇଁ ଯୁଗ୍ମ ତଦନ୍ତ ବାକି ରହିଛି। ଗଜପତି ଜିଲାର ୧୬ଟି ଗାଁ ସୀମା ବିବାଦରେ ରହିଛି। ରାୟଗଡାର ୫ଟି ଗାଁର ସୀମା ବିବାଦୀୟ ବୋଲି ରାଜସ୍ୱ ବିଭାଗ ସ୍ୱୀକାର କରିଛି। ହେଲେ ଆରଡିସି ପାଖରେ ଏନେଇ ତଥ୍ୟ ନାହିଁ।

ଆନ୍ଧ୍ର ପରି ପଡୋଶୀ ପଶ୍ଚିମବଙ୍ଗ ସହ ମଧ୍ୟ ସୀମା ବିବାଦ ରହିଛି। ସାହାବାଜପୁର, ଶଙ୍ଖଭଙ୍ଗା, ବିଳାସପୁର, ମାଙ୍କଡିଆ, ଶଙ୍ଖମେଦି ଏବଂ ଉଦୟପୁର ଅଞ୍ଚଳଗୁଡିକର ପଶ୍ଚିମବଙ୍ଗ ସହ ବିବାଦ ଲାଗି ରହିଛି। ମୟୂରଭଞ୍ଜ ଜିଲାର ହାତୀବାରି, କଖାରୁସୁଲ, ହାଣ୍ଡିଭଙ୍ଗା, ଉଗୁଡାକଟା, ପୁରୁଣାପାଣି, ଭୁରୁଷାପାଣି,ନୂଆମାଲିଆ ଏବଂ ବାଙ୍କ ନଳା ଗ୍ରାମର ସୀମା ବିବାଦ ଲାଗି ରହିଛି। ପଡୋଶୀ ଝାଡଖଣ୍ଡ ସହ ମୟୂରଭଞ୍ଜ ଜିଲାର ୨ଟି ଗ୍ରାମର ସୀମା ବିବାଦ ରହିଛି। କେନ୍ଦୁଝର ଜିଲାର ଚମ୍ପୁଆ, କଙ୍କଡାପାଟ, ଜଗନ୍ନାଥପୁର, ଲିମିତୁର, ପୁରୁଷୋତ୍ତମପୁର ଗ୍ରାମର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ଅନୁରୂପ ଭାବେ ବୁଢାପାହାଡ, ଚୋପଡିହ,ଲଙ୍ଗଲକଣ୍ଟା, ମହୁପଦା ଏବଂ କୋରଡା ପ୍ରଭୃତି ଗାଁର ଝାଡଖଣ୍ଡ ସହ ସୀମା ବିବାଦ ରହିଛି। ମହାନଦୀକୁ ନେଇ ଛତିଶଗଡ ସହ ବିବାଦ ଜୋର ଧରିଛି, ସମାନ ଭାବେ ଛତିଶଗଡ ସହ ସୀମା ବିବାଦ ମଧ୍ୟ କିଛି କମ୍ ନୁହେଁ। ରାଜସ୍ୱ ବିଭାଗୀୟ ତଥ୍ୟ ଅନୁଯାୟୀ ନବରଙ୍ଗପୁର ଜିଲା ଭାସ୍କେଲ ନଦୀର ଗତି ପରିବର୍ତ୍ତନ ହେତୁ ଘାଟବାସୁଲି, ଉଦୟପୁର ଅଞ୍ଚଳରେ ସୀମା ବିବାଦ ରହିଛି। ଓଡେଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ଆନ୍ତଃରାଜ୍ୟ ସୀମାଖୁଣ୍ଟ ଉପୁଡା ଯାଇ ନାଳ ଖୋଳିବା ଯୋଗୁ ସୀମା ବିବାଦ ସୃଷ୍ଟି ହୋଇଛି। ଝାରସୁଗୁଡା ଝାରଙ୍ଗାଠାରେ ପଡୋଶୀ ଛତିଶଗଡ ଖାତ ଖୋଳିବା ପରେ ସୀମା ବିବାଦ ଦେଖାଦେଇଛି।

ସୀମା ବିବାଦଗୁଡିକର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ ଉତ୍ତର ମଧ୍ୟ ରଖିଥିଲେ। ଉତ୍ତରରେ ସେ କହିଛନ୍ତି ଯେ, ବିବାଦର ସମାଧାନ ପାଇଁ ୨ଟି ମାମଲା ରହିଛି। ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ସ୍ଥିତାବସ୍ଥା ଜାରି ରହିଛି। ନିକଟରେ ସୀମା ବିବାଦ ସଂକ୍ରାନ୍ତରେ ବୈଠକ ହୋଇଥିଲେ ମଧ୍ୟ କେବଳ କୋଟିଆ ସମ୍ପର୍କିତ ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। ଷଢେଇକଳା, ଖରସୁଆଁ ବିବାଦ ଆଜି ବି ଓଡ଼ିଶାଙ୍କୁ ବ୍ୟଥିତ କରେ। ସେହି ନ୍ୟାୟରେ ଯଦି ସୀମା ବିବାଦଗୁଡିକର ସମାଧାନ ନ ହୁଏ, ତେବେ ରାଜ୍ୟର ଅନେକ ଗାଁ ଆଇନର ଦସ୍ତାବିଜ୍‌ରେ ହଜିଯିବ। ସେଠାକାର ଲୋକେ ଓଡ଼ିଆ କହୁଥିବେ, ଯାନିଯାତ୍ରା ପାଳୁଥିବେ ହେଲେ ପ୍ରଶାସନିକ ଅପାରଗତା କାରଣରୁ ସେମାନେ ଓଡ଼ିଶାର ବୋଲି ଦାବି କରି ପାରୁ ନ ଥିବେ।

# ଦାମ ଉଠାଇଥିବା ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ: ଭାଜପା

ଭୁବନେଶ୍ୱର, ୧୪।୯(ବ୍ୟୁରୋ):

ବିଜେଡିରୁ ବହିଷ୍କୃତ ବରିଷ୍ଠ ନେତା ଦାମୋଦର ରାଉତ ବିଭିନ୍ନ ବିଭାଗର ଦୁର୍ନୀତି ଅଭିଯୋଗ ଆଣିଥିଲେ। ଚାରା ଦୁର୍ନୀତି, ସମବାୟ ଘୋଟାଲା ଏବଂ ଓମ୍‌ଫେଡ୍ ଦୁର୍ନୀତି ଉଠାଇ ଦାମ ବାରମ୍ବାର ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରିଥିଲେ, ଏହାକୁ ନେଇ ଏବେ ବିରୋଧୀ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଦାମବାବୁ ଆଣିଥିବା ଦୁର୍ନୀତି ଅଭିଯୋଗଗୁଡିକର ସିବିଆଇ ତଦନ୍ତ କରାଇବା ଲାଗି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି। କଂଗ୍ରେସ ମଧ୍ୟ ଏହାକୁ ସମାଲୋଚନା କରାଯାଇଛି। ଅପରପକ୍ଷରେ ବିଜେଡି ଏହାର କଡା ପ୍ରତିକ୍ରିୟା ପ୍ରକାଶ କରିଛି।

ଶୁକ୍ରବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି, ମାତ୍ର ସେ ନିଜେ ଦୁର୍ନୀତିରେ ବୁଡି ରହିଛନ୍ତି। ରାଜ୍ୟରେ ହୋଇଥିବା ଚାରା, ଓମ୍‌ଫେଡ ଏବଂ ସମବାୟ ମହାଦୁର୍ନୀତି ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇ ଦେଇଛି। ମୁଖ୍ୟମନ୍ତ୍ରୀଙ୍କର ଯଦି ସତ୍‌ସାହସ ଅଛି ତେବେ ଏସବୁ ଦୁର୍ନୀତିର ତଦନ୍ତ ସିବିଆଇକୁ ଦିଅନ୍ତୁ। ଯଦି ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତର ନିର୍ଦ୍ଦେଶ ନ ଦିଅନ୍ତି ତେବେ ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ଏବଂ ଆଇନର ଆଶ୍ରୟ ମଧ୍ୟ ନିଆଯିବ। ସମବାୟରେ ୭ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରି ସେ ନେଇ ପଦୁଟିଏ କହିଲେ ନାହିଁ। ବିଭିନ୍ନ ପ୍ରସଙ୍ଗରେ ଖାଲି କମିଶନ ବସାଇଥାଆନ୍ତି, କିନ୍ତୁ ଫଳ ଶୂନ ହେଉଛି। ଦାମ ରାଉତ ଉଠାଇଥିବା ଦୁର୍ନୀତି ପ୍ରସଙ୍ଗକୁ ବିଧାନସଭାରେ କୃଷିମନ୍ତ୍ରୀ ସ୍ୱୀକାର କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ଏନେଇ କିଛି କହି ନାହାନ୍ତି। ରାଜ୍ୟବାସୀଙ୍କ ମନକୁ ଏହିସବୁ ପ୍ରସଙ୍ଗ ଆନ୍ଦୋଳିତ କରୁଛି, ତେଣୁ ମୁଖ୍ୟମନ୍ତ୍ରୀ ଏହାର ଜବାବ୍ ରଖିବା ସହ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପୀତାମ୍ବର ଦାବି କରିଛନ୍ତି।

ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଦାମ ବାବୁ ଯେଉଁସବୁ ଦୁର୍ନୀତି ପ୍ରସଙ୍ଗ ଉଠାଇଛନ୍ତି ତାକୁ ବିଧାନସଭାରେ ମନ୍ତ୍ରୀମାନେ ସ୍ୱୀକାର କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ଘଟଣାକୁ ହାସ୍ୟାସ୍ପଦ କହିବା ରାଜ୍ୟବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ଭାଜପା ଉଠାଇଥିବା ଦାବି ଉପରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଯେଉଁ ଦୁର୍ନୀତି ପ୍ରସଙ୍ଗ ଉଠିଛି ସେସବୁର ତଦନ୍ତ ନିଶ୍ଚିତ ହେବ। ମୁଖ୍ୟମନ୍ତ୍ରୀ କେବେହେଲେ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ରାଜ୍ୟ ସରକାରଙ୍କୁ ଭାଜପାର ସାର୍ଟିଫିକେଟର ଆବଶ୍ୟକତା ନାହିଁ। ସେମାନେ କେବଳ କ୍ଷମତା ଦଖଲ ପାଇଁ ଦିନରେ ସ୍ୱପ୍ନ ଦେଖୁଛନ୍ତି। ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବାର ବହୁତ ନଜିର ରହିଥିବା ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ (ବାମରୁ ଦ୍ୱିତୀୟ)ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି।

### ଡେଙ୍ଗୁରେ ଜଣେ ମୃତ,ଜଣେ ଆକ୍ରାନ୍ତ

ଜେକେପୁର ୧୪।୯ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଜେକେପୁରର ଜଣେ ମହିଳାଙ୍କ ଶୁକ୍ରବାର ଡେ଼ଙ୍ଗୁରେ ମୃତ୍ୟୁ ହୋଇଛି । ସେ ହେଲେ ସୁଧୀର ମହାନ୍ତିଙ୍କ ପତ୍ନୀ ଉର୍ମିଳା ମହାନ୍ତି (୪୯) । ଜେକେପୁର କାଳିଦାଶ ଲାଇନ୍‌ରେ ରହୁଥିବା ଉର୍ମିଳା ଡେ଼ଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏଏମ୍ଏସରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି । ସେହିଭଳି ସ୍ଥାନୀୟ ଗୁରୁଜୀନଗରରେ ରହୁଥିବା ଜଣେ ନବମ ଶ୍ରେଣୀ ଛାତ୍ର ସମ୍ବିତ୍ କୁମାର ରାଉତ ଡେ଼ଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି । ସେ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶତାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ । ସରକାରଙ୍କ ତରଫରୁ ନାମକୁ ମାତ୍ର ମାଇକ୍ ଦ୍ୱାରା ପ୍ରଚାର କରାଯାଉଛି। ହେଲେ ଏହାର କୌଣସି ସୁଫଳ ମିଳୁପାରୁ ନ ଥିବା ଅଭିଯୋଗ ହୋଇଛି।

# ଓଡ଼ିଶାକୁ ମୌସୁମୀ କୃପା: ୧୮ରେ ଆଉ ଏକ ଲଘୁଚାପ ସ୍ୱାଭାବିକଠାରୁ ଅଧିକ ହୋଇଛି ବର୍ଷା

ଭୁବନେଶ୍ୱର,୧୪।୯(ବ୍ୟୁରୋ): ଦକ୍ଷିଣ-ପଶ୍ଚିମ ମୌସୁମୀ ଓଡିଶାକୁ କୃପା କରିଛି। ଓଡିଶା ଦେଶର ଏକମାତ୍ର ରାଜ୍ୟ ମୌସୁମୀ ବର୍ଷାର ଭରପୂର ଫାଇଦା ଉଠାଇଛି। ବର୍ଷା ସ୍ୱାଭାବିକ ରହିଛି। ଚାଷ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ହୋଇ ନାହିଁ କିମ୍ବା ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡି ପରିସ୍ଥିତି ଉପୁଜି ନାହିଁ। ସ୍କାଏମେଟ୍ ନାମକ ପାଣିପାଗ ଅନୁମାନକାରୀ ସଂସ୍ଥା ଏଭଳି ସୂଚନା ଦେଇଛି।

ଚଳିତ ବର୍ଷ ମୌସୁମୀ ୧୭ ଦିନ ବିଳମ୍ବରେ ଓଡିଶାକୁ ପ୍ରବେଶ କରିଥିଲା। ଜୁନ ୧୦ ତାରିଖରେ ଏହା ଓଡିଶା ଛୁଇଁବ ବୋଲି ଅନୁମାନ କରାଯାଇଥିଲା। ବିଳମ୍ବ ଯୋଗୁ ଜୁନରେ ୨୭ ପ୍ରତିଶତ ବର୍ଷା କମିଗଲା। ପରବର୍ତ୍ତୀ ସମୟରେ ବଙ୍ଗୋପସାଗରରେ ଲଗାତର ଲଘୁଚାପ ସୃଷ୍ଟି ମୌସୁମୀକୁ ଅଧିକ କ୍ରିୟାଶୀଳ କରି ପାରିଥିଲା। ଫଳରେ ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ ବର୍ଷାଭାବ ପରିମାଣ ୧୫ ପ୍ରତିଶତକୁ ଖସି ଆସିଥିଲା। ତେବେ ଏହା ପରଠାରୁ ରାଜ୍ୟରେ କ୍ରମାଗତ ବର୍ଷା ଲାଗି ରହିଥିଲା। ଜୁଲାଇ ୧୭ ତାରିଖ ବେଳକୁ ବର୍ଷା ଅଭାବ ପରିମାଣ ୩ ପ୍ରତିଶତକୁ ଖସି ଯାଇଥିଲା। ଜୁଲାଇ ଶେଷ ବେଳକୁ ବର୍ଷା ପରିମାଣ ବୃଦ୍ଧି ପାଇ ସ୍ୱାଭାବିକଠାରୁ ୬ ପ୍ରତିଶତ ଅଧିକ ହୋଇ ଯାଇଥିଲା।

ଅଗଷ୍ଟରେ ମଧ୍ୟ ମୌସୁମୀ ବର୍ଷା ଭଲ ରହିଥିଲା। ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ହୋଇଛି। ଜୁନ ପହିଲାରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ରାଜ୍ୟକୁ ସ୍ୱାଭାବିକଠାରୁ ୧୩ ପ୍ରତିଶତ ଅଧିକ ବର୍ଷା ମିଳିଛି। ଏହି ସମୟରେ ସ୍ୱାଭାବିକ ଭାବେ ୧୧୫୫.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୯୨୨.୭ ମିଲିମିଟର। ବଲାଙ୍ଗୀର ଜିଲାରେ କେବଳ ସ୍ୱାଭାବିକ ଠାରୁ ୨୧ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ୨୯ ଜିଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ପୁରୀ ଜିଲାରେ ସର୍ବାଧିକ ୬୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି।

ରାଜ୍ୟରେ ଗତ କିଛିଦିନ ହେବ ବର୍ଷା ପରିମାଣ ହ୍ରାସ ପାଇଛି। ମୌସୁମୀ ଦୁର୍ବଳ ରହିଥିବାରୁ ବର୍ଷା କମିଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଓ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୮ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ସକ୍ରିୟ ହେଲେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ହେବ। ରାଜ୍ୟରେ ଏବେ ସୁଦ୍ଧା ସ୍ୱାଭାବିକ ଠାରୁ ୧୦ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି।

## ସଂକ୍ଷେପରେ

### ଜୀବନବିନ୍ଦୁ ଶିବିରରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ



**କାମାକ୍ଷାନଗର, ୧୪।୯(ଡି.ଏନ୍.ଏ.)** କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପରେ ଶୁକ୍ରବାର ବିଜେଡି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବାସହ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ଶିବିରରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡାକ୍ତର ଦିଗାମ୍ବର ସାହୁ, ପ୍ରେମାନନ୍ଦ ସାହୁ, ଟେକ୍ନିସିଆନ ବାସୁଦେବ ସାହୁ, ପରମାନନ୍ଦ ପଣ୍ଡା, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଜିଲା ଜୀବନବିନ୍ଦୁ କାର୍ଯ୍ୟକ୍ରମ ସଂଯୋଜକ ଦେବୀପ୍ରସାଦ ଭୂତିଆ, ଏନ୍‌ଏସି ବିଜୁ ଯୁବ ବାହିନୀ ସଂଯୋଜିକା ତପସ୍ୱିନୀ ଭଞ୍ଜ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ହିମାଂଶୁ ମହାନ୍ତି, ସୂର୍ଯ୍ୟନାରାୟଣ ବେହେରା, ସୁବ୍ରତ ମହାନ୍ତି, କାହ୍ନୁ ସାହୁ, ଲିକୁ ନାଏକ, ମଦନ ବେହେରା, ହିମାଂଶୁ ମହାପାତ୍ର, ନାରୀନେତ୍ରୀ ରଞ୍ଜିତା ବେହେରା, ସୀମା ନାଥ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ୮ ଶିଶୁ ଶ୍ରମିକ ଉଦ୍ଧାର

**ଭୁବନ, ୧୪।୯(ଡି.ଏନ୍.ଏ.)** ଭୁବନ ଏନ୍‌ଏସିର ବିଭିନ୍ନ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନରେ ଶୁକ୍ରବାର ପୋଲିସ ଚଢ଼ାଉ କରି ୮ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କ ଶିଶୁ ସୁରକ୍ଷା ଗୃହରେ ଥଇଥାନ କରାଯାଇଛି। ସମ୍ପୃକ୍ତ ଦୋକାନ ମାଲିକଙ୍କ ତାଗିଦ୍ କରାଯାଇଛି। ଆଗାମୀ ଦିନରେ ଶିଶୁଙ୍କୁ ଏପରି କାର୍ଯ୍ୟରେ ନିୟୋଜିତ କଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି। ଏସ୍‌ଆଇ ପଙ୍କଜ କୁମାର ମାଝି, ଏଏସ୍‌ଆଇ ପ୍ରଦୀପ କୁମାର ପାଣି ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ମହିମା ଟୁଙ୍ଗିରେ ନବାନ୍ନ ଉତ୍ସବ



**କାମାକ୍ଷାନଗର, ୧୪।୯(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା କାମାକ୍ଷାନଗର ମହିମା ଟୁଙ୍ଗିରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ଉପଲକ୍ଷେ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଛି ନବାନ୍ନ ଉତ୍ସବ। ଏହି କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରୁ ଶତାଧିକ ସାଧୁସନ୍ଥ ଏବଂ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହାକୁ ନେଇ ମହିମା ପୀଠ ପରିସର ଉତ୍ସବମୁଖର ହୋଇଉଠିଥିଲା। ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଦହି, ଘିଅ, କ୍ଷୀର, ଗୁଡ଼, ମହୁ, କଦଳୀ, ନଡ଼ିଆ କାଜୁ, ଗୋଲମରିଚ ସମେତ ବିଭିନ୍ନ ସୁବାସିତ ମସଲା ପକାଇ ସ୍ୱତନ୍ତ୍ର ଧରଣର ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ବ୍ରାହ୍ମ ମୁହୂର୍ତ୍ତରେ ନୂତନ ମାଟିହାଣ୍ଡିରେ ନବାନ୍ନକୁ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ସାମୂହିକ ପ୍ରସାଦ ସେବନ। ସାଧୁସନ୍ଥମାନେ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଶୂନ୍ୟବ୍ରହ୍ମଙ୍କୁ ପ୍ରାର୍ଥନା କରିଥିଲେ। ମଠାଧୀଶ ଖଗେଶ୍ୱର ବାବା, କୌପିନଧାରୀ ମହିମା ସମାଜର ଅବିନାଶୀ ବାବା, ନିମାଇଁ ବାବା, କପିଳ ବାବା, ନିରଞ୍ଜନ ବାବା, ଅପର୍ତ୍ତି ଦାଶ, ଯୁଧିଷ୍ଠିର ଦାସ, ଗୋଲେଖ ଦାଶ, କୁନ୍ତଳା ସାହୁ, ମନୋଜ ଦାଶ, ଶେଷଦେବ ଓଝା, ପଦ୍ମନାଭ ନାୟକ, ବିଭୂତି ଭୂଷଣ ମହାନ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ଭୁବନ, ୧୪।୯(ଡି.ଏନ୍.ଏ.)** ଭୁବନ ଥାନା ଚମ୍ପାନାଳିଆ ଗ୍ରାମରେ ଶୁକ୍ରବାର ପୋଲିସ ଚଢ଼ାଉ କରି ୫ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ସିଲୁ ନାଏକ(୨୮)ଙ୍କୁ ଗିରଫ କରାଯାଇଛି। ନଂ. ୧୭୧/୧୮ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ପ୍ରଦୀପ ପାଣି ସୂଚନା ଦେଇଛନ୍ତି।

## ■ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

# ମିନାବଜାର ପାଳିବ ପ୍ଲାଟିନମ୍ ଜୁବିଲି

**ଢେଙ୍କାନାଳ ଅଫିସ, ୧୪।୯**



ଖବରଦାତା ସମ୍ମିଳନୀରେ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ।

■ଅକ୍ଟୋବର ୨୬ରୁ ଆରମ୍ଭ ହେବ ଉତ୍ସବ

■ମୁଖ୍ୟ ଆକର୍ଷଣ ସାଜିବ ସାଂସ୍କୃତିକ କାର୍ଯ୍ୟକ୍ରମ

ଢେଙ୍କାନାଳର ଶ୍ରୀମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର ୭୫ବର୍ଷରେ ପଦାର୍ପଣ କରିଛି। ଏହି ପରିପ୍ରେକ୍ଷୀରେ ଚଳିତ ଲକ୍ଷ୍ମୀପୂଜାରେ ଅନୁଷ୍ଠାନ ପାଳନ କରୁଛି ପ୍ଲାଟିନମ୍ ଜୁବିଲି। ଏହାକୁ ନେଇ ଜୋର୍ ଧରିଛି ପ୍ରସ୍ତୁତି। ଶୁକ୍ରବାର ଅପରାହ୍ନରେ ଅନୁଷ୍ଠାନ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭଞ୍ଜ, ସଭାପତି ଲୁଲୁ ପଟ୍ଟନାୟକ, ସମ୍ପାଦକ ନୀରୋଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

ଆସନ୍ତା ସୋମବାର ରାଧାଷ୍ଟମୀରେ ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ତିଆରି କରିବାକୁ ମାଟି ଅନୁକୂଳ ହେବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ମଧ୍ୟରେ ଲଗ୍ନ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୨୪ କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀମଉଡ଼ମଣି ମା’ ରାଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହେବ। ୨୬ରେ ପ୍ଲାଟିନମ୍ ଜୁବିଲି ଉତ୍ସବ ଉଦ୍‌ଘାଟିତ ହେବାସହ ସ୍ମରଣିକା ଉନ୍ମୋଚିତ ହେବ। ଏହି ଉତ୍ସବ ୫ଦିନ ଧରି ଚାଲିବ। ଏଥିରେ ୧୭ରୁ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମା’ଙ୍କ ସୁନାମୁକୁଟ (୧କେଜି ୪୦୦ଗ୍ରାମ୍) ରହିଥିବାବେଳେ ଅନ୍ୟାନ୍ୟ ଅଳଙ୍କାର ପ୍ରସ୍ତୁତ କରାଯିବ। ଚଳିତବର୍ଷ ଗଜପତି ମହାରାଜଙ୍କୁ ନିମନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ସାଜିବ। ଏହାକୁ ସଫଳ କରାଇବାକୁ କର୍ମକର୍ତ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୧୯୨୩ରେ ମହାବୀର ବଜାର ଅଞ୍ଚଳରେ ପ୍ରଥମେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା। ହେଲେ ରାଜନୈତିକ ଅସ୍ଥିରତା ଯୋଗୁ ଏହା ବନ୍ଦ ହୋଇଯାଇଥିଲା। ୧୯୪୩ରୁ ନିରବଚ୍ଛିନ୍ନ ଭାବେ ମିନାବଜାର ପୂଜା ପ୍ରତିଷ୍ଠାନ ଲକ୍ଷ୍ମୀପୂଜା ଉତ୍ସବ ଆୟୋଜନ କରି ଆସୁଛି। ନଟବର ଦେବତାଙ୍କ ଉଦ୍ୟମରେ ଭୀମା ଚୌଧୁରୀ ଏବଂ ଭୀମା ସାହୁ ପ୍ରମୁଖ ୩ଶହ ଟଙ୍କାରେ ପୂଜା ଆରମ୍ଭ କରିଥିଲେ। ୧୯୬୫ରେ ପ୍ରଥମ କରି ଚାନ୍ଦିମେଢ଼ ହୋଇଥିଲା। ହେଲେ ୧୯୭୫ରେ ଏହା ଚୋରି ହୋଇଯିବା ପରେ ୨୦୦୪ରେ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାନ୍ଦିରେ ପୁନର୍ବାର ମେଢ଼ ହୋଇଆସୁଛି।

## ■୪ର୍ଥ ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ ଉଦ୍‌ଯାପିତ

# ଡ. ଭବାନୀ ଶଙ୍କର ମିଶ୍ରଙ୍କୁ ନୃତ୍ୟାଙ୍ଗନା ସମ୍ମାନ



ଡ. ଭବାନୀ ଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ନୃତ୍ୟାଙ୍ଗନା ଅନୁଷ୍ଠାନ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ୪ର୍ଥ ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ରଙ୍କୁ ନୃତ୍ୟାଙ୍ଗନା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି କହିଲେ, ନୃତ୍ୟଶିକ୍ଷାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ନିଷ୍ଠାର ସହ ନୃତ୍ୟ ଶିଖି ପ୍ରତିଭାବାନ କଳାକାର ହୁଅନ୍ତୁ ଏବଂ ରାଜ୍ୟ ପାଇଁ ଗୌରବ ଆଣନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡା. ସତ୍ୟନାରାୟଣ ମହାପାତ୍ର କହିଲେ, ଭାରତୀୟ ନୃତ୍ୟ ବିଶ୍ୱବାସୀଙ୍କୁ ଆକର୍ଷିତ କରି ଆସିଛି। ଓଡ଼ିଶୀ ନୃତ୍ୟର ଲାଳିତ୍ୟ ଆଜି ବି ସମସ୍ତଙ୍କୁ ବିମୋହିତ କରିବାରେ କ୍ଷମତା ରଖେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ମୋନାଲିସା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ଧୀର ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ ସୁବାସ ସ୍ୱାଇଁ, ହରିପ୍ରସାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଆହେ ନୀଳ ଶଇଳ... କରତାଳି ସାଉଁଟିଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ଭୁବନ, ୧୪।୯(ଡି.ଏନ୍.ଏ.)** ଭୁବନ ବ୍ଲକ ଜିଲା ପରିଷଦ ସଂଘର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଶାସନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସହଦେବ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ସମସ୍ତ ଜିଲାପରିଷଦ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ସଭାପତି ଭାବେ ଶତ୍ରୁଘ୍ନ ପାତ୍ର, ସମ୍ପାଦକ ପ୍ରଜିତ୍ କିଶୋର ସାହୁ, ଉପସଭାପତି ଦୀପ୍ତିରଞ୍ଜନ ସାହୁ, ବୀଣା ପଣ୍ଡା, ଯୁଗ୍ମ ସମ୍ପାଦକ ସନ୍ତୋଷ ସାହୁ, ବସନ୍ତ ଦାସ ଏବଂ କୋଷାଧ୍ୟକ୍ଷ ଭାବେ ମନୋଜ ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ମହୁଲପୁଞ୍ଜି ଉତ୍ସବମୁଖର

**ଭାପୁର, ୧୪।୯(ଡି.ଏନ୍.ଏ.)** ଗଣେଶପୂଜା ପାଇଁ ଉତ୍ସବ ମୁଖର ହୋଇଉଠିଛି ସଦର ବ୍ଲକ ମହୁଲପୁଞ୍ଜି। ଗ୍ରାମର ୭ଟି ପୂଜା ମଣ୍ଡପରେ ଗଜାନନଙ୍କୁ ଆବାହନ କରାଯାଉଛି। ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ସେହିପରି ସରାକପାଟଣା, ଦକ୍ଷିଣ ସାହି, ରଥପଦା, ଘଟିପିରି ମହାବୀର କ୍ଲବ୍ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ଚାଲିଛି। ଆସନ୍ତା ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର






@ ଦର୍ଜନ୍



@ ଲିଟୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଶିକ୍ଷା

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ଯୋରନ୍ଦା ପ୍ରାଥମିକ ଚିକିତ୍ସାଳୟରେ ଯୋଗଶିକ୍ଷା ଆରମ୍ଭ ହୋଇଛି। ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ଏହାକୁ ଶୁଭାରମ୍ଭ କରିଥିଲେ। ଯୋଗ ଦ୍ୱାରା ଶରୀର ଆରୋଗ୍ୟ ରହିବ। ବିଭିନ୍ନ ଦୁରାରୋଗ୍ୟକୁ ପ୍ରତିହତ କରିବାରେ ରୋଗଶିକ୍ଷା ବଳିଷ୍ଠ ମାଧ୍ୟମ ବୋଲି ସେ ମତବ୍ୟକ୍ତ କରିଥିଲେ।

ପ୍ରଶିକ୍ଷକ ପ୍ରଳୟ ଦାସ ରୋଗମୁକ୍ତି ଦିଗରେ ଆସନ, ପ୍ରାଣାୟାମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ରୂପକ କୁମାର ମହାପାତ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସାମାଜିକ କର୍ମୀ ସେବୀ ଅନ୍ତର୍ଯାମୀ ସାମଲ, ଆୟୁଷ ଡାକ୍ତର ବିଶ୍ୱକଲ୍ୟାଣୀ ଶତପଥୀ, ନାରାୟଣ ସାମଲ, ଅନସୂୟା ଶତପଥୀ, ସୋମାଲିକା ଜେନା, ଉତ୍ତମ ନାଏକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଦିନରେ ବହୁ ମହିଳାପୁରୁଷ ଏବଂ ଅଞ୍ଚଳବାସୀ ଯୋଗଦେଇ ଯୋଗ ପ୍ରଶିକ୍ଷଣ ନେଇଛନ୍ତି। ପ୍ରତି ରବିବାର ସକାଳ ୭ଟାରେ ଶିବିର ଆୟୋଜନ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସଦିଚ୍ଛା ବାଣ୍ଟୁଛି ନୂଆଁଖାଇ



ଆଦୃତା ଶିଶୁ ସଦନରେ ନୂଆଁଖାଇ ପର୍ବ ପାଳନ ଅବସରରେ ଅତିଥି ଓ ଅନ୍ତେବାସୀ।

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଲେଖକ ସଂସଦ ସଭାପତି ଶତ୍ରୁଘ୍ନ ଭୂତିଆଙ୍କ ସଭାପତିତ୍ୱରେ ଶୁକ୍ରବାର ନୂଆଁଖାଇ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭେଟଘାଟ କାର୍ଯ୍ୟକ୍ରମକୁ ନଗରପାଳ ସୁଧାଂଶୁ କୁମାର ଦଳେଇ ଉଦ୍‌ଘାଟନ କରି କହିଲେ, ସ୍ନେହ ଓ ସଦିଚ୍ଛାର ବାର୍ତ୍ତା ବାଣ୍ଟୁଛି ନୂଆଁଖାଇ, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂସଦର ସମ୍ପାଦକ ବସନ୍ତ ପଟ୍ଟନାୟକ, ସାରଙ୍ଗଧର ମିଶ୍ର, ଗଗନ ବିହାରୀ ନନ୍ଦ, ଶରତ ମିଶ୍ର, ଇନ୍ଦ୍ରମଣି ନାୟକ, ଭବାନୀ ଶଙ୍କର ସାହୁ, ଅଞ୍ଜନ ସାହୁ, ପ୍ରକାଶ ପଟ୍ଟନାୟକ, ଗୌରାଙ୍ଗ ଦାସ, କାଳୀ ତ୍ରିପାଠୀ, ଦୀପ୍ତୀଶ ପଟ୍ଟନାୟକ, ସମୀର ସାହୁ, ବିଦ୍ୟାଧର ବାରିକ, ନୀଳମଣି ମହାରଣା, ସନ୍ତୋଷ ବେହେରା, ପୁଷ୍ପଲତା ରଥ, ବୈଜୟନ୍ତୀ ପଟ୍ଟନାୟକ, ସୁକାନ୍ତି ସାହୁ, ମନୋଜମଞ୍ଜରୀ ନନ୍ଦ, ରଶ୍ମିତା ରାଉଳ, ବୀରାଲକ୍ଷ୍ମୀ ରଣା, ଜ୍ୟୋତିର୍ମୟୀ ନାଥ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ କାଳିନ୍ଦୀ ଚରଣ ସାହୁ, ବସନ୍ତ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଦେଉଳସାହିସ୍ଥିତ ଆଦୃତା ଶିଶୁ ସଦନରେ ସୂର୍ଯ୍ୟାଲୋକ ଫାଉଣ୍ଡେଶନ ପକ୍ଷରୁ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତେବାସୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯିବା ସହ ବିଭିନ୍ନ ପାଠ୍ୟୋପକରଣ ଦିଆଯାଇଥିଲା। ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ର, ନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ, ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୪।୯**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଆମ୍ବପାଳ ଗ୍ରାମର ରମେଶ ସାହୁ ଶୁକ୍ରବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଏଥିରେ ତାଙ୍କ ଭାଇ ପୁରୁଷୋତ୍ତମ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟାରେ ଦୁଇ ଭାଇ ଘର ସମ୍ମୁଖରେ ଛିଡ଼ା ହୋଇଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ନଂ. ୧୧୯/୧୮ରେ ମାମଲା ରୁଜୁ ହୋଇଛି। ସେହିପରି ଉକ୍ତ ଅଞ୍ଚଳରେ ବଜ୍ରପାତରେ ଦୁଇଟି ଗାଈ ପ୍ରାଣ ହରାଇଥିବା ଜଣାପଡ଼ିଛି।

### ୨୧ରୁ ଜିଲାସ୍ତରୀୟ ଫୁଟ୍‌ବଲ

**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଛି ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା। ପ୍ରତ୍ୟେକ ମ୍ୟାଚ୍ ଅପରାହ୍ନ ସାଢ଼େ ୩ଟାରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ଭାଗ ନେଉଥିବା ଦଳ ୧୭ ତାରିଖ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ। ପ୍ରବେଶିକା ଦେୟ ବାବଦକୁ ୧୦୦ଟଙ୍କା ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ବିଜୟୀ ଦଳକୁ ୨୦ହଜାର ଏବଂ ରନର୍ସଅପ୍ ଦଳକୁ ୧୨ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ନଳିନୀ ଦାସ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ■ବଳଦ ଯାତ୍ରା ପ୍ରସ୍ତୁତି ବୈଠକରେ କ୍ଷୋଭ

# ମିଳୁନି ପ୍ରଶାସନିକ ସହଯୋଗ

**ଭୁବନ, ୧୪।୯(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଶାନ୍ତି କମିଟି କର୍ମକର୍ତ୍ତାମାନେ।

■ପ୍ରତିଶ୍ରୁତି ଦେଇ ଖସିଯାଉଛନ୍ତି ଅଧିକାରୀ

■ସମସ୍ୟାରେ ଫିକା ପଡ଼ୁଛି ନୀତି, ପରମ୍ପରା

ଭୁବନ ଅଞ୍ଚଳର ଐତିହ୍ୟ, ପରମ୍ପରା, ସଂସ୍କୃତିର ପ୍ରତୀକ ପ୍ରସିଦ୍ଧ ବଳଦଯାତ୍ରାକୁ ଆଉ ମାତ୍ର ଦିନ କେଇଟା ବାକି। ଏଥି ଲାଗି ପବିତ୍ର ଗହ୍ମାପୂର୍ଣ୍ଣିମାରୁ ଆରମ୍ଭ ହୋଇଛି ପ୍ରସ୍ତୁତି ଯାତ୍ରା। ଦଶହରାରେ ପ୍ରମୁଖ ଯାତ୍ରା ହେବାକୁ ଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଯାତ୍ରା ପରିଚାଳନାରେ ପ୍ରଶାସନିକ ସହଯୋଗ ମିଳୁ ନ ଥିବାରୁ ଏହାର ମହତ୍ତ୍ୱ ସୁଦୂରପ୍ରସାରୀ ହୋଇପାରୁନାହିଁ। ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା।

ଯାତ୍ରାକୁ ବ୍ୟବସ୍ଥିତ କରିବାକୁ ପ୍ରଶାସନିକ ଅଧିକାରୀ ସବୁବର୍ଷ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଠିକଣା ସମୟରେ କାହାରି ଦେଖାମିଳୁନାହିଁ। ଯାତ୍ରାର ବହୁ ପୂର୍ବରୁ ନାଳନର୍ଦ୍ଦମା ପରିଷ୍କାର, ରାସ୍ତାଘାଟ ନିର୍ମାଣ କରାଯିବ ବୋଲି ଏନ୍‌ଏସି ପ୍ରଶାସନ କହୁଛି। ହେଲେ ଆଉମାତ୍ର ଅଳ୍ପ ଦିନ ଥିବାବେଳେ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉପରଠାଉରିଆ ଭାବେ ନିଆଯାଉଛି। ସେହିପରି ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ ସହଯୋଗ ମିଳୁନାହିଁ। ବିପଦସଙ୍କୁଳ ଅବସ୍ଥାରେ ଥିବା ଖୁଣ୍ଟ ମରାମତି, ତାର ସଜଡ଼ାଯିବା ଏବଂ ଆଲୋକୀକରଣ ବ୍ୟବସ୍ଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏସବୁ ସମସ୍ୟାରୁ ଯାତ୍ରା କ୍ରମେ ଆକର୍ଷଣ ହରାଉଛି। ଚଳିତବର୍ଷ ପୂର୍ବବର୍ଷର ଅବହେଳାକୁ ପୁନରାବୃତ୍ତି ନ କରିବାକୁ କମିଟି କର୍ମକର୍ତ୍ତାମାନେ ପ୍ରଶାସନକୁ ନିବେଦନ କରିଛନ୍ତି। ଗତବର୍ଷ ଭସାଣି ଯାତ୍ରାରେ ଉଚ୍ଚଶବ୍ଦଯୁକ୍ତ ଡିଜେ ସାଉଣ୍ଡ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଶୃଙ୍ଖଳାଭଙ୍ଗ କରି ଅନେକ କମିଟି ଡିଜେ ବଜାଇଥିଲେ। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଚଳିତବର୍ଷ ପୋଲିସ ପ୍ରଶାସନ ଏହାକୁ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଛି। ବୈଠକରେ ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ନରହରି ସାହୁ, ନନ୍ଦକିଶୋର ସାହୁ, ଦିଲୀପ ଦାସ, କୁଞ୍ଜବିହାରୀ ଚିନ୍ନାରା, ସନାତନ ପାତ୍ର, ଦୁଷ୍ମନ୍ତ ପୁଷ୍ଟି, ରାମଚନ୍ଦ୍ର ନାୟକ, ଶ୍ରୀଧର ବେହେରା, ନିରଞ୍ଜନ ପୁଷ୍ଟି, ଶୁଭେନ୍ଦୁ ସାହୁ, ସୁରେନ୍ଦ୍ର ପୁଷ୍ଟି, ପ୍ରଭାକର ସାହୁ, ସମୀର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା,୧୪।୯(ଡି.ଏନ.ଏ.)- କିଶୋରନଗର ଥାନା ସାହାଜବାହାଳୀ ଗ୍ରାମର ନିଖୋଜ ସୁରତୀ ନାୟକଙ୍କ ମୃତଦେହ ଶୁକ୍ରବାର ପୋଲିସ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର କରିଛି। ସୁରତୀ କିଛି ଦିନ ନିଖୋଜ ଥିବା ନେଇ ତାଙ୍କ ଶାଶୁଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି କିଛି ଗାଈ ଚରାଳି ପୋଲିସକୁ ସୂଚନା ଦେଇଥିଲେ। ହେଲେ ସୁରତୀଙ୍କୁ ସାହାଜବାହାଳୀ ଗ୍ରାମର ଜଣେ ଯୁବକ ହତ୍ୟା କରି ଟାଙ୍ଗି ଦେଇଥିବା ସୁରତୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ ନ ହେବା ପର୍ଯ୍ୟନ୍ତ ମୃତଦେହ ନ ଛାଡିବାକୁ ପରିବାର ଲୋକେ ଜିଦ୍ ଧରିଛନ୍ତି।

### ରେଳରୋକୋ ଆନ୍ଦୋଳନ ପ୍ରସ୍ତୁତି

ବଇଣ୍ଡା,୧୪।୯(ଡି.ଏନ.ଏ.)- କିଶୋରନଗର ବ୍ଲକ ବାମୁର ରେଳ ଷ୍ଟେଶନ ନିକଟରେ ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ ଟ୍ରେନ୍ ରହଣି ଦାବିରେ ଆନ୍ଦୋଳନ କରାଯିବାକୁ କିଶୋରନଗର ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ନିଷ୍ପତ୍ତି ନେଇଛି। ଶୁକ୍ରବାର ଏ ନେଇ କମିଟି ପକ୍ଷରୁ ଜଏରାଟଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଅନନ୍ତ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ଚେରୁ ପ୍ରଧାନ, ରବୀନ୍ଦ୍ର ସାହୁ, ବୈକୁଣ୍ଠ ସାହୁ, ସିଦ୍ଧେଶ୍ୱର ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଉକ୍ତ ଏକ୍ସପ୍ରେସ୍ ଟ୍ରେନ୍‌ଟି ବାମୁର ଦେଇଯାଉଥିଲେ ହେଁ ବାମୁରଠାରେ ରହୁନାହିଁ। ଫଳରେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୧୦ ପଞ୍ଚାୟତବାସୀ ହଇରାଣ ହେଉଛନ୍ତି। ଟ୍ରେନ ରହଣି ପାଇଁ ବହୁବାର ଦାବି ହୋଇଥିଲେ ମଧ୍ୟ ଏଥିପ୍ରତି ରେଳ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି।

### ଫସଲ ନଷ୍ଟ କଲେ ହାତୀପଲ

ଛେଣ୍ଡିପଦା,୧୪।୯(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ହରିହରପୁର ଗ୍ରାମରେ ବୁଧବାର ହାତୀପଲ ଉପଦ୍ରବ କରିଛନ୍ତି। ଗ୍ରାମର ଗୋବର୍ଦ୍ଧନ ମାହାର, ବିଦ୍ୟାଧର ନାଏକ, ବିଦ୍ୟାଧର ମାହାର, ଖଗେଶ୍ୱର ପ୍ରଧାନ, ଶ୍ରୀପତି ପ୍ରଧାନ, କୁମାର ବେହେରା, ସୁରେଶ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପ୍ରଧାନ, ଚିତରଞ୍ଜନ ସାହୁ, ସନ୍ତୋଷ କୁମାର ପ୍ରଧାନ, ବିଶ୍ୱନାଥ ସାହୁ, ରାଧାମୋହନ ପ୍ରଧାନ ପ୍ରମୁଖଙ୍କ ୧୦ ଏକରରୁ ଊର୍ଦ୍ଧ୍ୱ ଜମିରୁ ହାତୀପଲ ଧାନ ଫସଲ ଖାଇ ନଷ୍ଟ କରିଦେଇଛନ୍ତି। ଦଳରେ ପ୍ରାୟ ୭ଟି ହାତୀ ରହିଥିବା ଜଣାପଡ଼ିଛି। ବନବିଭାଗ ହାତୀଙ୍କୁ ଘଉଡାଇବା ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି।

## ଜିଲାସ୍ତରୀୟ କର୍ମଶାଳାରେ ମତ

# 'ଗଣମାଧ୍ୟମର ସହଯୋଗରେ ଦୂର ହେବ ସମସ୍ୟା'



ଜିଲାସ୍ତରୀୟ କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତା ।

ଢେଙ୍କାନାଳ ଅଫିସ,୧୪।୯

ଢେଙ୍କାନାଳ ପିପାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଲିମ କେନ୍ଦ୍ରରେ ନିର୍ବାଚିତ ମହିଳା ପ୍ରତିନିଧି ତଥା ଅଲିଭା ମହାସଂଘ ସହାୟତାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଶୁକ୍ରବାର ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମକ୍ଷେତ୍ରରେ ମହିଳା ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସମସ୍ୟା ସମାଧାନ ଦିଗରେ ଗଣମାଧ୍ୟମର ସହାୟତା ନେବାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ପଞ୍ଚାୟତର ମାସିକ ବୈଠକ ହେଉନାହିଁ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉନାହିଁ। ବିଭିନ୍ନ ଆବାସ ଯୋଜନାରେ ଅନିୟମିତତା ହେଉଛି। ଦୀର୍ଘଦିନ ଧରି ଭୂମିହୀନ ଏବଂ ଜଙ୍ଗଲରେ ରହୁଥିବା ବନବାସୀ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ସରପଞ୍ଚଙ୍କ ପୁରୁଷ ଛାୟା ପ୍ରତିନିଧିଙ୍କ ସିଧାସଳଖ ହସ୍ତକ୍ଷେପ ପଞ୍ଚାୟତ କାର୍ଯ୍ୟ ସମ୍ପାଦନରେ ବାଧକ ସାଜୁଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଥିଲେ ମହିଳା ପ୍ରତିନିଧି। ପଞ୍ଚାୟତର ବିକାଶ ଦିଗରେ ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ସୋସିଆଲ ମିଡ଼ିଆ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ସହାୟତା ନିଆଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। କ୍ଷତିଗ୍ରସ୍ତ ଲୋକଙ୍କୁ ନ୍ୟାୟ ମିଳିପାରିବ ବୋଲି ମତ ପ୍ରକାଶ ପାଇଥିଲା। ଆବଶ୍ୟକସ୍ଥଳରେ ଗଣମାଧ୍ୟମ, ସୂଚନା ଅଧିକାର ଆଇନ, ଜଙ୍ଗଲ ଜମି ଅଧିକାର ଆଇନ, ଆଇନସେବା ପ୍ରାଧିକରଣର ସହାୟତା ଲୋଡ଼ିବାକୁ ପରାମର୍ଶ ଦିଆଯାଇଥିଲା। ପିପାର ଅନୁଷ୍ଠାନ ଏବଂ ଦି ହଙ୍ଗର ପ୍ରୋଜେକ୍ଟ ସହାୟତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଏବଂ ସଦର ବ୍ଲକର ୪୫ଜଣ ମହିଳା ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ରୁଦ୍ର ନାରାୟଣ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁକୁମାର ନାୟକ, ଦେବରାଜ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକ ସଂଯୋଜିକା ମମତାମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଅନୁଗୋଳ ଜିଲା କଣିହାଁ ବ୍ଲକ କମରେଇ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ସିଆର୍‌ସିସି ଅନ୍ତର୍ଯ୍ୟାମୀ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଭୁବନାନନ୍ଦ ବେହେରା, କୈଳାସ ଚନ୍ଦ୍ର ପ୍ରଧାନ, କମଳ ଲୋଚନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିଜୁ ବ୍ଲକ ହେଲ୍‌ପ ଗ୍ରୁପ ପକ୍ଷରୁ ଗଣେଶ ପୂଜା

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ଜିଲା ବଳରାମ ପ୍ରସାଦ ନାଲକୋ ନଗର ସ୍ଥିତ ପୂଣ୍ୟଶର୍ମା ନକୁଳ ଚନ୍ଦ୍ର ଅନାଥ ଓ ଭିନ୍ନକ୍ଷମ ବିଦ୍ୟାଳୟରେ ଗଣେଶ ପୂଜା ପାଳିତ ହୋଇଯାଇଛି। ବିଜୁ କ୍ଲବ ହେଲ୍ପ ଗ୍ରୁପର ସଦସ୍ୟମାନେ ଏଠାରେ ପୂଜାର ଆୟୋଜନ କରିଥିଲେ। ଏହି ଅବସରରେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ବିଜୁ କ୍ଲବ ହେଲପ ଗ୍ରୁପର ସଭାପତି ବିଶ୍ୱଜିତ ସାହୁ, ସମ୍ପାଦକ ରାଜେଶ ମିଶ୍ରଙ୍କ ସହ ପ୍ରେମାନନ୍ଦ, ରାଜିବ, ଜିନୁ, ପପୁ, ସୁବ୍ରତ, ଟୁଟୁ, ଦିପୁନ, ସଂଗ୍ରାମ, ତୁଷାର ପ୍ରମୁଖ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପୂଣ୍ୟଶର୍ମା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଆଇଏନ୍‌ଟିୟୁସି ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ତାଳଚେର,୧୪।୯(ନି.ପ୍ର.)

ଓଡ଼ିଶା କୋଲିୟାରୀ ମଜଦୁର ସଂଘ (ଆଇଏନ୍‌ଟିୟୁସି)ର ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଗତ ୪ ଓ ୫ ତାରିଖରେ ମାଣ୍ଡୋଜୀଠାରେ ହୋଇଥିବା ଶ୍ରମ ସମ୍ମିଳନୀରେ ଯୋଗଦେବାକୁ ଆର୍ଜେଣ୍ଟିନା ଗସ୍ତରେ ଯାଇଥିଲେ। ସେ ଫେରିବା ପରେ ବୁଧବାର କେନ୍ଦ୍ରୀୟ ସଙ୍ଗଠନ କାର୍ଯ୍ୟାଳୟଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ଶ୍ରମିକ ନେତା ସୁବ୍ରତ ମାଝି, ଆର.ଜି. ମହାନ୍ତି, ଆଇ.ଜି. ପାଢ଼ି, ପି.ଜେ. ରାୟ, ଲଳିତେନ୍ଦୁ ଗଡନାୟକ, ବଳରାମ ବେହେରା, ଯଶବନ୍ତ ସାହୁ, ଏଲ.ଏନ. ନନ୍ଦ, ରମେଶ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୟୁରୋପ ମହାଦେଶରୁ ୮୨ଜଣ ଓ ଅନ୍ୟଦେଶରୁ ୧୦୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। କମ୍ପ୍ୟୁଟରୀକରଣ, ଡିଜିଟାଲାଇଜେଶନ ଯୋଗୁ କିଭଳି ଶ୍ରମିକ କାମ ପାଇବାରୁ ବଞ୍ଚିତ ହେଉଛନ୍ତି, ଶ୍ରମିକମାନଙ୍କ ସୁରକ୍ଷା, ୱେଲଫେୟାର ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସେଠାରେ ଆଲୋଚନା ହୋଇଥିବା ସୌଭାଗ୍ୟ ସୂଚନା ଦେଇଥିଲେ।

## ବାଇକ ଧକ୍କାରେ ଯୁବକ ଗୁରୁତର

ଅନୁଗୋଳ ଅଫିସ, ୧୪।୯

ଅନୁଗୋଳ ପାତାଳି ମନ୍ଦିରଠାରେ ଗତ ୯ ତାରିଖରେ ବାଇକ ଦୁର୍ଘଟଣାରେ ବନ୍ତଳା ବ୍ଲକ ବାରଗୋଡ଼ଣୀଆ ଅଞ୍ଚଳର ଭବାନୀ ଶଙ୍କର ପ୍ରଧାନ(୨୨) ଗୁରୁତର ହୋଇଥିଲେ। ଏ ନେଇ ଶୁକ୍ରବାର ଭବନୀଙ୍କ ସମ୍ପର୍କୀୟ ସୁଶାନ୍ତ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଭବାନୀ ବାଇକ(ନଂ.ଓଡ଼ି- ୩୫- ୯୫୧୮) ଯୋଗେ ଯାଉଥିବାବେଳେ ତାଙ୍କୁ ଏକ ବାଇକ (ନଂ. ଓଡ଼ି୧୯ଡ଼ି ୪୯୦୯) ଧକ୍କା ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ରେଙ୍ଗାଳି ଡ୍ୟାମର ସମସ୍ତ ଗେଟ୍ ବନ୍ଦ

କଣିହାଁ,୧୪।୯(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀ ରେଙ୍ଗାଳି ଡ୍ୟାମରେ ବନ୍ୟାଜଳ ବୃଦ୍ଧି ପାଇବାକୁ ନେଇ ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଜଳ ନିଷ୍କାସନ ପାଇଁ ଖୋଲାଯାଇଥିବା ୧୧ନଂ. ଗେଟ୍‌କୁ ଶୁକ୍ରବାର ରାତି ୯ଟାରେ ବନ୍ଦ କରାଯାଇଛି। ଡ୍ୟାମ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ୍ କୁମାର ଜେନା କହିଛନ୍ତି, ଜଳସ୍ତର ବୃଦ୍ଧିକୁ ନେଇ ଗେଟ୍ ଖୋଲିଥିଲା। ଡ୍ୟାମର ଜଳ ଧାରଣା କ୍ଷମତା ୧୨୩.୫୦ ମିଟର ରହିଛି। ଜଳସ୍ତର ୧୨୨.୮୨ ମିଟରରେ ପହଞ୍ଚିବାରୁ ଗେଟ୍ ବନ୍ଦ କରାଯାଇଥିବା ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ଯାତ୍ରୀ ବିଶ୍ରାମାଗାର ପୁନରୁଦ୍ଧାର ଦାବି

ମାଧପୁର,୧୪।୯

ଆଠମଲ୍ଲିକ ବ୍ଲକ ଦେଇ ଯାଇଥିବା ୧୫୩ ନଂ. ଜାତୀୟ ରାଜପଥର କିଆକଟା ପଞ୍ଚାୟତରେ ଥିବା ଯାତ୍ରୀ ବିଶ୍ରାମାଗାର ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ଚତୁଃପାର୍ଶ୍ୱରେ ଗଛ ଲତା ମାଡ଼ି ଯାଇଥିବାରୁ ଏଠାରୁ ଆଠମଲ୍ଲିକ, ମାଧପୁର, ଅନୁଗୋଳ, ସମ୍ବଲପୁର, ବୌଦ୍ଧ, ସୋନପୁର, ବଲାଙ୍ଗୀର, ଫୁଲବାଣୀ ଆଦି ସ୍ଥାନକୁ ଯିବା ପାଇଁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ରାତିରେ ମଦପ୍ୟଙ୍କ ଜମୁଥିବାରୁ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଉକ୍ତ ଯାତ୍ରୀ ବିଶ୍ରାମାଗାର ପୁନରୁଦ୍ଧାର କରାଯାଇ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ତାଳଚେର/ଅନୁଗୋଳ ଅଫିସ୍,୧୪।୯(ନି.ପ୍ର.)

ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ସାର କାରଖାନାର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ଶୁକ୍ରବାର ତାଳଚେର ଭାଜପା ମହିଳା ମୋର୍ଚ୍ଚାର ଏକ ବୈଠକ ଏଫସିଆଇ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ ଯୋଗଦେଇ ପ୍ରଧାନମନ୍ତ୍ରୀ ମହିଳାଙ୍କ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୨୨ରେ ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌ରୁ ମହିଳା ମୋର୍ଚ୍ଚାର ସମସ୍ତ କର୍ମୀ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସାମିଲ ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ବିଧାନସଭା ପ୍ରଭାରୀ ଡିଲେଶ୍ୱର ପ୍ରଧାନ, ମହିଳା ମୋର୍ଚ୍ଚାର ପ୍ରଭାରି ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ମଲ୍ଲିକ୍, ପୂର୍ବତନ ନଗରପାଳ ଜ୍ୟୋତ୍ସ୍ନା ଦଳେଇ, ସୁଫଳା ପୃଷ୍ଟି, ଜିଲା ପରିଷଦ ସଦସ୍ୟା ମଞ୍ଜୁ ବେହେରା, ଗୀତାଞ୍ଜଳି ପାତ୍ର, ସଂଯୁକ୍ତା ମହାରଣା, ଦୀପ୍ତିପ୍ରଭା ମହାରଣା, ବୀଣାପାଣି ନାୟକ, ପ୍ରତିମା ଦେହୁରୀ, ସରୋଜିନି ବେହେରାଙ୍କ ସମେତ ବହୁ ମହିଳା କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ସେହିପରି ଖଳାରୀ ରଙ୍ଗେଇ କ୍ଲବଠାରେ ଭାଜପା ମଣ୍ଡଳ ସଭାପତି ଲୋଚନ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ବସିଥିଲା। ସଂଯୋଜକ ଯଜାତି ପଟ୍ଟନାୟକ, ସଙ୍ଗଠନର ପ୍ରଦିପ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତ, ପ୍ରତିମା ମିଶ୍ର, ଓବିସି ମୋର୍ଚ୍ଚା ଜିଲା ସଭାପତି ଦିଲୀପ ପ୍ରଧାନ, ଗିରାଙ୍ଗ ଯୁବନେତା କୁନା ଗଡ଼ନାୟକ, ସୁଶାନ୍ତ ନାଥ, ମଣ୍ଡଳ ପଞ୍ଚାୟତ ପ୍ରମୁଖ ଉପସ୍ଥିତ ଥିଲେ।

## 'ରାଜ୍ୟ ସରକାର ଦୋମୁହାଁ ନୀତି ଆପଣାଉଛନ୍ତି'

ତାଳଚେର,୧୪।୯(ନି.ପ୍ର.)

ତାଳଚେର ଥର୍ମାଲଠାରେ ନିର୍ମିତ ହେବାକୁ ଥିବା ନୂତନ ୧୩୨୦ ମେଗାୱାଟ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ ଆଗାମୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିବେ। ହେଲେ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଆବଶ୍ୟକ ଅନୁମୋଦନ ପ୍ରଦାନ ନ କରି ରାଜ୍ୟ ବିକାଶରେ ବାଧକ ସାଜିଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ଭୂମି, ଜଳ, ପରିବେଶ ଓ ଅନ୍ୟ ବୈଧାନିକ ଅନୁମତି ମିଳିସାରିଛି। କିନ୍ତୁ ଓଡ଼ିଶା ସରକାରଙ୍କ ହାଇଲେଭଲ କମିଟି (ଏଚ୍.ଏଲ୍.ସି)ର ଅନୁମୋଦନ ଅଦ୍ୟାବଧି ମିଳି ପାରିନାହିଁ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଗୋଟିଏପଟେ ରାଜ୍ୟ ସରକାର ଓଡ଼ିଶାରେ ପୁଞ୍ଜି ନିବେଶ କରିବା ପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କୁ ନିମନ୍ତ୍ରଣ କରୁଥିବା ବେଳେ ଅନ୍ୟପଟେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ମଞ୍ଜୁରୀ ପ୍ରଦାନ ନ କରିବା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ବୋଲି ସାମଲ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟ ସରକାର ରାଜନୀତି ନ କରି ଓଡ଼ିଶାର ବିକାଶ ଏବଂ ରାଜ୍ୟବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ ନ କଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସାମଲ ଚେତାବନୀ ଦେଇଛନ୍ତି।

PARADIP PORT TRUST
e-TCN No.EM/IOHP-70/2018
Name of the work "Replacement of Wagon Tippler-150". Estimated cost: Rs. 15,81,69,375/-. Last Date & Time of Submission of bid: dt. 28.09.2018 up to 16.00 Hrs. Refer our website for details, https://eprocure.gov.in/eprocure/app.
Executive Engineer (M)
Iron Ore Handling Plant
PPT/PR/328/18-19 Dt.14.09.2018

## ନିର୍ମାଣ ହେଉନି ଶ୍ରେଣୀଗୃହ

# ଜିଲାପାଳଙ୍କଠାରେ ଅଭିଯୋଗ

ବଇଣ୍ଡା,୧୪।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ତଳେଇପଥର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ହେଉନି। ଫଳରେ ଛାତ୍ରୀଛାତ୍ର ବହୁ ଅସୁବିଧାରେ ପାଠ ପଢୁଛନ୍ତି। ଏ ନେଇ ଅସନ୍ତୁଷ୍ଟ ଅଭିଭାବକ ତଥା ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏଥିସହ ଅଭିଯୋଗ ପତ୍ରର ନକଲ ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ, ଜିଲା ଶିକ୍ଷା ଅଧିକାରୀ, ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ, ଆଠମଲ୍ଲିକ ବିଧାୟକ, ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୬୫ରେ ସ୍ଥାପିତ ଏହି ବିଦ୍ୟାଳୟରେ ୧ମରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ୧୧୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଶ୍ରେଣୀଗୃହ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ମୋଟ ୮ଟି ଶ୍ରେଣୀ ଆବଶ୍ୟକ ଥିବାବେଳେ ମାତ୍ର ୩ ଟି ଶ୍ରେଣୀଗୃହ ରହିଛି। ଫଳରେ ୨ରୁ ୩ଟି ଶ୍ରେଣୀର ପିଲା ଏକାଠି ଗୋଟିଏ ଗୃହରେ ବସି ପାଠପଢୁଛନ୍ତି। ସେହିପରି ମଧ୍ୟାହ୍ନଭୋଜନ ପାଇଁ ଗୃହ ନ ଥିବାବେଳେ ଖୋଲା ଆକାଶ ତଳେ ବସି ଛାତ୍ରୀଛାତ୍ରମାନେ ଖାଉଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଶିକ୍ଷା କମିଟି ସଭାପତି ପୀତବାସ ନାୟକ, ନରେଶ ଚନ୍ଦ୍ର ଦେହୁରୀ, ସନାତନ ସାହୁ, ଭକ୍ତିଚରଣ ନାୟକ, ଭାରତୀ ନାୟକ, କର୍ଣ୍ଣ ମିର୍ଦ୍ଧା, ପ୍ରମିଳା ନାୟକ, ବନିତା ସାହୁ, ମମତା ନାୟକ, କାନ୍ତି ପ୍ରଧାନ, ରେଣୁ ନାୟକ, ରଶ୍ମିତା ନାୟକ, ଘନ ଗୋଛାୟତ ପ୍ରମୁଖ ଦାବି କରିଛନ୍ତି।

# ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା



ମାଧପୁର, ୧୪।୯

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୨ ଟି ସରକାରୀ ବିଦ୍ୟାଳୟର ୧୭ ବର୍ଷରୁ କମ୍ ୭୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଉଭୟ ଛାତ୍ରୀ ଓ ଛାତ୍ର ବିଭାଗରୁ ୧୨ ଜଣ ଲେଖାଏ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଦେବରାଜ ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ଶରତ ଚନ୍ଦ୍ର ସାହୁ, ଦିବାକର ପ୍ରଧାନ ଏବଂ ପବିତ୍ର ମୋହନ ନାୟକ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. EST- 38 / 2018 -19 / 19042 Dt. 11.09.2018
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding From | To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Entry Gate of Government College of Engineering at Keonjhar | CGM (Civil), IDCO, IDCO Tower, Janpath, Bhubaneswar | Bid ID. No. Civil - EST - E - 38/ 2018-19 | 06 (Six) Calendar Months | Rs.86,35,326.00 | 18.00 Hours of 18.09.2018 | 17.00 Hours of 03.10.2018 |

Further details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd/-
Chief General Manager (Civil), I/C
IDCO, Bhubaneswar

ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା.୩୦୬୬୬ ତା.୧୩.୦୯.୨୦୧୮
ବିଜ୍ଞାପନ
ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ସମସ୍ତ ଦୋକାନ ମାଲିକ ଏବଂ ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ପ୍ରତିଷ୍ଠାନର ନାମକୁ ସ୍ୱଚ୍ଛ ଓଡିଆରେ ଲେଖି ପ୍ରତିଷ୍ଠାନ ସମ୍ମୁଖରେ ଫଳକ ମାରିବାକୁ ଜଣାଇଦିଆଯାଉଅଛି । ଆବଶ୍ୟକ ସ୍ଥଳେ ଓଡିଆ ସହିତ ଅନ୍ୟ ଭାଷାର ଫଳକ ମଧ୍ୟ ମାରିପାରିବେ । ଏହା ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୀତ "ଓଡିଶା ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ (ସଂଶୋଧନ) ଆଇନ୍ ୨୦୧୮" ଭିତ୍ତିରେ କରାଯାଇଛି,ଯାହାକି ଓଡିଶା ସରକାରଙ୍କ ରାଜପତ୍ର ସଂଖ୍ୟା – ୮୨୪ ରେ ୩୦ ମଇ ୨୦୧୮ ରେ ପ୍ରକାଶିତ ହୋଇଛି ।
ତେଣୁ ବିଏମ୍‌ସି ସୀମା ଭିତିରେ ଥିବା ପ୍ରତ୍ୟେକ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ପ୍ରତିଷ୍ଠାନର ନାମକୁ ସ୍ୱଚ୍ଛ ଭାବେ ଓଡିଆରେ ଲେଖି ଏହି ବିଜ୍ଞାପନ ପ୍ରକାଶିତ ହେବାର **୧୫ ଦିନ** ମଧ୍ୟରେ ଲଗାନ୍ତୁ । ଏଥିରେ କୌଣସି ପ୍ରକାର ତ୍ରୁଟି ପରିଲିକ୍ଷିତ ହେଲେ ପ୍ରଥମ ଥର ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୧୦୦୦ଟଙ୍କା ଆଦାୟ କରାଯିବ ଏବଂ ଏହି ପରିମାଣକୁ ୫୦୦୦ଟଙ୍କା ଯାଏଁ ବୃଦ୍ଧି କରାଯାଇପାରିବ । ଦ୍ୱିତୀୟ ଥର ଓ ପରବର୍ତ୍ତି ପରିଲିକ୍ଷିତ ତ୍ରୁଟି ପାଇଁ ଆର୍ଥିକ ଜୋରିମାନା ଅନ୍ୟୁନ ୨୦୦୦ ଟଙ୍କା ଆଦାୟ କରାଯିବ, ଯାହାକୁ ୨୫୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ।
କମିଶନର
ଭୁବନେଶ୍ୱର ମହାନଗର ନିଗମ
ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

GOVERNMENT OF ODISHA
"e" PROCUREMENT NOTICE
Bid Identification No.18 of 2018-19
01. Name of the Work :- Execution of different civil works in the district of Balangir. (Refer DTCN available in the website :-tendersorissa.gov.in)
02. Total No of work :- 09 Nos.
03. Estimated Cost :- Rs. 52.22 Lakh to Rs. 288.56 Lakh
04. Eligible Class of Contractor :- "B & A Class " Contractor
05. Period of Completion :- 06 Months to 12 Months (Refer DTCN available in the website :- tendersorissa.gov.in)
06. Other Details

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Executive Engineer, RWSS Division, Balangir | 18 of 2017-18 | Dt. 17.09.2018 at. 10.00 hrs | Dt. 03.10.2018 upto 17.00 hrs |

Further details can be seen from the website www.tendersorissa.gov.in.
Corrigendum, if any, will be uploaded in website only.
Sd./- Executive Enginner
RWS&S Division, Balangir
25033/11/0014/1819
No.757-O

GOVT. OF ODISHA No.496-A
OFFICE OF THE ENGINEER-IN-CHIEF
WATER RESOURCES
ODISHA, BHUBANESWAR
'E' PROCUREMENT NOTICE No.CELMB 33 OF 2018-19
1. Name of the work : Raising & strengthening with slope protection work by providing launching apron & packing of Jharling Belanga saline embankment from RD 00 to 29.100 Km (working RD 00 to 8.00 Km) under NABARD Assistance RIDF-XXIV.
2. Amount put to Tender : Rs.28,95,37,059.00
3. Bid Document Cost : Rs.10,000.00 (online)
4. E.M.D : Rs.28,95,400.00 (online)
5. Class of Contractor : Super Class
6. Period of Completion : 24 calendar months (730 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding From | To | Date of Opening of Technical Bid (Cover-I) |
|---|---|---|---|---|
| Chief Engineer FC & Basin Manager, LMB, Bhubaneswar | CELMB NMPD 07 OF 2018-19 | 17.09.2018 10.00hrs | 06.10.2018 17.00hrs | 09.10.2018 11.00 hrs |

8. E-MAIL ID : CELMBBBSR@YAHOO.CO.IN
FURTHER DETAIL CONDITIONS CAN BE SEEN FROM THE GOVT. WEBSITE WWW.TENDERSORISSA.GOV.IN.
Chief Engineer, FC & Basin Manager
Lower Mahanadi Basin
32252/11/0041/1819

# ଅଟୋମୋବାଇଲ୍ ଶିଳ୍ପରେ କ୍ୟାରିୟର

ମଣିଷ ଆଜି ପକ୍ଷୀ ପରି ଉଡ଼ି ପାରୁଛି। ମାଛ ପରି ପହଁରି ପାରୁଛି ଏବଂ ଘୋଡ଼ା ପରି ଦୌଡ଼ି ପାରୁଛି। ହଜାର ହଜାର ବର୍ଷ ପୂର୍ବେ ମଣିଷ ହୁଏତ କେବେ କଳ୍ପନା ବି ସୁଦ୍ଧା କରି ନ ଥିବ ଯେ, ଗୋଟେ ସମୟ ଆସିବ ଯେତେବେଳେ ନିଜ ଜ୍ଞାନବଳରେ ଏତେ ସବୁ ସିଦ୍ଧ କରିପାରିବ।

କେଉଁ ମୁହୂର୍ତ୍ତରେ ମଣିଷ ଦୂର ସ୍ଥାନକୁ ସହଜରେ ଆଉ ଶୀଘ୍ର ଯାତ୍ରା କରିବା ପାଇଁ ଉପାୟ ଖୋଜିଥିଲା ତାହା ଆଜି ଜଣାନାହିଁ। କିନ୍ତୁ ବିଶ୍ୱ ଇତିହାସର ପୃଷ୍ଠା କୁହେ ଖ୍ରୀଷ୍ଟପୂର୍ବ ୩୫୦୦ ବେଳକୁ ମେସୋପୋଟାମିଆ ସଭ୍ୟତା ପ୍ରଥମ ଥର ପାଇଁ ଚକ ଉଦ୍ଭାବନ କରିଥିଲା।

ଏହାକୁ କ୍ରମବିକାଶ କୁହାଯାଇ ପାରେ ଅଥବା ବିବର୍ତ୍ତନ । ଫଳ ସ୍ୱରୂପ ଆଜି ମଣିଷ ଶଗଡ଼ ଗାଡ଼ିଠାରୁ ଆରମ୍ଭ କରି ବସ୍, ଟ୍ରକ୍, କାର୍, ମୋଟରସାଇକେଲ ଆଦି ବିଭିନ୍ନ ଯାନ ସବୁ ତିଆରି କରି ପାରିଛି। ଏହାଦ୍ୱାରା ଆଜି ଅଟୋମୋବାଇଲ୍ ଶିଳ୍ପ ଗଢ଼ି ଉଠିବା ସହିତ ପରିବ୍ୟାପ୍ତ ମଧ୍ୟ ହୋଇଛି।



> ଏହି ଶିଳ୍ପ ଲକ୍ଷ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତିର ଏକ ସୁଯୋଗ ସୃଷ୍ଟି କରିଛି। ଏ କ୍ଷେତ୍ରରେ ଯେଉଁମାନେ କ୍ୟାରିୟର ଗଢିବାକୁ ଚାହୁଁଛନ୍ତି ହୁଏତ ଏହା ସେମାନଙ୍କ ପାଇଁ ଏକ ବିସ୍ତୃତ କ୍ଷେତ୍ର ବୋଲି କୁହାଯାଇ ପାରେ...

ପୂର୍ବରୁ ଯେଉଁ ଯାନ ସବୁ ବଜାରକୁ ଆସୁଥିଲା ତାହା ପରିବେଶ ଅନୁକୂଳ ନ ଥିଲା। ଅତିମାତ୍ରାରେ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ କରୁଥିଲା। ଫଳରେ ପର୍ଯ୍ୟାୟ କ୍ରମେ କେନ୍ଦ୍ର ସରକାର ଏହି ମାନରେ ଉନ୍ନତି ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ବର୍ତ୍ତମାନ ଦେଶରେ କେବଳ ବିଏସ୍ ୪ ଯାନ ବିକ୍ରି ହେବାର ନିୟମ ରହିଛି। କୌଣସି ଅଟୋମୋବାଇଲ୍ ମାନୁଫାକ୍ଚରର ଏଣିକି ବିଏସ୍ ୩ ଯାନ ଉତ୍ପାଦନ କରି ପାରିବେ ନାହିଁ। ଖାଲି ସେତିକି ନୁହେଁ ୨୦୨୦ ବେଳକୁ ସରକାର ବିଏସ୍ ୫ କଥା ଚିନ୍ତା ନ କରି ବିଏସ୍ ୬ ମାନର ଅଧିକ ପରିବେଶ ଅନୁକୂଳ ଯାନ ପାଇଁ ବ୍ୟବସ୍ଥା କରିବେ ବୋଲି ପୂର୍ବରୁ ସୂଚନା ଦେଇଛନ୍ତି।

ଅନ୍ୟ ପକ୍ଷରେ ଭାରତ ଭଳି ଦେଶରେ ଦୈନିକ ଯେତେ ପରିମାଣର ତୈଳଜାତ ପଦାର୍ଥ ଆବଶ୍ୟକ ପଡୁଛି ତାହାର ପାଖାପାଖି ୮୦% ବିଦେଶରୁ ଆମଦାନୀ କରାଯାଉଛି। ଏଭଳି ସ୍ଥଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିପାଇଲେ ଭାରତ ଉପରେ ଏହା ଭାରି ପଡୁଛି। ତେଣୁ ସରକାର ଏବେ ବିଦ୍ୟୁତଚାଳିତ ଯାନର ବିକାଶ ପାଇଁ ଆଗଭର ହେଉଛନ୍ତି।

ଅନ୍ୟ ପକ୍ଷରେ ନିକଟରେ ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ସୂଚନା ମିଳିଛି ସେ ଅନୁସାରେ, ଆସନ୍ତା ୫ ବର୍ଷ ମଧ୍ୟରେ ଦେଶରେ ପ୍ରତି ୧୦୦ଟି ଯାନରୁ ୧୫ଟି ବିଦ୍ୟୁତଚାଳିତ ଯାନ ଦେଖିବାକୁ ମିଳିବ।

ଏ ସମସ୍ତ କଥାକୁ ଚିନ୍ତା କଲେ ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ ଅଟୋମୋବାଇଲର ଆବଶ୍ୟକତା ଓ ଚାହିଦା ଦୃଷ୍ଟିରୁ ଏଠାରେ ଶିଳ୍ପସମୃଦ୍ଧ ହେଉଛି ବୋଲି କୁହାଯାଇ ପାରେ। ସେହିପରି ପ୍ରତିବର୍ଷ ଅଭିବୃଦ୍ଧି ହାସଲ କରିବା ସହିତ ନିଯୁକ୍ତି ସୁଯୋଗକୁ ମଧ୍ୟ ସମ୍ପ୍ରସାରିତ କରୁଛି।

## ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧି

ଅଟୋମୋବାଇଲ ଶିଳ୍ପ ସୂତ୍ରର ସୂଚନା ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷରେ ସାରା ବିଶ୍ୱରେ ଅଟୋମୋବାଇଲ୍ ମାନୁଫେକ୍ଚରିଂ କ୍ଷେତ୍ରରେ ଯେଉଁ କେତୋଟି ରାଷ୍ଟ୍ର ଆଗ ଧାଡ଼ିରେ ଥିଲେ ସେଥିରେ ଭାରତ ପ୍ରମୁଖ ସ୍ଥାନ ହାସଲ କରିଥିଲା। ଏହି ସମୟରେ ଭାରତରେ ପାଖାପାଖି ୨ କୋଟି ୩୯ ଲକ୍ଷ ୬୦ ହଜାର ୟୁନିଟ୍ ଯାନ ଉତ୍ପାଦନ ହୋଇଥିଲା। ଏହା ୨୦୧୪-୧୫ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨.୫୭% ଅଧିକ। ସେହିପରି ଏହି ଦେଶର ମୋଟ ଘୋରଇ ଉତ୍ପାଦ(ଜିଡିପି)କୁ ଏହାର ପ୍ରାୟ ୭% ଅବଦାନ ରହିଛି। ଶିଳ୍ପର ଆକଳନ ଅନୁସାରେ ୨୦୨୬ ବେଳକୁ ସମଗ୍ର ଅଟୋ ମୋବାଇଲ୍ ଶିଳ୍ପ ୧୬.୧୬ ରୁ ୧୮.୧୮ ଟ୍ରିଲିୟନ ମୂଲ୍ୟର ଶିଳ୍ପରେ ପରିଣତ ହୋଇଯିବ।



## ଅଟୋମୋବାଇଲ୍ ଇଞ୍ଜିନିୟରିଂ

ବିଶେଷ କରି ଅଟୋମୋବାଇଲ୍ ଶିଳ୍ପରେ ପ୍ରବେଶ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଟୋମୋବାଇଲ୍ ଇଞ୍ଜିନିୟରିଂରେ ପାଠ ପଢିବାର ସୁଯୋଗ ରହିଛି। ଏଥିରେ ଅଟୋମୋବାଇଲ୍‌ର ଡିଜାଇନିଂ, ମାନୁଫାକ୍ଚରିଂ ତଥା ଅପରେଟିଂ ଆଦି କ୍ଷେତ୍ରରେ ଶିକ୍ଷା ଗ୍ରହଣ କରାଯାଇ ପାରିବ।

## ନିଯୁକ୍ତି ବିକଳ୍ପ

ଏ କ୍ଷେତ୍ରରେ ବିଭିନ୍ନ ସ୍ତର ରହିଛି। ମାନୁଫାକ୍ଚରିଂଠାରୁ ଆରମ୍ଭ କରି ଡିଷ୍ଟ୍ରିବ୍ୟୁଶନ ପର୍ଯ୍ୟନ୍ତ । ଅଟୋ ଡିଜାଇନିଂ, ଡେଭ୍‌ଲପିଂ, ମାର୍କେଟିଂ ଭଳି ବିଭିନ୍ନ ସ୍ତର ରହିଛି ଯେଉଁ କ୍ଷେତ୍ରରେ କି ଯୁବବର୍ଗ ନିଜ ପସନ୍ଦିତ ସ୍ଥାନ ବାଛିପାରିବେ। ଖାଲି ସେତିକି ନୁହେଁ ମାନୁଫାକ୍ଚରିଂ କ୍ଷେତ୍ରରେ ନ ରହିଲେ ମଧ୍ୟ ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କ ଏବେ ବ୍ୟାପକ ରୂପ ଧାରଣ କରିଛି। ଅଟୋ ଡିଲର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାହାଫଳରକି ଗ୍ରାହକଙ୍କ ପାଖରେ ଯାନ ପହଞ୍ଚି ପାରୁଛି। ଏ ସବୁ ଦୃଷ୍ଟିରୁ ଦେଖିଲେ ଅଟୋମୋବାଇଲ୍ ଶିଳ୍ପରେ ଯେଉଁମାନେ କ୍ୟାରିୟର ଗଢିବାକୁ ଚାହୁଁଛନ୍ତି ବର୍ତ୍ତମାନ ସମୟରେ ଢେର୍ ସୁଯୋଗ ରହିଛି ବୋଲି କୁହାଯାଇ ପାରେ।

# ଚାକିରି ଛାଡିବାକୁ ଚାହୁଁଥିଲେ...

> ଚାକିରି ଛାଡ଼ିବା ଯେ ଭଲ ନୁହେଁ ତାହା ଭାବିବା ଭୁଲ୍। ଆବଶ୍ୟକ ସ୍ଥଳେ ଚାକିରି ଛାଡିବା ମଧ୍ୟ ଏକ ଉତ୍ତମ ନିଷ୍ପତ୍ତି ବୋଲି କୁହାଯାଇ ପାରେ। ଯେଉଁ ସଂସ୍ଥାରେ ନିଜର ପସନ୍ଦ, ରୁଚି, ନୀତି, ଆଦର୍ଶ ତଥା ସ୍ୱାଧୀନତା କ୍ଷୁଣ୍ଣ ହେଉଛି ସେଭଳି ସଂସ୍ଥାରୁ ଚାକିରି ଛାଡିବା ସପକ୍ଷରେ ନିଷ୍ପତ୍ତି ନେଲେ ତାହା ସ୍ୱାଗତଯୋଗ୍ୟ ବୋଲି କୁହାଯାଇ ପାରେ। ଯଦି ଆପଣ ନିଜ କର୍ମସ୍ଥଳୀକୁ ଛାଡ଼ିବା ପାଇଁ ଚାହୁଁଛନ୍ତି ତେବେ ଏଠାରେ ଆପଣଙ୍କ ପାଇଁ କେତୋଟି ଟିପ୍ସ...

- ଚାକିରି ଛାଡ଼ିବା ଦ୍ୱାରା ଆପଣଙ୍କୁ ପାଇଁ ଉଭୟ ଭଲ ଓ ମନ୍ଦ ସ୍ୱାଦ ଚାଖିବାକୁ ପଡିବ। ତେଣୁ ଏହାକୁ କେବେ ଭୁଲନ୍ତୁ ନାହିଁ।
- ସଂସ୍ଥା ଛାଡ଼ିବା ପୂର୍ବରୁ ନିଜର ସମସ୍ତ କାମକୁ ଯଥାସମ୍ଭବ ସମ୍ପୂର୍ଣ୍ଣ କରନ୍ତୁ। ସଂସ୍ଥା ସହିତ ଉତ୍ତମ ସମ୍ପର୍କ ରଖି ପରିଚାଳନାଗତ ଏବଂ



ପାରିତୋଷିକଗତ ବିଚାରବିମର୍ଶ ଶେଷ କରନ୍ତୁ।
- କାହିଁକି ଚାକିରି ଛାଡିବା ପାଇଁ ଚାହୁଁଛନ୍ତି ଅନୁଷ୍ଠାନକୁ ଜଣାଇବାକୁ ଯଦି ଚାହୁଁ ନାହାନ୍ତି ତେବେ ସେଭଳି ସ୍ଥଳେ କିଛି ସନ୍ତୋଷଜନକ କାରଣ ଦର୍ଶାଇବାକୁ ଭୁଲନ୍ତୁ ନାହିଁ।
- ନିଜର ଅଭିଜ୍ଞତା ପାଇଁ ସଂସ୍ଥାଠାରୁ ପ୍ରମାଣପତ୍ର ଗ୍ରହଣ କରନ୍ତୁ।
- କିନ୍ତୁ ଏ ସବୁ ପୂର୍ବରୁ ଆପଣଙ୍କୁ ବହୁବାର ଚିନ୍ତା କରିବା ଉଚିତ ଯେ, ଆପଣ ଯେଉଁ ବିକଳ୍ପ ସଂସ୍ଥା ସମ୍ପର୍କରେ ଭାବୁଛନ୍ତି ତାହା ଆପଣଙ୍କ ପାଇଁ ଉଚିତ ହେବ କି ନାହିଁ।
- ନିଷ୍ପତ୍ତି ନେବା ସମୟରେ କୌଣସି ପ୍ରକାରେ ନିଜ ଭାବପ୍ରବଣତାକୁ ନିଜ ଚିନ୍ତା ଓ ଚେତନା ଶକ୍ତିଠାରୁ ଅଧିକ ସକ୍ରିୟ କରନ୍ତୁ ନାହିଁ। କାରଣ ଭାବପ୍ରବଣତା ହୁଏତ ଭୁଲ୍ ନିଷ୍ପତ୍ତି ଆଡ଼କୁ ଠେଲି ଦେଇ ପାରେ।
- ଯଦି ଆପଣ ସଂସ୍ଥା ଛାଡ଼ିବା ପାଇଁ ଦୃଢ଼ନିଶ୍ଚିତ ତେବେ ପରବର୍ତ୍ତୀ ପଦକ୍ଷେପ ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ। ନିଜ କ୍ୟାରିୟର ପ୍ରୋଫାଇଲ୍ ବା କରିକୁଲମ୍ ଭିଟାରେ ସଦ୍ୟତମ ଅଭିଜ୍ଞତାକୁ ସାମିଲ କରନ୍ତୁ। ଯେଉଁ ସ୍ଥାନରେ ପରିବର୍ତ୍ତନ ଚାହୁଁଛନ୍ତି ତାହାକୁ ଆବଶ୍ୟକ ମୁତାବକ ସଜାଡ଼ି ନିଅନ୍ତୁ।
- ସଂସ୍ଥା ଛାଡିବା ପୂର୍ବରୁ ବୈଧାନିକ ଭାବେ ନିଜ ବସ୍‌ଙ୍କ ସହ ସାକ୍ଷାତ କରନ୍ତୁ।
- ଆପଣଙ୍କ ସ୍ଥାନରେ ଯେଉଁ କର୍ମଚାରୀ ନିୟୋଜିତ ହେବେ ବା ଅତିରିକ୍ତ ଦାୟିତ୍ୱଗ୍ରହଣ କରିବେ ତାଙ୍କୁ କାର୍ଯ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇ ଦାୟିତ୍ୱ ହସ୍ତାନ୍ତର କରନ୍ତୁ।
- ନୂଆ ସଂସ୍ଥାରେ ଯୋଗ ଦେବା ପୂର୍ବରୁ କିଛି ଦିନ ଭ୍ରମଣରେ ସମୟ ଅତିବାହିତ କରନ୍ତୁ ବା ନିଜ ପରିବାରକୁ ସମୟ ଦିଅନ୍ତୁ।
- ନୂଆ ସଂସ୍ଥାରେ ଯୋଗ ଦେବା ପରେ ସେଠାରେ ହୁଏତ ପ୍ରାରମ୍ଭିକ ଅବସ୍ଥାରେ ଅସହଜବୋଧ ହୋଇପାରେ। କିନ୍ତୁ ଏହାକୁ ଖାପ ଖୁଆଇବା ପାଇଁ ଚେଷ୍ଟା କରିବା ଉଚିତ।

**ଶେଷରେ କୁହାଯାଇ ପାରେ ଆପଣଙ୍କ ନୂତନ ସଂସ୍ଥା ସବୁ ଦୃଷ୍ଟିରୁ ଆପଣଙ୍କ ପାଇଁ ପୂର୍ବାପେକ୍ଷା ଉତ୍କୃଷ୍ଟ ହୋଇଥିବା ଦରକାର। ବେତନ ଠାରୁ ଆରମ୍ଭ କରି ପଦବୀ ଏବଂ ଆନୁଷଙ୍ଗିକ ସହାୟତା ଆଦି କ୍ଷେତ୍ରରେ ଆପଣ ସନ୍ତୁଷ୍ଟ ହେଉଥିବା ଉଚିତ।**

## ଅନ୍ୟାନ୍ୟ ଖବର

### ସମସ୍ତ ଏସ୍‌ପି, ଡିସିପିଙ୍କୁ ଡିଜିପିଙ୍କ ନିର୍ଦ୍ଦେଶ

# ଶକ୍ତିପୀଠରେ ପଶୁବଳି ବନ୍ଦ କର

**ପୂଜା ପାଇଁ ତତ୍ପରତା**
- ଗିରଫ ହେବେ ଏନ୍‌ବିଡବ୍ଲ୍ୟୁ ପାଇଥିବା ଅଭିଯୁକ୍ତ
- ନଜରରେ ରହିବ ମଦ କାରବାର
- ଗୋଟିଏ ଦିନରେ ମୂର୍ତ୍ତି ବିସର୍ଜନ ଉପରେ ଗୁରୁତ୍ୱ

କଟକ ଅଫିସ୍, ୧୪।୯

ପୂଜାଋତୁ ଆରମ୍ଭ ହୋଇସାରିଛି। ଏହା କିଭଳି ସୁରୁଖୁରୁରେ ପରିଚାଳିତ ହେବ ସେଥିପ୍ରତି ତତ୍ପରତା ଦେଖାଇଛି ପୋଲିସ ବିଭାଗ। ଏନେଇ ଶୁକ୍ରବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କାର୍ତ୍ତିକ ପୂର୍ଣ୍ଣମା ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ପୂଜା ଉପରେ ନଜର ରଖିବାକୁ କୁହାଯାଇଛି। ଯେଉଁ ଶକ୍ତିପୀଠରେ ପଶୁବଳି ଦିଆଯାଉଛି ତାହା ରୋକିବାକୁ ସମସ୍ତ ଏସ୍‌ପି ଓ ଡିସିପିଙ୍କୁ କୁହାଯାଇଛି। ଏହାଛଡ଼ା ପୂଜାସ୍ଥଳ ଏବଂ ଭସାଣି ଉତ୍ସବରେ ଯେପରି ଆବଶ୍ୟକତା ଠାରୁ ଅଧିକ ଶବ୍ଦରେ ଡାକବାଜି ଯନ୍ତ୍ର ବଜା ନ ଯାଏ, ତାହା ଉପରେ ଧ୍ୟାନ ଦେବାକୁ କୁହାଯାଇଛି।


ଅକ୍ଟୋବର ୨୧ରେ ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ମହରମ ପର୍ବ ପାଳନ କରାଯିବ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ଅକ୍ଟୋବର ୧୯ରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ତା'ର ପ୍ରତିଷ୍ଠା ଦିବସ ପାଳନ କରିବ। ଏସବୁ ଉତ୍ସବ ଓ କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ନଜର ରଖିବାକୁ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କ ନାମରେ କୋର୍ଟ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି ସେମାନଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ କୁହାଯାଇଛି। ଏଥିସହିତ ଯେଉଁମାନଙ୍କ ନାମରେ ଏକରୁ ଅଧିକ ଆପରାଧିକ ମାମଲା ରହିଛି, ସେମାନଙ୍କୁ ଆଇପିସି ୧୧୦, ୧୦୭ ଦଫା ଅନୁଯାୟୀ ଗିରଫ କରିବାକୁ କୁହାଯାଇଛି। ପୂଜା ପାଇଁ ବେଆଇନ ମଦ ବେପାର ବୃଦ୍ଧି ପାଉଥିବାରୁ ଏଭଳି କାରବାର ଚାଲୁଥିବା ସ୍ଥାନ ଗୁଡିକରେ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଗୋଟିଏ ଦିନରେ ଯେପରି ସମସ୍ତ ମୂର୍ତ୍ତି ବିସର୍ଜନ କରାଯିବ ସେଥିପାଇଁ ପଦକ୍ଷେପ ନେବାକୁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି। ପୂଜାରେ ଯେପରି କୌଣସି ବିଶୃଙ୍ଖଳା ଦେଖା ନ ଯାଏ ସେଥିପାଇଁ ପୂଜା ପୂର୍ବରୁ ସ୍ଥାନୀୟ ପୂଜା କମିଟି ଅବା ଶାନ୍ତି କମିଟି ସହ ଆଲୋଚନା କରିବାକୁ ସମସ୍ତ ଥାନା ଅଧିକାରୀମାନଙ୍କୁ କୁହାଯାଇଛି। ମୂର୍ତ୍ତିରେ ଯେପରି କୌଣସି ଧାରୁଆ ଅସ୍ତ୍ର ବ୍ୟବହୃତ ନ ହୁଏ ତାହା ଉପରେ ନଜର ରଖିବାକୁ କୁହାଯାଇଛି। ଗୋଇନ୍ଦା ବିଭାଗକୁ ମଧ୍ୟ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିବାକୁ ଏସ୍‌ପି ଓ ଡିସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ମଦ ପିଇବାକୁ ଟଙ୍କା ମିଳିଲାନି

# ୨ ପୁଅଙ୍କ ଟାଙ୍ଗିଆ ମାଡ଼ରେ ମା'ମୃତ

**ସୁନ୍ଦରଗଡ଼,୧୪।୯(ଡି.ଏନ୍.ଏ)**–ସୁନ୍ଦରଗଡ଼ ସଦର ବ୍ଲକ ଅଧୀନ ବାରଗାଡ ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ମଦ ପିଇବାକୁ ଟଙ୍କା ନ ଦେବାରୁ ୨ପୁଅ ଟାଙ୍ଗିଆରେ ହାଣି ନିଜ ମା'ଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏହି ଘଟଣା ଶୁକ୍ରବାର ଜଣାପଡିବା ପରେ ନୂଆଁଖାଇ ପର୍ବର ଆନନ୍ଦ ହଜି ଯାଇଛି। ସୁନ୍ଦରଗଡ଼ ଜିଲା ସଦର ଥାନା ପୋଲିସ ୨ ହତ୍ୟାକାରୀ ନବୀନ କିଷାନ(୩୦) ଏବଂ ବିପିନ୍ କିଷାନ (୨୮)ଙ୍କୁ ଗିରଫ କରିଛି । ସେମାନେ ବ୍ୟବହୃତ କରିଥିବା ଟାଙ୍ଗିଆକୁ ପୋଲିସ ଜବତ କରି ତନାଘନା ଚଳାଇଛି । ପୋଲିସ ସୂଚନା ମୁତାବକ, ବାରଗାଡ ଗ୍ରାମର ଯୁଧିଷ୍ଠିର କିଷାନଙ୍କ ସ୍ତ୍ରୀ ତିକେଶ୍ୱରୀ ଗତ କିଛିଦିନ ତଳେ ବାର୍ଦ୍ଧକ୍ୟ ଭତ୍ତା ପାଇଥିଲେ। ସେ ସେହି ଟଙ୍କାକୁ ସାଇତି ରଖିଥିଲେ। ଏ କଥା ଜାଣିବା ପରେ ତାଙ୍କ ୨ ପୁଅ ନବୀନ ଓ ବିପିନ୍ ଗୁରୁବାର ରାତିରେ ମଦ ପିଇବାକୁ ଟଙ୍କା ମାଗିଥିଲେ। ମା' ତିକେଶ୍ୱରୀ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏଥିରେ ନବୀନ ଓ ବିପିନ ଉତ୍କ୍ଷିପ୍ତ ହୋଇ ତାଙ୍କୁ ନିହୁକ ମାଡ଼ ମାରିବା ସହ ଏକ ଟାଙ୍ଗିଆରେ ହାଣି ପକାଇଥିଲେ।

# ଆବ୍ରିଭିଏଶନ




ଆମେ କେତେକ ଶିକ୍ଷାନୁଷ୍ଠାନକୁ ଏହାର ସମ୍ପୂର୍ଣ୍ଣ ନାମ ପରିବର୍ତ୍ତେ ସଂକ୍ଷିପ୍ତ ନାମରେ ଅଧିକ ଶୁଣିବାକୁ ପାଇଥାଉ। ସମ୍ପୂର୍ଣ୍ଣ ନାମ ଦୀର୍ଘ ହେଉ ଅବା ଅନ୍ୟକେତେକ କାରଣ ପାଇଁ ଏହା ସଂକ୍ଷେପରେ ବା ଆବ୍ରିଭିଏଶନ ଆକାରରେ ଗ୍ରହଣୀୟ ହୋଇଥାଏ। ଏଠାରେ ସେହିଭଳି କେତୋଟି ଅନୁଷ୍ଠାନର ଉଭୟ ପୂରା ନାମ ଏବଂ ସଂକ୍ଷିପ୍ତ ନାମ ପ୍ରଦାନ କରାଗଲା

**ନାଇଜର:** ନ୍ୟାଶନାଲ୍ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ
**ଆଇଜର:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ
**ସିପେଟ୍:** ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି
**ଆଇଆଇଟି:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି
**ଆଇଆଇଆଇଟି:** ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେଶନ ଆଣ୍ଡ୍ ଟେକ୍‌ନୋଲୋଜି


ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଡ୍ରାଇଭର ଆବଶ୍ୟକ**
ନିଜର ସମ୍ପୂର୍ଣ୍ଣ Biodata ସହ ଯୋଗାଯୋଗ କରନ୍ତୁ।
ଆସନ୍ତା ତା୨୦।୦୯।୨୦୧୮ ରୁ ୨୨।୦୯।୨୦୧୮ ପର୍ଯ୍ୟନ୍ତ
M/s Poojarini Enterprisers
Brahmapur (Dibati) 42 Mouza, Cuttack
Phone No.-
9437119900 & 8917434268

**SECURITY JOB**
GISS ଆବଶ୍ୟକ କରୁଛି ୪୦ ଜଣ ସିକ୍ୟୁରିଟି ଗାର୍ଡ ଏବଂ ୫ ଜଣ ଗନ୍‌ମ୍ୟାନ୍। Qul.- 9th Pass & above, Height- 5'.6" & above, Age- 20 to 45। ସ୍ଥାନ– ବାଙ୍କି, ଟିଗିରିଆ, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଟାଙ୍ଗି, ଗୋବିନ୍ଦପୁର, ଚୌଦ୍ୱାର, ସାଲେପୁର, ଜଗତପୁର।
Contact: 9861744455, 9439167075

**URGENTLY REQUIRED**
1. Event Production Supervisor
2. Client Service (MBA Mandatory)
3. Creative Designer
4. Accountant
Contact:
9437809099 / 8917480552
email us: info@enter10live.com

**GRAND OPENING 100 VACANCY**
INDIA ର ସର୍ବବୃହତ୍ତ Publishing Industry ତାର Bhubaneswar ଓ Sambalpur କାର୍ଯ୍ୟାଳୟପାଇଁ ଉଭୟ MALE / FEMALE ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଯୋଗ୍ୟତା - 10th / +2 / +3. Monthly Income : Rs.10000/-, Age : Below 27 years ଆସନ୍ତା ୪ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335
SAMBALPUR : 9937323612

**OFFICE STAFF ଆବଶ୍ୟକ**
ଭୁବନେଶ୍ୱର Office ପାଇଁ ଯୋଗ୍ୟତା 10th/above ଥିବା ଯୁବକ ଯୁବତୀ ଆବଶ୍ୟକ। Age: (17-30) yrs. ରହିବାର ସୁବିଧା ଅଛି। Monthly Salary upto Rs.24000/-.
Contact: 9938414918

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker ଚଳାଇବା ପାଇଁ ଅନ୍ୟୁନ 5 ବର୍ଷର Experience ଥିବା Driver ଆବଶ୍ୟକ।
Contact: 9078356411

**WANTED**
Indian/ Chinese COOK for Hotel at Puri.
Contact:
9776331667


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

A Division of Timber & Furniture unit required 4 Nos. Manager at BBSR.
Mob: 7381203300

**WANTED**
ଧରିତ୍ରୀ DHARITRI Oriya daily
is looking for
**WEB DESIGNERS**
- The candidate would be responsible for designing and creating websites and web applications.
- Maintain current technical knowledge to support rapidly changing technology.
- Responsible to work closely with other development teams, to maintain, enhance existing websites and applications as well as to develop new ones.
- Proficiency in Photoshop, Illustrator or other visual design and wire-framing tools.
- Proficiency in HTML, CSS and JAVAScript for rapid prototyping.
- Proficiency in Search Engine Optimisation, Social Media tools and optimisation, Web Analytics and Monetisation.

Apply immediately to : recruitment@dharitri.com
Attractive salary commensurate with experience

**STEWART SCHOOL**
UNIT - 8, CRP SQUARE, BHUBANESWAR - 751012
**APPOINTMENT**
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar

| Sl.No. | Subject | Qualification |
|---|---|---|
| 1. | Mathematics | M.Sc. in Mathematics with B.Ed. |
| 2. | Biology | M.Sc. in Botany / Zoology with B.Ed. |
| 3. | Pre - Primary & Primary Teacher | Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates / Testimonials to the undersigned within five days from the publication of this advertisement.
Fluency in spoken English and experienced candidates will be preferred.
SECRETARY

ଧରିତ୍ରୀ DHARITRI
Dhenkanal-Angul, Saturday, 15 September, 2018



| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.84 (34) | 38,090.64 (372.68) | 11,515.20 (145.30) | 31,400.00 (₹200) | 37,650.00 (₹250) |

ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ଆଣିବା ଲାଗି ଭାରତ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡିକ ସହିତ ମିଳିତ ହୋଇ କାର୍ଯ୍ୟ କରିବ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ



ଆଧାରକୁ ସୁରକ୍ଷିତ ରଖିବା ଲାଗି ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ବହୁବିଧ ସୁରକ୍ଷା ବ୍ୟବସ୍ଥା କରାଯାଇଛି।
– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ



## ସଂକ୍ଷେପରେ

### ସେନସେକ୍ସ ୩୮ ହଜାର ଟପିଲା



**ମୁମ୍ବାଇ,୧୪-୯:** ବିଏସ୍‌ଇ ସେନସେକ୍ସ ଶୁକ୍ରବାର ୩୮ ହଜାର ପଏଣ୍ଟ ଟପିଛି। ଟଙ୍କାର ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଓ ବର୍ଦ୍ଧିତ ତେଲ ଦର ସଂକ୍ରାନ୍ତରେ ଏନ୍‌ଡିଏ ସରକାର ପଦକ୍ଷେପ ନେବାକୁ ଯାଉଥିବାରୁ ଶୁକ୍ରବାର ଦେଶର ଷ୍ଟକ୍ ବଜାରରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୩୭୨.୬୮ ପଏଣ୍ଟ ବୃଦ୍ଧି ସହ ୩୮,୦୯୦.୬୪ ରେ ବନ୍ଦ ହୋଇଛି। ସେହିପରି ନିଫ୍ଟିରେ ୧୪୫.୩୦ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଥିଲା ଏବଂ କାରବାର ଶେଷ ବେଳକୁ ଏହା ୧୧,୫୧୫.୨୦ରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଟ୍ରେଡ ୱାରକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ଆରମ୍ଭ ହେବାକୁ ଯାଉଥିବାରୁ ଏହାର ପ୍ରଭାବ ମଧ୍ୟ ସକାରାତ୍ମକ ରହିଥିଲା।

### ଟଙ୍କାରେ ୩୪ ପଇସା ଉନ୍ନତି

**ମୁମ୍ବାଇ,୧୪-୯:** ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୩୪ ପଇସା ଉନ୍ନତି ହୋଇଛି। ଏହା ଦିନର କାରବାର ଶେଷ ବେଳକୁ ୭୧.୮୪ରେ ପହଞ୍ଚିଛି। ଆର୍ଥିକ କ୍ଷେତ୍ରରେ ଅନେକ ସକାରାତ୍ମକ ସୂଚନା ଆସିବାରୁ ଟଙ୍କା ମୂଲ୍ୟରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଦିନର କାରବାର ବେଳେ ଏହା ଏକ ସମୟରେ ୭୧.୫୩ରେ ପହଞ୍ଚି ଯାଇଥିଲା। ରପ୍ତାନିକାରୀ ଏବଂ ବ୍ୟାଙ୍କଗୁଡିକ ପକ୍ଷରୁ ବ୍ୟାପକ ମାତ୍ରାରେ ଡଲାର ବିକ୍ରି ଯୋଗୁ ଟଙ୍କା ଦୃଢ଼ ହୋଇଥିଲା। ଆମେରିକାରେ ମୁଦ୍ରାସ୍ଫୀତି ବଢ଼ିବା କାରଣରୁ ସୁଧ ହାର ବୃଦ୍ଧିର ସମ୍ଭାବନା ହ୍ରାସ ପାଇବା ମଧ୍ୟ ଡଲାର ଚାହିଦାକୁ ହ୍ରାସ କରିଥିଲା। ଟଙ୍କାର ମୂଲ୍ୟ ସର୍ବକାଳୀନ ରେକର୍ଡ ଛୁଇଁ ୭୨.୯୧ରେ ପହଞ୍ଚିବା ପରେ ବୁଧବାର ୭୨.୧୮ରେ ବନ୍ଦ ହୋଇଥିଲା।

### ମ୍ୟାନେଜରଙ୍କୁ ଅଧିକ ପାରିଶ୍ରମିକ ପ୍ରଦାନ

### ସରକାରଙ୍କ ଅନୁମତି ନେବେନି ପବ୍ଲିକ ଲିମିଟେଡ କମ୍ପାନୀ

**ନୂଆଦିଲ୍ଲୀ,୧୪-୯:** ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଦରମା ଦେବା ବେଳେ ପବ୍ଲିକ୍ ଲିମିଟେଡ କମ୍ପାନୀଙ୍କୁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। କିନ୍ତୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏବେ କମ୍ପାନୀ ଆଇନ ୨୦୧୩ରେ ଥିବା ନିୟମ କୋହଳ କରିଛନ୍ତି। ଏଣିକି ମ୍ୟାନେଜର ସ୍ତରରେ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ବେତନ ଦେବା ଲାଗି ସରକାରଙ୍କ ଅନୁମତି ନେବାକୁ ପଡିବନି। ତେବେ ପ୍ରାଇଭେଟ କମ୍ପାନୀ ପାଇଁ ଏହା ଲାଗୁ ହେବ ନାହିଁ। ଉକ୍ତ ଆଇନାନୁଯାୟୀ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀକୁ ପବ୍ଲିକ୍ ଲିମିଟେଡ କମ୍ପାନୀ ଭାବେ କୁହାଯିବ। ଉଭୟ ପବ୍ଲିକ ଏବଂ ପ୍ରାଇଭେଟ ଲିମିଟେଡ କମ୍ପାନୀ ଆଇନ ଅନୁଯାୟୀ ନିୟମରେ ବନ୍ଧା। ସେମାନେ ଏକ ନିର୍ଦ୍ଦିଷ୍ଟ ସୀମା ପରେ ମ୍ୟାନେଜରଙ୍କ ବେତନ ଓ ଭତ୍ତା ବୃଦ୍ଧି କରିପାରିବେ ନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ଏବେ ୭୦ ହଜାର ପବ୍ଲିକ ଲିମିଟେଡ କମ୍ପାନୀ ସକ୍ରିୟ ରହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ମ୍ୟାନେଜରମାନଙ୍କୁ କମ୍ପାନୀର ନେଟ୍ ଲାଭର ୧୧ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ବେତନ ଦେଇହେବ। ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତାବ ମାଧ୍ୟମରେ ଶେୟାର ଧାରକଙ୍କଠାରୁ ଅନୁମୋଦନ ନେବାକୁ ହେବ। ତେବେ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଅଥବା ନନ୍ କନଭର୍ଟିବୁଲ ଡିବେଞ୍ଚର ଧାରକଙ୍କୁ ଋଣ ପ୍ରଦାନ କରାଯାଇ ନ ଥିଲେ ସେ କ୍ଷେତ୍ରରେ ଶେୟାରଧାରକଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡିବ। କେନ୍ଦ୍ର ସରକାର ଇଜ୍ ଅଫ୍ ଡୁଇଂ ବିଜନେସ, ମିନିମମ୍ ଗଭର୍ନମେଣ୍ଟ-ମ୍ୟାକ୍ସିମମ୍ ଗଭର୍ନାନ୍ସ ଉପରେ ଜୋର୍ ଦେଉଛନ୍ତି। ଏହି କାରଣରୁ ନିୟମ ମାନି ଚଳୁଥିବା ପବ୍ଲିକ ଲିମିଟେଡ କମ୍ପାନୀଙ୍କ କାର୍ଯ୍ୟରେ ସରକାର ଅଯଥା ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ। ଏହି ବିଜ୍ଞପ୍ତି ଜାରି ପରେ ମନ୍ତ୍ରଣାଳୟରେ ଅନୁମତି ଅପେକ୍ଷାରେ ଥିବା ସମସ୍ତ ଆବେଦନ ସ୍ୱତଃ କାର୍ଯ୍ୟକାରୀ ହୋଇଯିବ। ଏହାଦ୍ୱାରା ପବ୍ଲିକ ଲିମିଟେଡ କମ୍ପାନୀଗୁଡିକ ମ୍ୟାନେଜରମାନଙ୍କୁ ଅଧିକ ଭତ୍ତା ଆଦି ଦେଇପାରିବେ।


## ମାଲ୍ୟାଙ୍କୁ ଋଣ ପ୍ରଦାନ

# ଅଧିକ ଖୋଳତାଡ଼ କରୁଛି ସିବିଆଇ

**ନୂଆଦିଲ୍ଲୀ,୧୪-୯**

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ କିଙ୍ଗଫିଶର ଏୟାର ଲାଇନ୍ସକୁ ଋଣ ପ୍ରଦାନରେ ହାତ ଥିବା ନେଇ ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପରେ ଏବେ ସିବିଆଇର ନଜର ପଡିଛି। କେଉଁ ଅଧିକାରୀମାନେ ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହଯୋଗ କରିଥିଲେ ସେମାନଙ୍କୁ ଖୋଜି ବାହାର କରିବାକୁ ସିବିଆଇ ଏବେ ଅଣ୍ଟା ଭିଡିଛି। ଏହି ମାମଲାରେ ସିବିଆଇ ଏବେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିବାକୁ ବିଚାର କରୁଛି। ଉକ୍ତ ମାମଲାରେ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ଅର୍ଥ ମନ୍ତ୍ରଣାଳୟରୁ ଫାଇଲ ମଗାଇ ସିବିଆଇ ଏଗୁଡିକର ତନ୍ନ ତନ୍ନ ଯାଞ୍ଚ ଆରମ୍ଭ କରିଛି। ମାଲ୍ୟାଙ୍କ ବାସଭବନରୁ ଉଦ୍ଧାର ହୋଇଥିବା ଚିଠିପତ୍ର ଓ ଇ-ମେଲ ଆଦି ଏବଂ ଫାଇଲରୁ ମିଳିଥିବା ତଥ୍ୟକୁ ମିଳାଇବା ପରେ ଅର୍ଥ ମନ୍ତ୍ରଣାଳୟର ବହୁ ଅଧିକାରୀ ଏଥିରେ ସମ୍ପୃକ୍ତ ଅଛନ୍ତି ବୋଲି ସିବିଆଇର ସନ୍ଦେହ ଦୃଢ଼ୀଭୂତ ହୋଇଛି। ମାଲ୍ୟା ଓ କମ୍ପାନୀ ପରାମର୍ଶଦାତା ବିଶେଷ କରି ଏ.କେ.ରବି ନେଦୁନଗଡି, ହରିଶ ଭାଟ୍ ଏବଂ ଏ.ରଘୁନାଥନଙ୍କ ମଧ୍ୟରେ ହୋଇଥିବା ଚିଠିପତ୍ର ଓ ଇ-ମେଲ୍‌ର ଆଦାନ ପ୍ରଦାନ କାଗଜପତ୍ରକୁ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ଜବତ କରିଥିଲା। ତତ୍କାଳୀନ ଯୁଗ୍ମ ସଚିବ(ବ୍ୟାଙ୍କିଙ୍ଗ) ଅମିତାଭ ବର୍ମାଙ୍କ ଭୂମିକାକୁ ନେଇ ସିବିଆଇ ଏବେ ଅଧିକ ଖୋଳତାଡ ଆରମ୍ଭ କରିଛି। ୨୦୦୮ରୁ ୨୦୧୩ ମଧ୍ୟରେ ମାଲ୍ୟା ସଂକ୍ରାନ୍ତରେ ପିଏମ୍‌ଓ, ଅର୍ଥ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ମଧ୍ୟରେ ହୋଇଥିବା ଚିଠି ଆଦାନପ୍ରଦାନକୁ ମଧ୍ୟ ସିବିଆଇ ପରୀକ୍ଷା କରି ଦେଖୁଛି। ଏସ୍‌ବିଆଇ ବ୍ୟାଙ୍କ ପକ୍ଷରୁ ମାଲ୍ୟାଙ୍କୁ ୨୦୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ତନ୍ମଧ୍ୟରେ ୫୦୦ କୋଟି ଟଙ୍କା ଅମିତାଭଙ୍କ କଥାରେ ହୋଇଥିବା ଇ-ମେଲରୁ ସ୍ପଷ୍ଟ ହୋଇଛି।

### କିଛି ଅଧିକାରୀ ଗିରଫ ହେବେ



### କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରିନି ଏସ୍‌ବିଆଇ

**ନୂଆଦିଲ୍ଲୀ,୧୪-୯:** ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏସ୍‌ବିଆଇ ବିଳମ୍ବ କରିନାହିଁ ବୋଲି ଶୁକ୍ରବାର କହିଛି। ସେ ବିଦେଶ ପଳାଇବା ପରେ ମୁଖ୍ୟ ଋଣପ୍ରଦାନକାରୀ ବ୍ୟାଙ୍କ ସୁପ୍ରିମକୋର୍ଟରେ ଆବେଦନ କରିଥିଲା ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇବା ପରେ ବ୍ୟାଙ୍କ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ମାଲ୍ୟା ୨୦୧୬ ମାର୍ଚ୍ଚ ୨ରେ ଦେଶ ଛାଡିଥିବା ବେଳେ ଏସ୍‌ବିଆଇ ସମେତ ଅନ୍ୟ ବ୍ୟାଙ୍କମାନେ ଏହାର ୪ ଦିନ ପରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାଲ୍ୟା ଏବଂ କିଙ୍ଗଫିଶର ଏୟାର ଲାଇନ୍ସରୁ ଋଣ ଆଦାୟ କରିବାକୁ ଏସ୍‌ବିଆଇ ପଦକ୍ଷେପ ନେଉଛି ବୋଲି ଜାରି ବିବୃତିରେ କହିଛି।

### ମାଲ୍ୟାଙ୍କ ପଳାୟନରେ ପ୍ରଧାନମନ୍ତ୍ରୀଙ୍କ ହାତ: ରାହୁଲ

ମଦ ବ୍ୟବସାୟୀ ବିଜୟ ମାଲ୍ୟା ଲଣ୍ଡନ ପଳାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଧାସଳଖ ହାତ ରହିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଟୁଇଟ୍ ଜରିଆରେ ଅଭିଯୋଗ କରିଛନ୍ତି। ସିବିଆଇ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ ତାଙ୍କ ନିର୍ଦ୍ଦେଶରେ ଲୁକ୍‌ଆଉଟ୍ ନୋଟିସକୁ ଦୁର୍ବଳ କରିଥିଲା। ଫଳରେ ମାଲ୍ୟା ଖସିଯିବାରେ ସଫଳ ହୋଇଥିଲେ।

## ୪୦ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରତ୍ୟାହାର

**ନୂଆଦିଲ୍ଲୀ,୧୪-୯**

ରେଳଯାତ୍ରୀଙ୍କ ଲାଗି ଖୁସିଖବର। ଭାରତୀୟ ରେଲୱେ ୪୦ଟି ପ୍ରିମିୟମ ଟ୍ରେନରୁ ଫ୍ଲେକ୍ସି ଫେୟାର ପ୍ରାଇସିଂ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। କେବଳ ଏତିକି ନୁହେଁ ଅବଶିଷ୍ଟ ୧୦୨ ପ୍ରିମିୟମ ଟ୍ରେନ ଯାତ୍ରୀଙ୍କଠାରୁ ଶେଷ ମୁହୂର୍ତ୍ତରେ ବୁକିଂ ବେଳେ ଭଡାରେ ୫୦% ଡିସ୍‌କାଉଣ୍ଟ ଦେବାକୁ ରେଲୱେ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଯାତ୍ରୀ ମାନେ କମ୍ ଭଡା ଗଣିବେ। ଏବେ ୬୦% ବୁକିଂ ହୋଇ ନ ଥିବା ଟ୍ରେନରେ ଯାତ୍ରୀଙ୍କଠାରୁ ଗ୍ରେଡ ଭିତ୍ତିରେ ଡିସ୍‌କାଉଣ୍ଟ ନେବାର ବ୍ୟବସ୍ଥା ରହିଛି। ୨୦% ଡିସକାଉଣ୍ଟ ମିଳୁଥିବା ଏହି ଯୋଜନାକୁ ୨୦୧୬ ସେପ୍ଟେମ୍ବର ୯ରେ ୪୪ ରାଜଧାନୀ, ୪୬ ଶତାବ୍ଦୀ ଏବଂ ୫୨ ଦୁରନ୍ତୋ ପ୍ରିମିୟମ ଟ୍ରେନରେ ଲାଗୁ କରାଯାଇଥିଲା। ରାଜଧାନୀ ଓ ଶତାବ୍ଦୀ ସମ୍ପୂର୍ଣ୍ଣ ଏସି ଟ୍ରେନ ହୋଇଥିବା ବେଳେ ଦୁରନ୍ତୋରେ ଉଭୟ ଏସି ଓ ସାଧାରଣ କୋଚ୍ ରହିଛି। ରେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି, ୫୦% ବ୍ୟବହାର ହେଉ ନ ଥିବା ରୁଟ୍‌ରେ ଏହି ଫ୍ଲେକ୍ସି ଫେୟାର ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯିବ। ନିକଟରେ ସିଏଜି ତାଙ୍କର ସଦ୍ୟତମ ରିପୋର୍ଟରେ ଦର୍ଶାଇଥିଲେ ଯେ, ଫ୍ଲେକ୍ସିଫେୟାର ସ୍କିମ୍ ଯୋଗୁ ବିମାନଠାରୁ ଟ୍ରେନ ଯାତ୍ରା ମହଙ୍ଗା ହୋଇଛି। କେବଳ ଏତିକି ନୁହେଁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସ ଭଳି ଟ୍ରେନରେ ୨ ଏସିର ୧୭% ଏବଂ ୩ ଏସିର ୫% ସିଟ୍ ଖାଲି ରହୁଛି। ଶତାବ୍ଦୀ ଟ୍ରେନରେ ଖାଲି ଥିବା ସିଟ୍ ସଂଖ୍ୟା ପ୍ରାୟ ୨୫% ବୋଲି ରିପୋର୍ଟରେ ଦର୍ଶାଯାଇଛି। ରେଲୱେ ୩ ଏସି ଯୋଗୁ ଭଲ ରୋଜଗାର କରୁଥିଲା। ଫ୍ଲେକ୍ସିଫେୟାର ଲାଗୁ ହେବା ପରେ ୨୦୧୬ ସେପ୍ଟେମ୍ବର ୯ରୁ ୨୦୧୭ ଜୁଲାଇ ୩୧ ମଧ୍ୟରେ ପ୍ରାୟ ୭ ଲକ୍ଷ ଯାତ୍ରୀ ଟ୍ରେନ ଯାତ୍ରାରୁ ଦୂରେଇ ଗଲେ ବୋଲି ଏଥିରେ ଦର୍ଶାଯାଇଥିଲା। ରେଲୱେ ଅଧିକାରୀ କହିଛନ୍ତି ଯେ, ଯାତ୍ରୀମାନଙ୍କୁ ରେଳଯାତ୍ରା ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ନୂତନ ବ୍ୟବସ୍ଥା ଆପଣାଯିବ। ଏହାଦ୍ୱାରା ଉଭୟ ଜାତୀୟ ପରିବହନକାରୀ ଓ ଯାତ୍ରୀ ଉପକୃତ ହେବେ।

### ଯାତ୍ରୀ ଭଡା କମିବ



## ଭାରତ ସମେତ ସମସ୍ତ ଦେଶକୁ ଆମେରିକାର ଚେତାବନୀ

# ନିଜ ରିସ୍କରେ ଇରାନରୁ ତେଲ କିଣିବ

**ନୂଆଦିଲ୍ଲୀ,୧୪-୯**



ପରମାଣୁ ଚୁକ୍ତିରୁ ଓହରିବା ପରେ ଇରାନ ବିରୋଧରେ ଆମେରିକା କଟକଣା ଲାଗୁ କରିଛି। ନଭେମ୍ବର ୪ରୁ ଏହା ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଯିବ। ଇରାନ ବିରୋଧରେ କଟକଣାକୁ ଦୃଢ଼ତାର ସହ ଲାଗୁ କରାଯିବ ବୋଲି ଆମେରିକା କହିଛି।

ଆମେରିକା କଂଗ୍ରେସରେ ହାଜର ହୋଇ ସହାୟକ ବୈଦେଶିକ ମନ୍ତ୍ରୀ ତଥା ପ୍ରବାସୀ ଭାରତୀୟ ମନୀଷା ସିଂ କହିଛନ୍ତି ଯେ, ଇରାନ ବିରୋଧରେ ତାଙ୍କ ଦେଶ ଦୃଢ଼ତାର ସହ କଟକଣାକୁ ଲାଗୁ କରିବ। ଏଥିରେ ଯେଉଁ ଦେଶ ଆମେରିକାକୁ ସମର୍ଥନ ନ କରିବ ସେ ଦେଶ ବିରୋଧରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତ ସମେତ ସମସ୍ତ ଦେଶକୁ କଟକଣା ପାଳନ କରିବାକୁ ଅନୁରୋଧ କରାଯାଇଛି। ଇରାନ ସହ ଯଦି ସେମାନେ ତେଲ କାରବାର କରନ୍ତି ସେଥିପାଇଁ ସେମାନେ ନିଜେ ଦାୟୀ ହେବେ। ନିଜ ରିସ୍କରେ ସେମାନେ ଇରାନ ସହ କାରବାର ଜାରି ରଖିବେ। ଆମେରିକା ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବ। କଟକଣାର ପ୍ରଭାବ ଯେ କେତେ ସୁଦୂରପ୍ରସାରୀ ତାହା ଆମେ ଇରାନକୁ ଜଣାଇ ଦେବାକୁ ଚାହୁଁ ବୋଲି ମନୀଷା କହିଛନ୍ତି। ଇରାନ ପ୍ରସଙ୍ଗରେ ଆମେରିକାର ମନୋଭାବ ଅଧିକ ଦୃଢ଼ ହେଉଛି। ତେବେ କଟକଣା କୋହଳ କରିବାକୁ ଲବି ଚଳାଇଥିବା ଭାରତ ଇତିମଧ୍ୟରେ ଇରାନରୁ ତେଲ କିଣିବା କମାଇ ଚାଲିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସେପ୍ଟେମ୍ବର ଓ ଅକ୍ଟୋବର ପାଇଁ ଇରାନରୁ ତେଲ କ୍ରୟ ପରିମାଣକୁ ଅଧା କରିବା ଲାଗି ତୈଳ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଇରାନରୁ ଭାରତ ସର୍ବାଧିକ ପରିମାଣ ତେଲ କିଣିଥିବା ବେଳେ ସେପ୍ଟେମ୍ବର ଓ ଅକ୍ଟୋବରରେ ୧୨ ମିଲିୟନ ବ୍ୟାରେଲ ତେଲ କିଣିବାକୁ ନିଷ୍ପତ୍ତି ନିଆଯାଇଛି।

## ଅଗଷ୍ଟରେ ରପ୍ତାନି ୧୯.୨୧ ପ୍ରତିଶତ ବୃଦ୍ଧି

**ନୂଆଦିଲ୍ଲୀ,୧୪-୯**

ଅଗଷ୍ଟରେ ଦେଶର ରପ୍ତାନି ୩ ମାସର ସର୍ବାଧିକ ଅଭିବୃଦ୍ଧି ହାସଲ କରି ୨୭.୮୪ ବିଲିୟନ ଡଲାରରେ ପହଞ୍ଚିଛି, ଯାହା କି ପୂର୍ବ ବର୍ଷର ଏହି ସମୟଠାରୁ ୧୯.୨୧% ଅଧିକ। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ ଅଗଷ୍ଟରେ ପେଟ୍ରୋଲିୟମ ସାମଗ୍ରୀ, ଇଞ୍ଜିନିୟରିଂ, ଫାର୍ମା ଏବଂ ଜେମ୍ସ ଓ ଜୁଏଲେରୀ ରପ୍ତାନି ଅଧିକ ହୋଇଥିଲା। ରପ୍ତାନି ବଢ଼ିଥିଲେ ହେଁ ଆମଦାନୀ ମଧ୍ୟ ଅନୁରୂପ ଭାବେ ବଢ଼ିଛି। ଅଗଷ୍ଟରେ ଆମଦାନୀ ୨୫.୪୧ ହାରରେ ବଢି ୪୫.୨୪ ବିଲିୟନ ଡଲାରରେ ପହଞ୍ଚିଛି। ରପ୍ତାନି ବୃଦ୍ଧି ପାଇବା କାରଣରୁ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୭.୩୯ ବିଲିୟନ ଡଲାରକୁ ହ୍ରାସ ପାଇଛି। ଗତ ବର୍ଷ ଏହି ସମୟରେ ନିଅଣ୍ଟ ପରିମାଣ ୧୨.୭୨ ବିଲିୟନ ଡଲାର ଥିଲା। ଜୁଲାଇରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୫ ବର୍ଷର ସର୍ବାଧିକ ସ୍ତର ୧୮.୦୨ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ଆଲୋଚ୍ୟ ମାସରେ ଦେଶର ସୁନା ଆମଦାନୀ ୯୨.୭୨ ପ୍ରତିଶତକୁ ବୃଦ୍ଧି ପାଇ ୩.୬୪ ବିଲିୟନ ଡଲାର ହୋଇଛି।

## ଦେଶର ସଡ଼କରେ ଦୌଡିବ ବିଦେଶୀ କାର୍, ବାଇକ

# ନିୟମ କୋହଳ କଲେ ସରକାର

**ନୂଆଦିଲ୍ଲୀ,୧୪-୯**



ଏବେ ଦେଶରେ ବିଦେଶୀ କାର୍ ଓ ବାଇକ ଆଣିବା ସହଜ ହୋଇଛି। କେନ୍ଦ୍ର ସରକାର ଏଥିଲାଗି ନିୟମ କୋହଳ କରିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟ ବିଦେଶୀ କାର୍ ଓ ବାଇକ ଆମଦାନୀରେ ଥିବା ବାଧାକୁ ଦୂର କରିଛନ୍ତି। ସରକାରଙ୍କ ପ୍ରଣୀତ ନୀତି ଅନୁଯାୟୀ ଏଣିକି ଅଟୋମୋବାଇଲ ନିର୍ମାତା କାର୍ ଅଥବା ବାଇକର ୨୫୦୦ ୟୁନିଟ ଭାରତ ଆଣିପାରିବେ। ସେହିପରି ଭାରି ବାହନ ନିର୍ମାଣକାରୀ କମ୍ପାନୀ ୫୦୦ ବସ୍ ଅଥବା ଟ୍ରକ ଆମଦାନୀ କରିପାରିବେ। ତେବେ ଏହି ସମସ୍ତ ବାହନରେ ଡାହାଣ ପାଖରେ ଷ୍ଟିଅରିଂ କଣ୍ଟ୍ରୋଲ ରହିବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଛନ୍ତି। ଡାଇରେକ୍ଟର ଜେନେରାଲ ଅଫ୍ ଫରେନ୍ ଟ୍ରେଡ(ଡିଜିଏଫ୍‌ଟି) ପକ୍ଷରୁ ପ୍ରଣୀତ ନୀତି ଅନୁଯାୟୀ ୪୦ ହଜାର ଡଲାର( ୨୮ ଲକ୍ଷ ଟଙ୍କା)ପର୍ଯ୍ୟନ୍ତ ମୂଲ୍ୟର ବାହନ ଆମଦାନୀ କରିହେବ। ସେହିପରି ୮୦୦ସିସିରୁ ଅଧିକର ବାଇକ ଦେଶକୁ ଆଣି ହେବ। ତେବେ ଏହି ବାହନ ଉପରେ ଆମଦାନୀ ଶୁଳ୍କ ଏବଂ ଅନ୍ୟ ଡ୍ୟୁଟି ଲାଗୁ ହେବ। ସେହିପରି ୟୁରୋପ, ଜାପାନ ଓ ଅନ୍ୟ କେତେକ ରାଷ୍ଟ୍ର ଦ୍ୱାରା ଧାର୍ଯ୍ୟ ଅନ୍ତଃରାଷ୍ଟ୍ରୀୟ ମାନଦଣ୍ଡ ଆଧାରରେ ଦେଶରେ ଏହି ସମସ୍ତ ବିଦେଶୀ ବାହନର ପଞ୍ଜୀକରଣ କରାଯିବ। କେନ୍ଦ୍ରୀୟ ମୋଟର ଭେହିକିଲ୍ସ ନିୟମକୁ ଆଧାର କରି ଡିଜିଏଫ୍‌ଟି ପକ୍ଷରୁ ନିୟମ ପ୍ରଣୟନ କରାଯାଇଛି । ଏହାଦ୍ୱାରା ବିଦେଶୀ କାର୍, ବସ୍,ଟ୍ରକ ଓ ବାଇକ୍ ସ୍ୱଦେଶ ଆମଦାନୀ କରିବା ସହଜ ହେବ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି। ଏହାଦ୍ୱାରା ବିଦେଶରୁ ଇଲେକ୍ଟ୍ରିକ ଗାଡି ଆଣିବା ସହଜ ହେବ। ଫଳରେ ବିଦେଶୀ କମ୍ପାନୀ ମାନେ ଦେଶରେ ସେମାନଙ୍କ କାରଖାନା ପ୍ରତିଷ୍ଠା କରିପାରିବେ।

# ଭୁବନେଶ୍ୱରରେ ମାର୍କସ୍ ଆଣ୍ଡ ସ୍ପେନସର୍‌ର ପ୍ରଥମ ଷ୍ଟୋର

**ଭୁବନେଶ୍ୱର,୧୪-୯(ବ୍ୟୁରୋ)**

ଆଇକନିକ ବ୍ରିଟିଶ ରିଟେଲର ମାର୍କସ ଆଣ୍ଡ ସ୍ପେନସର(ଏମ୍ ଆଣ୍ଡ ଏସ୍) ଭୁବନେଶ୍ୱରର ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ କରିଛି। ଏହାକୁ କମ୍ପାନୀର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଜେମ୍ସ ମନ୍‌ସନ୍ ଏବଂ ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ଉନ୍ମୋଚନ କରିଥିଲେ। ୬,୭୦୦ ବର୍ଗଫୁଟ ସ୍ଥାନରେ ଏହି ନୂଆ ଷ୍ଟୋର ଖୋଲିଛି। ଏଠାରେ ମାର୍କ ଆଣ୍ଡ ସ୍ପେନସରର ଗୁଣାବତ୍ତ ବିଶିଷ୍ଟ ପୁରୁଷ ଓ ମହିଳା ପୋଷାକ, କିଡସୱେର, ଲିଞ୍ଜରୀ ଭଳି ଅନ୍ୟାନ୍ୟ କଲେକ୍ସନ ଉପଲବ୍ଧ ହେବ। ଏହାର ଅତ୍ୟାଧୁନିକ କଲେକ୍ସନ ରେଞ୍ଜ ତଥା ମହିଳାଙ୍କ ପୋଷାକରେ ଏକ ପ୍ରିଣ୍ଟେଟ ଟି-ସାର୍ଟ ୫୯୯ ଟଙ୍କାରୁ ଆରମ୍ଭ। ପୁରୁଷ ବର୍ଗରେ ଟି-ସାର୍ଟର ପ୍ରାରମ୍ଭିକ ମୂଲ୍ୟ ୯୯୯ ଟଙ୍କା, କିଡସ ବର୍ଗରେ ଟପ୍‌ର ପ୍ରାରମ୍ଭିକ ମୂଲ୍ୟ ୩୯୯ ଟଙ୍କା। ବିୟୁଟି ପ୍ରଡକ୍ଟ ସହ ମହିଳାଙ୍କ ଲାଗି ବିସ୍ତୃତ ରେଞ୍ଜର ସାର୍ଟୱେର, ଡେନିମ, ଆଉଟୱେର ଭଳି ଅନ୍ୟାନ୍ୟ କଲେକ୍ସନ ରହିଛି।




## ୧୩୨୦ କୋଟି ଅସୁଲ ଲାଗି ପିଏନ୍‌ବି ୨୧ ଏନ୍‌ପିଏ ଖାତା ବିକିବ

**ନୂଆଦିଲ୍ଲୀ,୧୪-୯**

ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୧୩୨୦ କୋଟି ଟଙ୍କାର ଅନାଦାୟ ଋଣ ଫେରି ପାଇବା ଲାଗି ୨୧ ଆକାଉଣ୍ଟକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ବ୍ୟାଙ୍କ ପକ୍ଷରୁ ଏଥିଲାଗି ନିଲାମ ଆହ୍ୱାନ କରିଛି। ବ୍ୟାଙ୍କର ଅନାଦାୟ ଋଣ ସମ୍ଭାଳୁଥିବା ବିଭାଗ ଶସ୍ତ୍ର(ଷ୍ଟ୍ରେଷ୍ଟଡ ଆସେଟ୍ସ ଟାର୍ଗେଟେଡ ରିଜଲ୍ୟୁଶନ ଆକ୍ସନ) ଏଦିଗରେ ପଦକ୍ଷେପ ନେଇଛି। ପିଏନ୍‌ବି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ଖାତାକୁ ସମ୍ପତ୍ତି ପୁନର୍ଗଠନ କମ୍ପାନୀ(ଏଆର୍‌ସି), ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ, ଆର୍ଥିକ ସଂସ୍ଥାକୁ ବିକ୍ରି କରାଯିବ। ଏହା ନିୟାମକଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ତଥା ବ୍ୟାଙ୍କର ନିର୍ଦ୍ଧାରିତ ନିୟମ ଅନୁଯାୟୀ କରାଯିବ। ଚଳିତ ମାସ ୨୦ରେ ଇ-ଅକ୍ସନ ମାଧ୍ୟମରେ ବୃତାନ୍ତ ନିଲାମ ହେବ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ସୁଦ୍ଧା ପିଏନ୍‌ବି ୭୭୦୦ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛି। ଏହି ସମୟରେ ବ୍ୟାଙ୍କର ବ୍ୟାଡ୍ ଲୋନ୍ ପରିମାଣ ୮୨,୮୮୮କୋଟି ଟଙ୍କା ରହିଛି।

# ହିରୋର ବ୍ରାଣ୍ଡ୍ ଆମ୍ବାସାଡର ହେଲେ ବିରାଟ କୋହଲି



**ଭୁବନେଶ୍ୱର,୧୪-୯**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ନିକଟରେ ଏହାର ଏକ୍ସଟ୍ରିମ୍ ୨୦୦ଆର୍ ମଡେଲ୍‌କୁ ବଜାର ପ୍ରବେଶ କରାଇଛି। ଏଥି ସହିତ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଏହାର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କରିଛି। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ହିରୋ ପକ୍ଷରୁ କ୍ୟାମ୍ପେନ୍ ମଧ୍ୟ ପ୍ରସାର କରାଯାଇଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପ ଏମ୍‌ଡି ତଥା ସିଇଓ ପୱନ ମୁଞ୍ଜାଲ କହିଛନ୍ତି, ବିରାଟ କୋହଲି ବିଶ୍ୱସ୍ତରରେ ଜଣେ ପ୍ରସିଦ୍ଧ କ୍ରିକେଟ୍ ତାରକା ହୋଇଥିବା ବେଳେ ସେ ହିରୋର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଏହାର ମୂଲ୍ୟବୋଧକୁ ସମୃଦ୍ଧ କରିପାରିବେ। ସେହିପରି ବିରାଟ୍ କୋହଲି କହିଛନ୍ତି, ମତେ ହିରୋ ମୋଟୋକର୍ପ ଏହି ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି।



ସ୍ପ୍ରିଣ୍ଟ୍ କିଙ୍ଗ୍‌ରୁ ଫୁଟବଲ ଖେଳାଳି ବନିଥିବା ଉଷେନ ବୋଲ୍ଟଙ୍କୁ ଯଦି ଡିଫେନ୍ସରେ ଖେଳାଯାଏ ସେଥିରୁ ଫାଇଦା ମିଳିପାରିବ ।

–ଭିସେଣ୍ଟ ଡେଲ୍ ବୋସ୍କ, ସ୍ପେନ ଫୁଟ୍‌ବଲ କୋଚ୍



ଜଣେ ଖେଳାଳି ହିସାବରେ ସର୍ଦ୍ଦାର ସିଂଙ୍କ ନିକଟରେ ରହିଥିବା ଗୁଣ ଓ ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ ଖେଳର ଜଣେ ଆମ୍ବାସାଡର ଭାବେ ଗଢିତୋଳିଛି ।

–ରାଜିନ୍ଦର ସିଂ, ହକି ଇଣ୍ଡିଆ ସଭାପତି

## ସଂକ୍ଷେପରେ

### ଭାରତ-ମାଳଦ୍ୱୀପ ଫାଇନାଲ ଆଜି

ଢାକା, ୧୪।୯ (ପି.ଟି.): ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) କପ୍‌ର ଫାଇନାଲ ମ୍ୟାଚ ଶନିବାର ୭ଥର ଚାମ୍ପିୟନ ଭାରତ ଏବଂ ମାଲେସିଆ ମଧ୍ୟରେ ଖେଳାଯିବ। ଅପରାଜେୟ ଭାରତ ଫେଭରାଇଟ୍ ଦଳ ଭାବେ ପଡ଼ିଆକୁ ଓହ୍ଲାଇବ। ଭାରତୀୟ ଦଳରେ ଜଣକୁ ଛାଡ଼ିଦେଲେ ଅନ୍ୟମାନେ ୨୩ ବର୍ଷରୁ କମ୍ ଖେଳାଳି। ଗ୍ରୁପ୍ ପର୍ଯ୍ୟାୟରେ ଏହି ଦଳ ଶ୍ରୀଲଙ୍କା (୨-୦) ଏବଂ ଶନିବାରର ପ୍ରତିଦ୍ୱନ୍ଦ୍ୱୀ ମାଳଦ୍ୱୀପ (୨-୦) ପରାସ୍ତ କରିସାରିଥିବାବେଳେ ସେମିଫାଇନାଲରେ ପାକିସ୍ତାନ (୩-୧)କୁ ହରାଇ ଦେଇଥିଲା। ଟୁର୍ନାମେଣ୍ଟର ଏହା ହେଉଛି ୧୨ତମ ସଂସ୍କରଣ। ଗତଥରର ଚାମ୍ପିୟନ ଭାରତ ପଛକୁ ପଛ ତୃତୀୟ ଏବଂ ମୋଟ ଉପରେ ୮ମ ସଫଳତା ହାସଲ ଲକ୍ଷ୍ୟରେ ରହିଛି। ମାଳଦ୍ୱୀପ ଗତ ତିନୋଟି ସଂସ୍କରଣରେ ଫାଇନାଲ ଖେଳି ନାହିଁ। ପ୍ରତିଟି ଥର ସେମିଫାଇନାଲରେ ପରାସ୍ତ ହୋଇଛି। ଅନ୍ୟପକ୍ଷରେ ଏହି ଦଳ ୨୦୦୩ ବ୍ୟତୀତ ଅନ୍ୟ ୧୧ଟି ସଂସ୍କରଣ ଫାଇନାଲ ଖେଳିଛି। ଶେଷଥର ୨୦୦୯ରେ ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଭାରତ ଓ ମାଳଦ୍ୱୀପ ପରସ୍ପରକୁ ଭେଟିଥିଲେ। ଅତିରିକ୍ତ ସମୟ ଖେଳ ସତ୍ତ୍ୱେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଭାରତ ପେନାଲ୍ଟି ଶୁଟ୍ ଆଉଟ ଜରିଆରେ ଫାଇନାଲ ମ୍ୟାଚ ଜିତିଥିଲା। ମାଳଦ୍ୱୀପକୁ ଯଦିଓ ଗ୍ରୁପ୍ ପର୍ଯ୍ୟାୟରେ ସଂଘର୍ଷ କରିବାକୁ ପଡ଼ିଥିଲା, ଏହି ଦଳକୁ ହେୟଜ୍ଞାନ କରିବା ଉଚିତ୍ ହେବନାହିଁ। ମାଳଦ୍ୱୀପ ସେମିଫାଇନାଲରେ ନେପାଳକୁ ୩-୦ ଗୋଲରେ ପରାସ୍ତ କରିଛି। ଫାଇନାଲ ମ୍ୟାଚ ଟାଇବ୍ରେକର ପର୍ଯ୍ୟାୟକୁ ଯାଉ ବୋଲି ଭାରତୀୟ ଦଳର କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ ଚାହୁ ନାହାନ୍ତି। ଖେଳାଳିମାନଙ୍କୁ ସେ କହିଛନ୍ତି, ଶନିବାର ମ୍ୟାଚରେ ଭଲ ଖେଳିଲେ ସମ୍ପୃକ୍ତ ଖେଳାଳିଙ୍କୁ ଏସିଆନ କପ୍ ପାଇଁ ଭାରତୀୟ ଦଳରେ ସୁଯୋଗ ମିଳିବ। ପାକିସ୍ତାନ ବିପକ୍ଷ ମ୍ୟାଚରେ ଦୁଇଟି ଗୋଲ ସ୍କୋର କରିଥିବା ମନଭୀର ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ।

### ନେତୃତ୍ୱ ଛାଡ଼ିବା କାରଣ ସ୍ପଷ୍ଟ କଲେ ଧୋନୀ

ନୂଆଦିଲ୍ଲୀ,୧୪।୯: ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦେଢ଼ ବର୍ଷ ପୂର୍ବେ ଦିନିକିଆ ଓ ଟି୨୦ ଦଳରେ ନେତୃତ୍ୱ ତ୍ୟାଗ କରିଥିଲେ। ଏହାର କାରଣ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ସ୍ପଷ୍ଟ କରିଛନ୍ତି। ଆଗାମୀ ୨୦୧୯ ବିଶ୍ୱକପ୍ ପୂର୍ବରୁ ବିରାଟ କୋହଲିଙ୍କୁ ଦଳ ଗଠନ କରିବା ଲାଗି ଯଥେଷ୍ଟ ସମୟ ପ୍ରଦାନ କରିବା ପାଇଁ ସେ ଚାହୁଁଥିଲେ। ‘‘ଅଧିନାୟକ ପଦରୁ ଇସ୍ତଫା ଦେଇଥିଲି, କାରଣ ମୁଁ ଚାହୁଁଥିଲି ପରବର୍ତ୍ତୀ ଅଧିନାୟକ (କୋହଲି)ଙ୍କୁ ୨୦୧୯ ବିଶ୍ୱକପ୍ ପୂର୍ବରୁ ଦଳ ଗଠନ କରିବା ପାଇଁ ଅଧିକ ସମୟ ମିଳୁ। ଏକ ଶକ୍ତିଶାଳୀ ଦଳ ଗଠନ ଓ ଖେଳାଳି ଚୟନ କରିବା ପାଇଁ ନୂଆ ଅଧିନାୟକଙ୍କୁ ଆବଶ୍ୟକ ସମୟ ଦେବା ଦରକାର। ମୋ ମତରେ ଠିକ୍ ସମୟରେ ହିଁ ମୁଁ ନେତୃତ୍ୱ ଛାଡ଼ିଛି’’ ବୋଲି ୨୦୧୧ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଧୋନୀ କହିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ୨୦୧୪ ଡିସେମ୍ବରରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ଏହାପରେ ୨୦୧୭ ଜାନୁୟାରୀରେ ସେ ଦିନିକିଆ ଓ ଟି୨୦ ଦଳର ନେତୃତ୍ୱ ତ୍ୟାଗ କରିଥିଲେ।

# ବାଂଲାଦେଶ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ୍

## ଏସିଆ କପ୍ ଆଜିଠାରୁ

ଦୁବାଇ, ୧୪।୯(ପି.ଟି.)

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ କ୍ରିକେଟ ଟୁର୍ନାମେଣ୍ଟ ଏସିଆ କପ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ଟୁର୍ନାମେଣ୍ଟ ବିଶେଷ ଗୁରୁତ୍ୱ ବହନ କରୁଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଂଲାଦେଶ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ଭାରତ ଓ ପାକିସ୍ତାନ ମୁକାବିଲା ଉପରେ ସାରା ବିଶ୍ୱର ନଜର ରହିଛି। ତେବେ ଟୁର୍ନାମେଣ୍ଟରେ ଏହି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅତିକମ୍‌ରେ ଦୁଇଥର ଭେଟିବା ନିଶ୍ଚିତ ମନେହେଉଛି। ଗ୍ରୁପ୍ ପର୍ଯ୍ୟାୟରେ ଓ ପରେ ସୁପର-୪ ପର୍ଯ୍ୟାୟରେ ଦୁଇ ଦଳ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ଯଦି ଫାଇନାଲକୁ ଉଠନ୍ତି ଦେବେ ତୃତୀୟଥର ପାଇଁ ଦୁଇ ଦଳ ୨୮ ତାରିଖ ଦିନ ଖେଳାଯିବାକୁ ଥିବା ଫାଇନାଲରେ ମୁହାଁମୁହିଁ ହେବେ।

ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତ ଚାପରେ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୪-୧ରେ ପରାସ୍ତ ହେବା ସହ ଇଂଲଣ୍ଡ ଗସ୍ତର ସମାପ୍ତି ଘଟିଥିଲା। ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି। ୧୮ ତାରିଖ ମଙ୍ଗଳବାର ହଂକଂ ବିପକ୍ଷରୁ ଭାରତ ଅଭିଯାନ ଆରମ୍ଭ କରିବ। ଏହା ପରଦିନ ବୁଧବାର



ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ପୂର୍ବରୁ ଅଂଶଗ୍ରହଣକାରୀ ଦଳର ଅଧିନାୟକମାନେ।

ପାକିସ୍ତାନକୁ ଭାରତ ଭେଟିବ। ଦିନିକିଆ ଫର୍ମାଟରେ ଜଣେ ବିଶ୍ୱସ୍ତରୀୟ ଖେଳାଳି ହୋଇଥିଲେ ମଧ୍ୟ ଅଧିନାୟକ ହିସାବରେ ରୋହିତ ଶର୍ମା ପରୀକ୍ଷା ସମ୍ମୁଖୀନ ହେବେ। ଗତ ଡିସେମ୍ବରରେ ସେ ଶ୍ରୀଲଙ୍କା ବିପକ୍ଷରେ ଭାରତର ନେତୃତ୍ୱ ନେଇ ସଫଳ ହୋଇଥିଲେ। କିନ୍ତୁ ସେତେବେଳେ ଶ୍ରୀଲଙ୍କା ଅପେକ୍ଷାକୃତ ଦୁର୍ବଳ ଥିଲା। ପାକିସ୍ତାନ ବିପକ୍ଷରେ ଭାରତ କିଭଳି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦଳରେ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ମହମ୍ମଦ ଆମୀର, ଜଣେ ପ୍ରତିଭାସମ୍ପର୍ନ୍ନ ଅଲରାଉଣ୍ଡର ହାସନ ଅଲୀ, ଜଣେ ଉଚ୍ଚକୋଟୀର ଓପନର ଫକାର ଜମାନ ଓ ବାବର ଆଜମ ଓ ହାରିସ୍ ସୋହେଲଙ୍କ ଭଳି ପ୍ରତିଭା ସମ୍ପର୍ନ୍ନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଟୁର୍ନାମେଣ୍ଟରେ ଏକ ଦୃଢ ମିଡିଲ ଅର୍ଡର ସ୍ଥାପନ କରିବା ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏକ ଠିକ୍ ବ୍ୟାଟିଂ ପୋଜିଶନ ବାହର କରିବା ହେଉଛି ଭାରତର ମୁଖ୍ୟ କାର୍ଯ୍ୟ।

ଗତକିଛି ବର୍ଷ ମଧ୍ୟରେ ବାଂଲାଦେଶ ଏସିଆ କପ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଟ୨୦ ଫର୍ମାଟରେ ଖେଳାଯାଇଥିବା ଗତ ସଂସ୍କରଣରେ ବାଂଲାଦେଶ ଘରୋଇ ପରିବେଶରେ ଦମ୍ ଦେଖାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ୨୦୧୨ ସଂସ୍କରଣରେ ବାଂଲାଦେଶ ୫୦ ଓଭର ଫର୍ମାଟରେ ମଧ୍ୟ ଫାଇନାଲ ଖେଳିଥିଲା। ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱରେ ବାଂଲାଦେଶ ଏଥର ମଧ୍ୟ ଭଲ ଖେଳିବ ବୋଲି ଆଶା କରାଯାଉଛି। ବାଂଲାଦେଶ ଦଳରେ ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି।

ବିଭିନ୍ନ କାରଣରୁ ଶ୍ରୀଲଙ୍କା ଦଳରେ ଏକାଧିକ ସମସ୍ୟା ଥିବା ଭଳି ମନେ ହେଉଛି। ଦଳ ଏବେ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କୁରୁଛି। ତେବେ ଦୀର୍ଘ ସମୟ ହେବ ଶ୍ରୀଲଙ୍କା ଏହି ପର୍ଯ୍ୟାୟ ପାର କରିପାରି ନାହିଁ। ଦଳରେ ଆଞ୍ଜେଲୋ ମାଥ୍ୟୁସ୍, ଥିସାରା ପେରେରା, ଉପୁଲ ଥରଙ୍ଗାଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ସମେତ ଅକିଳ ଧନଞ୍ଜୟ, ଦସୁନ ଶନକା ଓ କାସୁନ ରଜିଥାଙ୍କ ଭଳି ଯୁବ ପ୍ରତିଭାସମ୍ପର୍ନ୍ନ ଖେଳାଳି ରହିଛନ୍ତି। ସ୍ଥିର ପ୍ରଦର୍ଶନ ଉପରେ ଶ୍ରୀଲଙ୍କା ଧ୍ୟାନ ଦେବା ଆଶା କରାଯାଉଛି। ଆଫଗାନିସ୍ତାନ ଦଳରେ ଟି୨୦ ସୁପରଷ୍ଟାର ରସିଦ ଖାଁ, ମହମ୍ମଦ ଶାହଜାଦଙ୍କ ଭଳି ଖେଳାଳି ରହିଛନ୍ତି ଓ ଏହି ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ସେହିପରି ଭାରତୀୟ ବାଂଶୋଦ୍ଭବ ଅଂଶୁମାନ ରଥଙ୍କ ନେତୃତ୍ୱରେ ହଂକଂ ପଡିଆକୁ ଓହ୍ଲାଇବ। ହଂକଂ ଦଳରେ ସେମି ପ୍ରଫେଶନାଲ କ୍ରିକେଟର ରହିଛନ୍ତି। ବାହାରୁ ଆସିଥିବା ଖେଳାଳିମାନେ ହଂକଂ ଦଳରେ ସାମିଲ ହୋଇଛନ୍ତି। ଅତିକମ୍‌ରେ ବିଜୟୀ ନ ହେଲେ ମଧ୍ୟ ସବୁ ଦଳକୁ ଟକ୍କର ଦେବା ଲକ୍ଷ୍ୟରେ ହଂକଂ ରହିଛି।

**ବାଂଲାଦେଶ ଦଳ:** ମଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ଲିଟନ କୁମାର ଦାସ, ମୁସଫିକର ରହିମ, ମହମୁଦୁଲ୍ଲା ରିୟାଦ, ମୋମିନୁଲ ହକ୍, ଅରିଫୁଲ ହକ୍, ମହମ୍ମଦ ମିଥୁନ, ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ, ମେହିଦି ହାସନ ମିର୍ଜା,ମୋସାଡେକ ହୋସେନ, ନାଜମୁଲ ଇସ୍ଲାମ, ନାଜମୁଲ ହୋସେନ ଶାଣ୍ଟୋ ଓ ଅବୁ ହାଇଦର ରୋନୀ।

**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ୍ (ଅଧିନାୟକ), କୁଶାଲ ପେରେରା, କୁଶାଲ ମେଣ୍ଡିସ୍, ଉପୁଲ ଥରଙ୍ଗା, ଥିସାରା ପେରେରା, ନିରୋଶାନ ଡିକ୍‌ୱେଲା, ଧନଞ୍ଜୟ ଡି ସିଲଭା, ଦସୁନ ସନକା, କାସୁନ ରଜିଥା, ଅକିଳ ଧନଞ୍ଜୟ, ଅମିଲା ଅପୋନ୍ସୋ, ଲସିଥ ମାଲିଙ୍ଗା, ଦୁଷ୍ମନ୍ତ ଚାମିରା, ଦିଲରୁୱାନ ପେରେରା ଓ ଶେହାନ ଜୟସୁରିୟା।

## ‘ବୋଲ୍ଟ ଡିଫେନ୍ସରେ ଖେଳିପାରିବେ’

ସିଡ୍‌ନୀ,୧୪।୯(ଏଏଫ୍‌ପି)

ପେସାଦାର ଫୁଟ୍‌ବଲର ହେବାର ସ୍ୱପ୍ନ ପୂରା କରୁଥିବା କିଙ୍ଗ୍ ସ୍ପ୍ରିଣ୍ଟର ଉସେନ ବୋଲ୍ଟ ଏବେ ଅଷ୍ଟ୍ରେଲିଆର ଏକ କ୍ଲବରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କ କ୍ଲବକୁ ପୂର୍ବତନ ବିଶ୍ୱକପ୍ ଚାମ୍ପିୟନ ସ୍ପେନ ଦଳର କୋଚ୍ ଭିସେଣ୍ଟ ଡେଲ ବୋସ୍କ ଉପଦେଶ ଦେଇଛନ୍ତି। ଭିସେଣ୍ଟଙ୍କ ଅନୁଯାୟୀ, ବୋଲ୍ଟଙ୍କୁ ଡିଫେନ୍ସ ଭାଗରେ ଖେଳାଇବା ଉଚିତ ହେବ। ୩୨ ବର୍ଷୀୟ ବୋଲ୍ଟ ଏବେ ନିଜ ସ୍ୱପ୍ନ ପୂରା କରିପାରିବେ। ତାଙ୍କ ନିକଟରେ ବେଗ ଅଛି, ଯାହାକି ଜଣେ ଭଲ ଫୁଟ୍‌ବଲର ହେବା ଲାଗି ନିହାତି ଆବଶ୍ୟକ। କିନ୍ତୁ ସେ ଫରୱାର୍ଡରେ ଖେଳିବା ପରିବର୍ତ୍ତେ ଡିଫେନ୍ସ ଖେଳିଲେ ଭଲ ହେବ। ଜାମାଇକାନ ସୁପରଷ୍ଟାର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ କ୍ଲବ ସହ ନିର୍ଦ୍ଦିଷ୍ଟ ସମୟ ଲାଗି ପ୍ରଶିକ୍ଷଣ ନେବା ପାଇଁ ଚୁକ୍ତି କରିଛନ୍ତି। ୮ ଥର ଅଲିମ୍ପିକ୍ ଚାମ୍ପିୟନ ନିକଟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ସବ୍‌ଷ୍ଟିଚ୍ୟୁଟ ଖେଳାଳି ଭାବେ ସେ ୨୦ ମିନିଟ୍ ପାଇଁ ପଡ଼ିଆରେ ନିଜର ଦକ୍ଷତା ଦେଖାଇବା ଲାଗି ସୁଯୋଗ ପାଇଥିଲେ। ଏଥିରେ ସେ ଅଳ୍ପକେ ଗୋଲ୍ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ଗତ ବର୍ଷ ଆଥ୍‌ଲେଟିକ୍ସରୁ ଅବସର ନେବା ପରେ ବୋଲ୍ଟ ପେସାଦାର ଫୁଟ୍‌ବଲର ହେବା ଲାଗି ଜର୍ମାନୀ, ଦକ୍ଷିଣ କୋରିଆ ଓ ନରୱେ ଭଳି କ୍ଲବ ସହ ଯୋଗାଯୋଗ କରିଥିଲେ। ମାତ୍ର ସେଠାରେ ତାଙ୍କୁ ସୁଯୋଗ ମିଳି ନ ଥିଲା। ‘‘୩୨ ବର୍ଷ ବୟସରେ ଫୁଟ୍‌ବଲ ଖେଳିବା ଆରମ୍ଭ କରିବା ସାଧାରଣ କଥା ନୁହେଁ।



ସିବିଏସ୍‌ଇ କ୍ଲଷ୍ଟର- ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ସିବିଏସ୍‌ଇ କ୍ଲଷ୍ଟର-୨ ଟେବୁଲ୍ ଟେନିସ୍ ଆରମ୍ଭ

ଭୁବନେଶ୍ୱର, ୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)

ବିକାଶ ଆବାସିକ ବିଦ୍ୟାଳୟ ପରିସରରେ ସିବିଏସ୍‌ଇ କ୍ଲଷ୍ଟର- ୨ ଟେବୁଲ୍ ଟେନିସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ୩ ରାଜ୍ୟ ଓଡିଶା, ପଶ୍ଚିମବଙ୍ଗ ଓ ଛତିଶଗଡର ୪୨ଟି ସ୍କୁଲ୍‌ରୁ ୧୦୬ଟି ଟିମ୍‌ରେ ୨୪୯ ଛାତ୍ରୀ ଛାତ୍ର ଭାଗ ନେଇଛନ୍ତି। ପ୍ରତିଯୋଗିତା ମୁଖ୍ୟତଃ ୧୪, ୧୭ ଓ ୧୯ବର୍ଷରୁ କମ୍ ବୟସ ବର୍ଗରେ ଅନୁଷ୍ଠିତ ହେଉଛି। ଥଙ୍ଗୋଲେଟ୍ ମାଟେ (ଆର୍‌ଓ, ସିବିଏସ୍‌ଇ, ଭୁବନେଶ୍ୱର) ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଶିକ୍ଷାବିଭାଗ ନିର୍ଦ୍ଦେଶକ ଭି.ଶ୍ରୀନିବାସ ବିକାଶ ଶିକ୍ଷାନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ସି.ଏଚ୍. ସୁନୀଲ୍ ପିଲାଇ, ପର୍ଯ୍ୟବେକ୍ଷକ ସିବିଏସ୍‌ଇ, ଭୁବନେଶ୍ୱର ଡିନ୍ ପୀତାମ୍ବର ଦାସ, ବିଜୟଲକ୍ଷ୍ମୀ ଦାସ, ପ୍ରଧାନ ଅଧକ୍ଷା, ଡିଆରଏସ୍, ଖଣ୍ଡଗିରି, ଆର୍. ବିଜୟ କୁମାର, ପ୍ରଧାନ ଅଧକ୍ଷ, ଡିଏଚ୍‌ଜି, ଭୁବନେଶ୍ୱର, ଉପ ପ୍ରଧାନ ଅଧକ୍ଷ ଶିବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବିୟାଠାରୁ ହାରିଲା ଭାରତ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

ସର୍ବିୟାର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ବିପକ୍ଷ ପ୍ରଥମ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତର ୧୯ ବର୍ଷରୁ କମ୍ ଦଳ ପରାଜୟ ବରଣ କରିଛି। ଏହି ମ୍ୟାଚ ସର୍ବୀୟ ସହର ଷ୍ଟାରା ପାଜାଭାଠାରେ ଖେଳାଯାଇଥିଲା। ଘରୋଇ ଦଳ ପକ୍ଷରୁ ବୋସିକ୍ ରାଡିଜୋଭ୍ (୩୦ତମ ମିନିଟ) ଓ ଆଲେକ୍‌ଜାଣ୍ଡର କୋଷ୍ଟିକ୍ (୮୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଆସନ୍ତା ବର୍ଷ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଭାରତୀୟ ଦଳ ୟୁରୋପ ଟୁର୍‌ରେ ଯାଇଛି। ଭାରତର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ସର୍ବିୟା ୧୯ ବର୍ଷରୁ କମ୍ ଦଳ ସହିତ ଏହାର ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏହି ଭେନ୍ୟୁରେ ଆସନ୍ତା ୧୭ ତାରିଖରେ ଖେଳିବ।

## ସ୍କୁଲ୍ସ ଓପନ ଚେସ୍: ଶାଶ୍ୱତ ଚାମ୍ପିୟନ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ କୈଳାସ ସଦନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ୪ର୍ଥ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ଭୁବନେଶ୍ୱର ସେଣ୍ଟ ଜୋସେଫ୍ସ ହାଇସ୍କୁଲର ଶାଶ୍ୱତ ସାହୁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬ ପଏଣ୍ଟ ପାଇଛନ୍ତି। ଅନ୍ୟ ଦୁଇ ପ୍ରତିଯୋଗୀ ପ୍ରଭାଂଶୁ ଦାସ ଓ ପ୍ରତ୍ୟୁଷ ମହାପାତ୍ର ମଧ୍ୟ ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲ୍‌ଜରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଆଦିତ୍ୟ ଖାଡ଼ଙ୍ଗା(୫.୫), ଅବିନାଶ ଆଚାର୍ଯ୍ୟ, ମିକୁନ ମିଶ୍ର, ଶୁଭମ୍ ଜ୍ୟୋତି ସାହୁ, ମହାବୀର ପାତ୍ର(ସମସ୍ତେ ୫ ପଏଣ୍ଟ ଲେଖାଏ), ଆଦର୍ଶ ଅନୁଭବ, ଅମ୍ରିତ ଶତପଥୀ, ଅଭିଜିତ ବିଶ୍ୱାଳ(୪.୫ ପଏଣ୍ଟ ଲେଖାଏ), ରୁକ୍ମଣ ସାହୁ, ଆସିତ୍ୟ ମହାନ୍ତି, ଦେବାଂଶୀ ଷଡ଼ଙ୍ଗୀ ଓ ଶୁଭସୁନ୍ଦର ବେହେରା(୪ ପଏଣ୍ଟ ଲେଖାଏ) ଶୀର୍ଷ ୧୫ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହା ବ୍ୟତୀତ ୮ ଓ ୧୦ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୫ ଜଣ ବାଳିକା ବର୍ଗର ୪ ଏବଂ ୧୨ ଓ ୧୪ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୪ ଜଣ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆ ଯାଇଥିଲା। ମେୟର ଅନନ୍ତ ନାରାୟଣ ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲିଙ୍ଗରାଜ କ୍ଲବର ସମ୍ପାଦକ ଅଜୟ କୁମାର ଦାଶ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ପାଲ୍, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଓ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ବିଜୟବୀରଙ୍କୁ ସ୍ୱର୍ଣ୍ଣ

ଚାଙ୍ଗୱାନ(କୋରିଆ), ୧୪।୯(ପି.ଟି.)

ଚଳିତ ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନଙ୍କର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ସିନିୟର ଅପେକ୍ଷା ଜୁନିୟର ଶୁଟରମାନେ ଅଧିକ ସଫଳତା ଆଣିଛନ୍ତି। ବିଜୟବୀର ସିଦ୍ଧୁ ୨୫ ମି. ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ଶୀର୍ଷ ସଫଳତା ପାଇଛି। ଏହାବାଦ୍ ସିନିୟର ବିଭାଗରେ ଗୁରପ୍ରୀତ ସିଂ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ଶୁଟରଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ପଦକ ତାଲିକାରେ ଭାରତ ୧୧ ସ୍ୱର୍ଣ୍ଣ ସହ ୩ୟ ସ୍ଥାନରେ ରହିଛି। ଭାରତ ଏ ପର୍ଯ୍ୟନ୍ତ ମୋଟ ୨୭ ପଦକ ଜିତିଛି। ଏହା ଟୁର୍ନାମେଣ୍ଟ ଇତିହାସରେ ଭାରତୀୟ ଶୁଟରଙ୍କ ସଫଳତମ ପ୍ରଦର୍ଶନ।

ଜୁନିୟର ୨୫ ମି. ଷ୍ଟାଣ୍ଡାର୍ଡ ଯୋଗ୍ୟତା ପର୍ଯ୍ୟାୟରେ ସିଦ୍ଧୁ ୪ର୍ଥ ସ୍ଥାନ ହାସଲ କରି ପଦକ ରାଉଣ୍ଡରେ ପ୍ରବେଶ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ସର୍ବାଧିକ ୫୭୨ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପଛକୁ କୋରିଆନ ଲି ଗୁନହେୟୋକ (୫୭୦) ଓ ଚାଇନର ହାଓଜିଏ ଝୁ (୫୬୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟ ଭାରତୀୟ ଶୁଟର ଆଦର୍ଶ ସିଂ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ରହିଛନ୍ତି। ଦଳଗତ ଇଭେଣ୍ଟରେ ସିଦ୍ଧୁ, ରାଜକାନ୍ୱର ସିଂ ସାନ୍ଧୁ ଓ ଆଦର୍ଶ ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୋଡିୟମ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି। ତିନି ଭାରତୀୟ ଶୁଟର ମିଳିତ ୧୬୯୫ସ୍କୋର କରିଥିବାବେଳେ କୋରିଆ (୧୬୯୩) ଓ ଚେକ ଗଣତନ୍ତ୍ର (୧୬୭୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ସିନିୟର ପ୍ରତିଯୋଗିତାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଗୁରପ୍ରୀତ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ୫୭୯ ସ୍କୋର କରି ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଅନ୍ୟପକ୍ଷରେ ସିନିୟର ଦଳଗତ ଇଭେଣ୍ଟରେ ଭାରତ ୪ର୍ଥ ସ୍ଥାନରେ ରହିଛି।

## ଭାରତ- ପାକିସ୍ତାନ ମ୍ୟାଚ୍ ଉପରେ ନଜର

ମାହେଲା ଜୟବର୍ଦ୍ଧନେ

ଏସିଆ କପ୍ ଏହି ମହାଦେଶରେ କ୍ରିକେଟର ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ଗୁରୁତ୍ୱ ଆହୁରି ବଢିଯାଇଛି। କାରଣ ପଞ୍ଚମ କ୍ରିକେଟ ପାୱାର ହାଉସ୍ ଭାବେ ଏବେ ଏହି ଅଞ୍ଚଳରେ ଆଫଗାନିସ୍ତାନ ଉଭା ହୋଇଛି। ଏକ ଦକ୍ଷ ତଥା ପ୍ରତିଭା ସମ୍ପନ୍ନ ଦଳ ଭାବେ ଆଫଗାନିସ୍ତାନ ଅନ୍ୟ ଦଳଗୁଡିକ ପ୍ରତି ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।

ଏହି ଟୁର୍ନାମେଣ୍ଟରେ ନୂଆ ପ୍ରତିଭା ଚିହ୍ନଟ ଓ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପୁଣି ଏହା ନୂଆ ପ୍ରତିଭା ମଧ୍ୟ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି। ୨୦୦୯ରେ ପାକିସ୍ତାନରେ ବିସ୍ମୟ ସ୍ପିନର ଅଜନ୍ଥା ମେଣ୍ଡିସ୍ ନିଜର ନିଆରା ଶୈଳୀରେ ପ୍ରତିପକ୍ଷ ଦଳକୁ ବେଶ୍ ସମସ୍ୟାରେ ପକାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥର ମଧ୍ୟ କେତେକ ନୂଆ ତାରକା ଉଭା ହେବେ ବୋଲି ମୋର ବିଶ୍ୱାସ ରହିଛି। ୨୦୧୯ ବିଶ୍ୱକପ ଆୟୋଜନ ହେବାକୁ ଆଉ ବେଶି ଦିନ ନ ଥିବା ବେଳେ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦେଶଗୁଡିକ ନୂଆ ପ୍ରତିଭା ସୃଷ୍ଟି କରିବାରେ ଶେଷ ସୁଯୋଗ ହାସଲ କରିବେ।

ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମ୍ୟାଚ ଏହି ଟୁର୍ନାମେଣ୍ଟରେ ସୁବବେଳେ ମୁଖ୍ୟ ଆକର୍ଷଣ ସାଜିଥାଏ। ଏଥର ମଧ୍ୟ ଏକ ରୋମାଞ୍ଚକ ମୁକାବିଲା ଦେଖିବାକୁ ମିଳିବ। ବୁଧବାର ଏହି ଦୁଇ କ୍ରିକେଟ ପାୱାର ହାଉସ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଲକ୍ଷ ଲକ୍ଷ ପ୍ରଶଂସକ ଏହି ହାଇଭୋଲ୍ଟେଜ ମ୍ୟାଚ୍ ଦେଖିବାକୁ ବ୍ୟଗ୍ର ଅଛନ୍ତି। ଉଭୟ ଭାରତ ଓ ପାକିସ୍ତାନ ଫେଭରାଇଟ ବିବେଚିତ ହେଉଛନ୍ତି। ତେବେ ବିଦେଶରେ କୌଣସି ଦଳ ବେଶ୍ ପ୍ରଭାବ ବିସ୍ତାର କରିବାର ଦେଖାଯାଇ ନାହିଁ। ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳରେ ଏକାଧିକ ମ୍ୟାଚ୍ ୱିନର ରହିଛନ୍ତି ଓ ଦଳ ବେଶ୍ ସନ୍ତୁଳିତ ମନେ ହେଉଛି।

ପାକିସ୍ତାନ ନିକଟରେ ଏକ୍ସ- ପାକ୍ଟର ବା ସ୍ୱତନ୍ତ୍ର ଗୁଣ ରହିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳିବାରେ ପାକିସ୍ତାନ ଅଭିଜ୍ଞତା ଦୃଷ୍ଟିକୋଣରୁ ସମସ୍ତଙ୍କ ଆଗରେ ରହିବ। ଗତ ଏକ ଦଶନ୍ଧି ହେବ ପାକିସ୍ତାନ ପାଇଁ ଦ୍ୱିତୀୟ ଘର ସାବ୍ୟସ୍ତ ହୋଇଛି। ତେବେ ଏହା ପାକିସ୍ତାନ ପାଇଁ ସେତେଟା ଲାଭଦାୟକ ସାବ୍ୟସ୍ତ ହେବ ନାହିଁ। କାରଣ ୟୁଏଇର ଜଳବାୟୁ ତଥା ପରିସ୍ଥିତିରେ ଭାଗ ନେଉଥିବା ଅନ୍ୟଦେଶଗୁଡିକ ସହ ଯଥେଷ୍ଟ ସମାନତା ରହିଛି। ପାକିସ୍ତାନ ପୂର୍ବପରି ନିଜର ଦ୍ରୁତ ବୋଲରମାନଙ୍କ ଉପରେ ନିର୍ଭର କରିବ। ମିକ ଆର୍ଥରଙ୍କ ନେତୃତ୍ୱରେ ପାକିସ୍ତାନ ଦଳ ପୂରା ଲୟରେ ଥିବା ପରି ମନେ ହେଉଛି। ପୁଣି ଦଳର ଫିଲ୍ଡିଂରେ ଜବରଦସ୍ତ ଉନ୍ନତି ପରିଲକ୍ଷିତ ହୋଇଛି।




ଶ୍ରୀଲଙ୍କା ଦଳରେ ମଧ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିମାନେ ରହିଛନ୍ତି। ଅଭିଜ୍ଞ ଲସିଥ ମାଲିଙ୍ଗା ମଧ୍ୟ ବହୁଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଓ ସଫଳତା ହାସଲ କରିବାକୁ ସେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳଗତ ପ୍ରଦର୍ଶନ କଲେ ଶ୍ରୀଲଙ୍କା ଏହି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିପାରିବ। ତେବେ ଦିନେଶ ଚାଣ୍ଡିମଲ ଓ ଦନୁଷ୍କା ଗୁଣଥିଲକା ଏହି ଟୁର୍ନାମେଣ୍ଟରୁ ଓହରିଯିବା ଫଳରେ ଶ୍ରୀଲଙ୍କାକୁ ଝଟ୍‌କା ଲାଗିଛି।

ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନିଦାହାସ ଟ୍ରଫିରେ ବାଂଲାଦେଶ ବେଶ୍ ଚମତ୍କାର ପ୍ରଦର୍ଶନ କରିଥିଲା ଓ ସବୁ ଦଳକୁ ପରାସ୍ତ କରିବାର କ୍ଷମତା ରଖୁଛି ବୋଲି ପ୍ରମାଣ କରିଛି। ଏବେ ବାଂଲାଦେଶ ବେଶ୍ ଅଭିଜ୍ଞତା ହାସଲ କରିଛି। ଆଶାନୁରୂପ ପ୍ରଦର୍ଶନ କରିପାରିଲେ ବାଂଲାଦେଶ ଅନ୍ୟ ଦଳଗୁଡିକୁ ଚକ୍‌ମା ଦେଇପାରିବ ବୋଲି କୁହାଯାଇପାରେ। ଗତ ଦୁଇ ବର୍ଷ ହେବ ଆଫଗାନିସ୍ତାନ ଖେଳାଳିମାନେ ଆନ୍ତର୍ଜାତିକ କ୍ରିକେଟରେ ବେଶ୍ ପରିପକ୍ୱତା ପ୍ରଦର୍ଶନ କରିଛନ୍ତି। ଏହି ଦଳରେ କେତେଜଣ ମ୍ୟାଚ୍ ୱିନର ସ୍ପିନର ରହିଛନ୍ତି। ତେଣୁ ଆଫଗାନିସ୍ତାନକୁ ଏହି ଟୁର୍ନାମେଣ୍ଟରେ ହେୟ ମଣି ହେବ ନାହିଁ।

କୋହଲିଙ୍କ ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ କ୍ଷତି ବୋଲି କୁହାଯାଇପାରେ। ଟିମ ଇଣ୍ଡିଆ ପାଇଁ କୋହଲି ଫ୍ୟାକ୍ଟର କେତେ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତଙ୍କୁ ଜଣା। ତେବେ ଟିମ ଇଣ୍ଡିଆ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତା ତାଙ୍କୁ ବିଶ୍ରାମ ଦେବା ନିଷ୍ପତ୍ତିକୁ ସ୍ୱାଗତ କରାଯିବା ଉଚିତ୍। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ କୋହଲିଙ୍କ ଭଳି ଜଣେ କ୍ରିକେଟରଙ୍କ ପାଇଁ ବିଶ୍ରାମ ନିହାତି ଜରୁରୀ। (ଗେମ୍ ପ୍ଲାନ୍)



“ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଏହି ଦଳର ଅନ୍ୟ କୌଣସି ଖେଳାଳି ଅପେକ୍ଷା ସାମ କୁରାନ ଆମ ଦଳ ପାଇଁ ସବୁଠାରୁ ବଡ଼ ବିପଦର କାରଣ ହୋଇଥିଲେ ।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍



“ ଏସିଆନ ଗେମ୍ସ ହେପ୍ଟାଥଲନ ସ୍ୱର୍ଣ୍ଣ ବିଜୟିନୀ ସ୍ୱପ୍ନା ବର୍ମନଙ୍କ କହିବା ଅନୁସାରେ ତାଙ୍କ ଲାଗି ଆଡିଡାସ କମ୍ପାନର ଜୋତା ବରାଦ କରାଯାଇଛି ।

–ନୀଲମ କାପୁର, ସାଇ ମହାନିର୍ଦ୍ଦେଶିକା

## ସଂକ୍ଷେପରେ

### ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଆରମ୍ଭ



ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି): ପଟିଆସ୍ଥିତ ୬ ପକେଟ୍ସ କ୍ଲବ ଆନୁକୂଲ୍ୟରେ ସର୍ବପ୍ରଥମ ଅଲ୍ ଓଡ଼ିଶା ୬-ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ୭ ଫ୍ରେମ୍ ବିଶିଷ୍ଟ ଲିଗ୍ ପର୍ଯ୍ୟାୟର ପ୍ରଥମ ଦିବସରେ ଜଗଦୀଶ ମହାନ୍ତି ୪-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ଶାରଦା ବେହେରା ୪-୦ରେ କରଣ ଆରୋରାଙ୍କୁ, ତରୁଣ ପଟନାଏକ ୪-୨ରେ ଗୁଡ୍ୱିନ କୁଲୁଙ୍କୁ ପରାସ୍ତ କରିଛନ୍ତି। ତରୁଣ ଏକଦା ୦-୨ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୪-୨ ଫ୍ରେମ୍‌ରେ ଜିତିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଜିତୁ ମହାପାତ୍ରଙ୍କ ବିପକ୍ଷରେ ଶୁଭ୍ରଜିତ ୱାକ୍‌ଓଭର ପାଇଥିବାବେଳେ ବିରାଜ ଦାସ ୪-୩ରେ ଉଭାସ ମହାପାତ୍ରଙ୍କୁ, ମାନସ ବେଉରା ୪-୧ରେ ରବି ରାଜଙ୍କୁ, ଜ୍ଞାନ ଦାସ ୪-୧ରେ ଚେତନ ଆନନ୍ଦଙ୍କୁ ଏବଂ ସୁମନ ପଟ୍ଟନାଏକ ୪-୦ ଫ୍ରେମ୍‌ରେ ଅନୁରାଗ ସାମନ୍ତଙ୍କୁ ପରାସ୍ତ କରିଛନ୍ତି।

### ବିଜୟ୍ ହଜାରେ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୪।୯: ବିଜୟ୍ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶୁକ୍ରବାର ୧୫ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେଉଥିବା ବେଳେ ୨୦ ତାରିଖରେ ଦିଲ୍ଲୀଠାରେ ମ୍ୟାଚ୍ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଗତ ୬ ତାରିଖରୁ ସମ୍ଭାବ୍ୟ ୨୦ ଜଣିଆ ଦଳକୁ ନେଇ ଅଭ୍ୟାସ ଜାରି ରହିଥିଲା। ଚୂଡ଼ାନ୍ତ ୧୫ ଜଣିଆ ଦଳରେ ୪ଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ରଘୁନାଥ ମଲ୍ଲ, ରାଜେଶ ମହାନ୍ତି, ପ୍ରୀତ କନୱର ସିଂ ଚୌହ୍ୱାନ ଓ ପପୁ ରାୟ । ରାଜେଶ ମହାନ୍ତି ସମ୍ଭାବ୍ୟ ୨୦ ଜଣିଆ ଦଳରେ ରହିବା ପରେ ପରବର୍ତ୍ତୀ ସମୟରେ ତାଙ୍କ ବଦଳରେ ଆଶୁତୋଷ ଦାସଙ୍କୁ ନିଆଯାଇଥିଲା । ରାଜେଶ ୧୯ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ବିଜୟ୍ ହଜାରେ ଟ୍ରଫିରେ ତାଙ୍କ ଖେଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେବେ ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ସେ ଖେଳିବାର ସୁଯୋଗ ରହିଥିବାରୁ ତାଙ୍କୁ ଦଳରେ ନିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମ ୩ଟି ମ୍ୟାଚ୍ ନିମନ୍ତେ ଏହି ୧୫ ଜଣିଆ ଦଳ ଘୋଷଣା ହୋଇଥିବା ବେଳେ ଅଧିନାୟକ ଭାର ଗୋବିନ୍ଦ ପୋଦ୍ଦାର ବଜାୟ ରଖିଛନ୍ତି । ଦଳ ୧୭ ତାରିଖରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ରାଜେଶ ଧୂପର, ଅନୁରାଗ ଷଡ଼ଙ୍ଗୀ, ରଘୁନାଥ ମଲ୍ଲ, ବିପ୍ଳବ ସାମନ୍ତରାୟ, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ରଞ୍ଜନ ବେହେରା, ଅଭିଷେକ ରାଉତ, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ପପୁ ରାୟ, ପ୍ରୀତ କନୱର ସିଂ ଚୌହ୍ୱାନ। କୋଚ୍:ରଶ୍ମିରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, ମ୍ୟାନେଜର: ବିକାଶ ପ୍ରଧାନ।

### ଷ୍ଟେଇନଙ୍କ ପ୍ରତ୍ୟାବର୍ତ୍ତନ

ଜୋହାନ୍ସବର୍ଗ,୧୪।୯: ଘାତକ ପେସର ଡେଲ ଷ୍ଟେଇନଙ୍କୁ ଜିମ୍ବାୱେ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ଘୋଷିତ ୧୬ ଜଣିଆ ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଛନ୍ତି। ଫଳରେ ପ୍ରାୟ ଦୁଇବର୍ଷ ପରେ ଷ୍ଟେଇନ ଅନ୍ତର୍ଜାତୀୟ ଦିନିକିଆକୁ ଫେରିଛନ୍ତି। ସେ ଆହତ ସମସ୍ୟା ଲାଗି ଚୟନ ପାଇଁ ଉପଲବ୍ଧ ନ ଥିଲେ। ଦଳର ଆଗଧାଡ଼ିର ସ୍ପିନର ଇମ୍ରାନ ତାହିରଙ୍କୁ ଦଳରେ ଜାଗା ମିଳିଛି। ତାଙ୍କୁ ଶ୍ରୀଲଙ୍କା ଗସ୍ତରୁ ବିଶ୍ରାମ ଦିଆଯାଇଥିଲା। ଅନ୍ୟପକ୍ଷରେ କ୍ୱିଣ୍ଟନ ଡିକକ୍ ଓ ଡେଭିଡ ମିଲରଙ୍କ ଭଳି ନିୟମିତ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି।

# ସେମିଫାଇନାଲ, ଫାଇନାଲ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୪।୯(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍‌ର ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ମାତ୍ର ୭୫ଦିନ ସମୟ ରହିଛି। କଳିଙ୍ଗ ଷ୍ଟାଡିୟମରେ ଏହାର ଆୟୋଜନ ପାଇଁ ଭୁବନେଶ୍ୱର ପ୍ରସ୍ତୁତ ହେଉଥିବାବେଳେ ଆୟୋଜକଙ୍କ ପକ୍ଷରୁ ସେମିଫାଇନାଲ ଓ ଫାଇନାଲ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଓ ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହା ଘୋଷଣା କରାଯାଇଛି। ବିଶ୍ୱକପର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।

ଗତ ମେ' ମାସରେ ପୁଲ୍ ମ୍ୟାଚ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ଯାହାକି ଏବେ ମଧ୍ୟ ଚାଲୁ ରହିଛି। ପୁଲ୍ ମ୍ୟାଚ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଏବଂ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୦୦ ଟଙ୍କା ଲେଖାଏ ରହିଛି। ମାତ୍ର ପ୍ରତିଯୋଗିତା ଆରମ୍ଭ ପାଇଁ ଆଉ ୭୫ ଦିନ ସମୟ ଥିବାରୁ ବିଶ୍ୱର ହକିପ୍ରେମୀମାନେ ଯେପରି ସହଜରେ ଟିକେଟ କିଣି ପାରିବେ ତାହାକୁ ଦୃଷ୍ଟିରେ ରଖି ନକ୍‌ଆଉଟ୍ ପର୍ଯ୍ୟାୟ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଏହା ମଧ୍ୟରେ ସେମିଫାଇନାଲ, ଫାଇନାଲ ଏବଂ ୩ୟ ଓ ୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ସାମିଲ। ସେମିଫାଇନାଲ ଓ ଫାଇନାଲ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୫୦ ଟଙ୍କା ରହିଛି। ସେହିପରି ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଟିକେଟ ଗୁଡ଼ିକ http://in.ticketgenie.in/buytickets/hockey-world-cup-୨୦୧୮ ରେ ଉପଲବ୍ଧ। ୨୮ ତାରିଖରେ ପ୍ରଥମ ଦିବସ ମ୍ୟାଚ ପାଇଁ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଥମ ଦିନର ସମସ୍ତ ଅନ୍‌ଲାଇନ୍ ଟିକେଟ ବିକ୍ରି ହୋଇ ସାରିଥିବା ଏହାର ପ୍ରମାଣ।

ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳକୁ ୪ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୩ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ନଭେମ୍ବର ୨୮ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ୧୨ ଦିନଧରି ପୁଲ୍ ମ୍ୟାଚ ଖେଳାଯିବ। ପ୍ରତିପୁଲ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ୪ଟି ସ୍ଥାନ ପାଇଁ ଡିସେମ୍ବର ୧୦ ଓ ୧୧ରେ ୪ଟି କ୍ରସ୍ ଓଭର ମ୍ୟାଚ ଖେଳାଯିବ। ନକ୍‌ଆଉଟ୍ ମ୍ୟାଚ ୧୨ ତାରିଖରୁ ଆରମ୍ଭ ହେବ। ୧୨ ଓ ୧୩ ତାରିଖରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଏବଂ ୧୬ରେ ୩ୟ/୪ର୍ଥ ସ୍ଥାନ ପାଇଁ କ୍ଲାସିଫିକେଶନ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଶ୍ୱକପରେ ୧୯ ଦିନ ମଧ୍ୟରେ ମୋଟ ୩୬ଟି ମ୍ୟାଚ ଖେଳାଯିବ। ବିଶ୍ୱର ୩ ନମ୍ବର ବେଲଜିୟମ ଓ ୧୧ ନମ୍ବର କାନାଡ଼ା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ଆୟୋଜକ ତଥା ବିଶ୍ୱର ୫ ନମ୍ବର ଦଳ ଭାରତ ମଧ୍ୟ ୧୫ ନମ୍ବର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।




ପି.ଆର ଶ୍ରୀଜେଶ, ବୀରେନ୍ଦ୍ର ଲାକ୍ରା, କୋଚ୍ ହରେନ୍ଦ୍ର ସିଂ ଫାଇନାଲ ମ୍ୟାଚର ଟିକେଟ ଦେଖାଉଛନ୍ତି।

### ରୋଡ୍ ଶୋ'

ODISHA HOCKEY MEN'S WORLD CUP BHUBANESWAR 2018

ହକି ବିଶ୍ୱକପ ପ୍ରତି ସଚେତନତା ଏବଂ ଏହାପ୍ରତି ଅଧିକରୁ ଅଧିକ ଲୋକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦେଶର ୧୭ଟି ସହରରେ ରୋଡ୍ ଶୋ' କରାଯିବାର ଯୋଜନା ରହିଛି। ଏହା ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦପରି ମେଟ୍ରୋପଲିଟାନ ସହର ଅନ୍ତର୍ଭୁକ୍ତ।

### ଅନ୍‌ଲାଇନ୍ ଟିକେଟ ମୂଲ୍ୟ

**ପୁଲ୍ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୦୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୦୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୦୦ ଟଙ୍କା

**ନକ୍‌ଆଉଟ ପର୍ଯ୍ୟାୟ**
- ଇଷ୍ଟ ଷ୍ଟାଣ୍ଡ ୨୫୦ ଟଙ୍କା
- ନର୍ଥ ଷ୍ଟାଣ୍ଡ ୧୫୦ ଟଙ୍କା
- ସାଉଥ୍ ଷ୍ଟାଣ୍ଡ ୧୫୦ ଟଙ୍କା

ନକ୍‌ଆଉଟ୍ ପର୍ଯ୍ୟାୟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଖୁସି ଜାହିର କରିଛନ୍ତି ହକି ଇଣ୍ଡିଆ ସଭାପତି ରାଜିନ୍ଦର ସିଂ। ''ଭୁବନେଶ୍ୱରରେ ଓଡ଼ିଶା ହକି ବିଶ୍ୱକପ ପୂର୍ବରୁ ପୂରା ଦେଶରେ ହକି ମାହୋଲ ସୃଷ୍ଟି ଆମର ଲକ୍ଷ୍ୟ। ଦର୍ଶକମାନେ ଯେପରି କଳିଙ୍ଗ ଷ୍ଟାଡିୟମରେ ସେମାନଙ୍କର ପ୍ରିୟ ଦଳର ମ୍ୟାଚ ଦେଖିବାକୁ ସହଜରେ ଟିକେଟ ପାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଆମେ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ କରି ଦେଇଛୁ। ୭୫ ଦିନ ପୂର୍ବରୁ ନକ୍‌ଆଉଟ ପାଇଁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭର ଉଦ୍ଦେଶ୍ୟ ହେଉଛି ଖେଳାଳିଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକମାନେ ଭୁବନେଶ୍ୱର ଟ୍ରିପ୍ ପାଇଁ ଯୋଜନା କରିବାକୁ ପର୍ଯ୍ୟାପ୍ତ ସମୟ ପାଇପାରିବେ। ଟିକେଟର ମୂଲ୍ୟ ମଧ୍ୟ ବହୁତ କମ୍ ରଖା ଯାଇଛି। ଫଳରେ ହକିକୁ ଭଲ ପାଉଥିବା ଦର୍ଶକମାନେ ଷ୍ଟାଡିୟମରେ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳିମାନଙ୍କ ଆକ୍ସନକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇପାରିବେ'' ବୋଲି ରାଜିନ୍ଦର ପ୍ରକାଶ କରିଛନ୍ତି।

## ସର୍ଦ୍ଦାରଙ୍କୁ ହକି ଇଣ୍ଡିଆର ଶୁଭେଚ୍ଛା



ନୂଆଦିଲ୍ଲୀ,୧୪।୯(ପି.ଟି.)

ନିକଟରେ ଅନ୍ତର୍ଜାତୀୟ ହକିରୁ ଅବସର ନେଇଥିବା ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂଙ୍କୁ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶୁକ୍ରବାର ଶୁଭେଚ୍ଛା ଦିଆଯାଇଛି। ସର୍ଦ୍ଦାର ଦୀର୍ଘ ୧୨ ବର୍ଷର କ୍ୟାରିୟରକୁ ଅନ୍ତ କରିଛନ୍ତି। ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ୍ ଲାଗି ଘୋଷିତ ସମ୍ଭାବିତ ଦଳରୁ ବାଦ୍ ପଡ଼ିବା ପରେ ଏ ନିଷ୍ପତ୍ତି ନେଇଛନ୍ତି। ''ଖରାପ ଓ ଭଲ ସମୟରେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତିର ଉଦାହରଣ ପାଳିଥିଲେ। ଜଣେ ଖେଳାଳି ଭାବେ ଦଳ ପ୍ରତି ଯୋଗଦାନ ତାଙ୍କୁ ହକିର ଏକ ସଚ୍ଚୋଟ ଦୂତ ବୋଲି ଦର୍ଶାଉଛି। ସେ ଯୁବ ଖେଳାଳିଙ୍କୁ ନିଜ ପ୍ରଦର୍ଶନ ଓ ନେତୃତ୍ୱ ନେବାର ଦକ୍ଷତା ଦ୍ୱାରା ପ୍ରେରିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୨୦୧୪ ଏସିଆନ୍ ଗେମ୍ସ ଟାଇଟଲ ଜିତିଥିଲା। ତାଙ୍କ ସମୟରେ ଦଳର ର୍‍ୟାଙ୍କିଙ୍ଗ୍‌ରେ ଭାରତର ଉନ୍ନତି ଆସିଛି। ତାଙ୍କର ଏହି ସଫଳତା ଲାଗି ଏଚ୍‌ଆଇ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି ଏବଂ ତାଙ୍କ ଭବିଷ୍ୟତ ଲାଗି ଶୁଭ କାମନା ଦିଆଯାଉଛି'' ବୋଲି ଏଚ୍‌ଆଇ ସଭାପତି ରାଜିନ୍ଦର ସିଂ କହିଛନ୍ତି। ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସର୍ଦ୍ଦାର ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅଧିନାୟକଙ୍କ ପ୍ରତିନିଧିତ୍ୱରେ ଦଳ ବହୁ ସଫଳତା ପାଇଥିଲା। ଏଥିରେ ୨୦୧୦ ଓ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ, ୨୦୦୭ ଓ ୨୦୧୭ ଏସିଆ କପ୍ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୩), ୨୦୧୪ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ରହିଛି।

## ଜାପାନ ଓପନ: କିଡାମ୍ବି ଆଉଟ୍

ଟୋକିଓ,୧୪।୯(ପି.ଟି.)

ଭାରତୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ୭ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଜାପାନ ଓପନର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ତାଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୯, ୧୬-୨୧, ୧୮-୨୧ ଗେମ୍‌ରେ କୋରିଆର ଲି ଡାଙ୍ଗ କେଉନଙ୍କଠାରୁ ପରାସ୍ତ ହୋଇଛନ୍ତି। ମୁକାବିଲାରେ ଉଭୟ ଶଟଲର ଏକ ଘଣ୍ଟା ୨୦ ମିନିଟ୍ ଧରି ଲଢ଼େଇ କରିଥିଲେ। ପ୍ରଥମ ଗେମ୍‌କୁ ଜିତିବା ସତ୍ତ୍ୱେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଶ୍ରୀକାନ୍ତ ପରବର୍ତ୍ତୀ ଦୁଇ ଗେମ୍‌ରେ ପରାଜିତ ହୋଇଥିଲେ। ଏଥିପୂର୍ବରୁ ସେ ପ୍ରି-କ୍ୱାର୍ଟର ରାଉଣ୍ଡରେ ଏସିଆନ ଗେମ୍ସ ଫାଇନାଲରେ ହଂକଂର ୱଙ୍ଗ ୱିଙ୍ଗ କି ଭିନସେଣ୍ଟଙ୍କ ଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଥିଲେ। ଏହା ବ୍ୟତୀତ ମନୁ ଅତ୍ରି ଓ ବି. ସୁମିତ ରେଡ୍ଡୀଙ୍କ ପୁରୁଷ ଡବଲ୍ସ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏମାନଙ୍କ ଭଳି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୂର୍ବରୁ ପରାଜିତ ହୋଇଥିଲେ।

## ଜୁନିୟର ଦଳରେ ପୁଅର ଚୟନ ଲାଗି ଇଞ୍ଜାମାମଙ୍କ ହସ୍ତକ୍ଷେପ

କରାଚୀ,୧୪।୯

ପୂର୍ବତନ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ତଥା ବର୍ତ୍ତମାନ ଜାତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ପଦରେ ଥିବା ଇଞ୍ଜାମାମ ଉଲ ହକଙ୍କ ନାମରେ ଜୁନିୟର ଚୟନ କମିଟି କାର୍ଯ୍ୟକାରିତାରେ ହସ୍ତକ୍ଷେପ ଅଭିଯୋଗ ହୋଇଛି। ତାଙ୍କ ପୁଅ ଇବ୍‌ତିସାମ ଉଲ ହକଙ୍କୁ ଜାତୀୟ ଜୁନିୟର ଦଳରେ ସାମିଲ କରିବା ଲାଗି ସେ ଚୟନକର୍ତ୍ତା ବାସିତ ଅଲିଙ୍କ ଉପରେ ଚାପ ପକାଉଛନ୍ତି। ଏ ନେଇ ଜୁନିୟର ଦଳର ଚୟନ କମିଟି ମୁଖ୍ୟ ଅବ୍‌ଦୁଲ କାଦିର ଦାବି କରିଛନ୍ତି। ଉଲ୍ଲେଖଥାଉ କି, ଇଞ୍ଜାମାମ, ଅଲି ଓ କାଦିର ଏକ ସମୟରେ ପାକିସ୍ତାନ ପାଇଁ ଖେଳୁଥିଲେ। ତେବେ ଉଭୟ ଇଞ୍ଜାମାମ ଓ ଅଲି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏପରି କି ପୂର୍ବତନ ଅଧିନାୟକ ଟୁଇଟରରେ ଲେଖିଛନ୍ତି, ମୋ ବିରୋଧରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ମୁଁ ଏହି ଘଟଣାକୁ ଗମ୍ଭୀରତା ସହ ନେଉଛି। ଏ ସମ୍ପର୍କରେ ପିସିବି ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ।



**ଭୁବନେଶ୍ୱରରେ ଆସନ୍ତା ୧୬ରୁ ହେବାକୁ ଯାଉଥିବା ହକି କ୍ୟାମ୍ପ ପାଇଁ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳି ନାହାନ୍ତି। ଏଥିରେ ସ୍ୱାଭାବିକଭାବେ ଓଡ଼ିଶାର ହକି ମହଲ ବିସ୍ମିତ, ଆଶ୍ଚର୍ଯ୍ୟ ହୋଇଛନ୍ତି ଓଡ଼ିଶାର କିମ୍ବଦନ୍ତୀ ଖେଳାଳି ଏବଂ ହକି ବିଶେଷଜ୍ଞ।**

# ଓଡ଼ିଶା ହକି ମହଲ ବିସ୍ମିତ

ହକି ବିଶ୍ୱକପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ସରକାର ବର୍ତ୍ତମାନ ହକି ଦଳର ପ୍ରାୟୋଜକ। ହକି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଫଳରେ ଓଡ଼ିଶାରେ ଏବେ ହକିର ଏକ ଭିନ୍ନ ମାହୋଲ ସୃଷ୍ଟି ହେବାକୁ ଯାଉଛି। ମାତ୍ର ଭୁବନେଶ୍ୱରରେ ଆସନ୍ତା ୧୬ରୁ ହେବାକୁ ଯାଉଥିବା ହକି କ୍ୟାମ୍ପ ପାଇଁ ବୁଧବାର ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳି ନାହାନ୍ତି। ଜାତୀୟ କ୍ୟାମ୍ପ ଅକ୍ଟୋବର ୧୪ରେ ଶେଷ ହେବ। ଏହାର ୪ ଦିନପରେ ମୁସ୍କାଟଠାରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ। ତେଣୁ ଏହି କ୍ୟାମ୍ପରୁ ଖେଳାଳି ମନୋନୟନ ହେବାର ଥିବାରୁ ଚାମ୍ପିୟନ୍ସ ଟ୍ରଫିରେ କୌଣସି ଓଡ଼ିଆ ଖେଳାଳି ନ ଖେଳିବା ସ୍ପଷ୍ଟ ହୋଇଛି। ଏଥିରେ ସ୍ୱାଭାବିକଭାବେ ଓଡ଼ିଶାର ହକି ମହଲ ବିସ୍ମିତ, ଆଶ୍ଚର୍ଯ୍ୟ ହୋଇଛନ୍ତି ଓଡ଼ିଶାର କିମ୍ବଦନ୍ତୀ ଖେଳାଳି ଏବଂ ହକି ବିଶେଷଜ୍ଞ। ନିକଟରେ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳରେ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଥିଲେ। ବୀରେନ୍ଦ୍ର ଆହତ ସମସ୍ୟା ମଧ୍ୟଦେଇ ଗତି କରୁଥିଲେ ହେଁ ହକି ବିଶ୍ୱକପ ପାଇଁ କ୍ୟାମ୍ପରେ ରହିବାର ଦାବିଦାର। ସେହିପରି ଅମିତ ଏବଂ ଦୀପସାନ ତିର୍କୀଙ୍କୁ କାହିଁକି ସ୍ଥାନ ମିଳିଲା ନାହିଁ ତା'ର କାରଣ ମଧ୍ୟ ଅସ୍ପଷ୍ଟ। ତେବେ ପରବର୍ତ୍ତୀ କ୍ୟାମ୍ପପାଇଁ ଓଡ଼ିଶା ଖେଳାଳିଙ୍କୁ ଡାକରା ମିଳିବ ବୋଲି ଓଡ଼ିଶାର ପୂର୍ବତନ ଖେଳାଳି ଓ ହକି ବିଶାରଦମାନେ ଆଶା ରଖିଛନ୍ତି ।

**ଆଶ୍ଚର୍ଯ୍ୟ କରିଛି**

ଆଗକୁ ହକି ବିଶ୍ୱକପ ଆସୁଛି। ଘରୋଇ ପରିବେଶରେ ଏହା ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଆମେ ସମସ୍ତେ ବେଶ୍ ଉତ୍ସାହିତ । ତେଣୁ କ୍ୟାମ୍ପରେ ଓଡ଼ିଆ ଖେଳାଳି ରହିବେ ବୋଲି ଆମେ ଭାବୁଥିଲୁ। ତେବେ ଦଳ ପାଇଁ ଯାହା ଭଲ ହେବ ଏବଂ ଉତ୍ତମ କମ୍ବିନେଶନ ଯେପରି ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ସମ୍ଭବତଃ କୋର୍ ଖେଳାଳି ଚୟନ କରାଯାଇଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କୋଚ୍ ହରେନ୍ଦ୍ର ସିଂ ଏପରି ନିଷ୍ପତ୍ତି ନେଇଥିବେ। ତେବେ ବ୍ୟକ୍ତିଗତଭାବେ କହିଲେ ଏପରି ରଣନୀତିରେ ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଛି। ବୀରେନ୍ଦ୍ର ଲାକ୍ରା ଆହତ ସମସ୍ୟାରେ ଥିବାରୁ ସମ୍ଭବତଃ ଏହି ତାଲିକାରେ ରହିପାରି ନାହାନ୍ତି। ଓଡ଼ିଶା ସରକାର ହକିକୁ ପ୍ରୋତ୍ସାହନ ପାଇଁ ବହୁତ କିଛି କରୁଛନ୍ତି। ତେଣୁ ସ୍ୱାଭାବିକଭାବେ ଓଡ଼ିଶା ଲୋକଙ୍କର ହକି ପ୍ରତି ଚିନ୍ତାଧାରା ବଦଳି ଯାଇଛି। ଏବେ ଚୟନକର୍ତ୍ତାଙ୍କ ନିଷ୍ପତ୍ତି ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ହୋଇଛି। ଓଡ଼ିଶା ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ମୁଁ ଭାବିଥିଲି। ଭବିଷ୍ୟତରେ ଯେଉଁ କ୍ୟାମ୍ପ ହେବ ସେଥିପାଇଁ ହକି ଇଣ୍ଡିଆ ପକ୍ଷରୁ ଓଡ଼ିଆ ଖେଳାଳିଙ୍କୁ ଡାକରା ମିଳିବା ନେଇ ମୁଁ ଆଶା ରଖିଛି ବୋଲି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।



**ଦଳର ପ୍ରଦର୍ଶନ ପ୍ରଭାବିତ ହେବ**

ଏଥିରେ କେବଳ ମୁଁ ନୁହେଁ ଓଡ଼ିଶାର ହକିପ୍ରେମୀମାନେ ଆଶ୍ଚର୍ଯ୍ୟ ହେବାର ଅନେକ କାରଣ ରହିଛି। ବୀରେନ୍ଦ୍ର ଆହତ ସମସ୍ୟାରେ ଥିଲେ ହେଁ କ୍ୟାମ୍ପରେ ରହିବାରେ କୌଣସି ଅସୁବିଧା ନ ଥିଲା। ଏସିଆନ ଗେମ୍ସରେ ଯଦି ଦେଖାଯାଏ ତେବେ ଅମିତ ରୋହିଦାସ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଶର୍ଟ କର୍ନରରେ ଆମର ଦୁର୍ବଳତା ରହିଛି। ଅମିତ ଜଣେ ଶର୍ଟ କର୍ନର ସ୍ପେଶାଲିଷ୍ଟ। ସେ ଗୋଲ ମଧ୍ୟ ଦେଇଛନ୍ତି। ଦିଲୀପ ତିର୍କୀଙ୍କ ପରେ ସେ ଜଣେ ଶ୍ରେଷ୍ଠ ଡିଫେଣ୍ଡରଭାବେ ପରିଗଣିତ ହେଉଛନ୍ତି। ଏହା ବ୍ୟତୀତ ସେ ଆବଶ୍ୟକସ୍ଥଳେ ଆକ୍ରମଣାତ୍ମକ ଭୂମିକା ମଧ୍ୟ ନେଇଥାନ୍ତି, ଯାହାକି ଜଣେ ଡିଫେଣ୍ଡରଙ୍କର ବିରଳ କ୍ୱାଲିଟି ବୋଲି କୁହାଯାଇ ପାରିବ। ସବୁଠାରୁ ଆଶ୍ଚର୍ଯ୍ୟ ହେଲା ତାଙ୍କୁ ମଧ୍ୟ କ୍ୟାମ୍ପରେ ନେଇ ନାହାନ୍ତି। ବାକି ରହିଲେ ଦୀପସାନ ତିର୍କୀ ଓ ନୀଲମ ସଞ୍ଜୀପ୍ ଖେସ। ଜୁନିୟର ବିଶ୍ୱକପରେ ଦୀପସାନ ପ୍ରଦର୍ଶନକୁ ଯେତେ ପ୍ରଶଂସା କଲେ କମ୍ ହେବ। ତେଣୁ ତାଙ୍କୁ ଅତିକମ୍‌ରେ କ୍ୟାମ୍ପକୁ ନିଆଯିବା ଉଚିତ। କୋଚ୍ ହରେନ୍ଦ୍ର ସିଂ ଦୂରଦୃଷ୍ଟି ରଖି ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଁ ଭାବିପାରୁନି। ପରୋକ୍ଷରେ କହିବାକୁ ଗଲେ ଯଦି ଏପରି ଦଳ ଚୟନ ହୁଏ ତେବେ ଏହା ଭାରତୀୟ ଦଳର ପ୍ରଦର୍ଶନ ଉପରେ ଖରାପ ପ୍ରଭାବ ପକାଇବ ବୋଲି ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି।



**ଦୁର୍ଭାଗ୍ୟଜନକ**

ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ କ୍ୟାମ୍ପରେ ସ୍ଥାନ ନ ପାଇବା ଦୁର୍ଭାଗ୍ୟଜନକ । ବୀରେନ୍ଦ୍ର ଆହତ ସମସ୍ୟାରେ ଯଦିଓ ଅଛନ୍ତି ତେବେ ଅନ୍ୟ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ନିହାତି ନିଆଯିବାର ଥିଲା। ଏସିଆନ ଗେମ୍ସରେ ରଣନୀତି ଫେଲ୍ ମାରିଥିବାରୁ ପରୀକ୍ଷା ସ୍ୱରୂପ ସମ୍ଭବତଃ ଏପରି କରାଯାଉଛି। ଏହା ଚୂଡ଼ାନ୍ତ ଦଳ ନୁହେଁ, ଓଡ଼ିଶା ଖେଳାଳିଙ୍କୁ ଦକ୍ଷତା ପ୍ରତିପାଦନ ପାଇଁ ହକି ଇଣ୍ଡିଆ ନିଶ୍ଚିତ କ୍ୟାମ୍ପରେ ସ୍ଥାନ ଦେବ ବୋଲି ଆଶା ରଖିଛନ୍ତି ଅଲିମ୍ପିଆନ ଲାଜରୁସ ବାର୍ଲା।



**ଓଡ଼ିଶାରେ ପ୍ରତିଭା ଭରପୂର**



ମୋତେ ଏହି ନିଷ୍ପତ୍ତି ଆଶ୍ଚର୍ଯ୍ୟ କରିଛି। ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଦଳର ସଦସ୍ୟଙ୍କ ମଧ୍ୟରୁ କିପରି କିଛି ଖେଳାଳିଙ୍କୁ କ୍ୟାମ୍ପରୁ ବାହାର କରାଯିବ ? ଓଡ଼ିଶାରେ ହକି ପ୍ରତିଭାର ଅଭାବ ନାହିଁ। ଆମ ପାଖରେ ଦୀପସାନ ତିର୍କୀ, ଆନନ୍ଦ ଲାକ୍ରା, ନୀଲମ ସଞ୍ଜୀପ୍ ଖେସ୍, ଶିଳାନନ୍ଦ ଲାକ୍ରା ଏବଂ ଆହୁରି ଅନେକ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି ବୋଲି ଅଲିମ୍ପିଆନ ପ୍ରବୋଧ ତିର୍କୀ ପ୍ରକାଶ କରିଛନ୍ତି।

ପ୍ରସ୍ତୁତି: ତପନ ସ୍ୱାଇଁ



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଲାନ୍‌କୋରୁ ଯନ୍ତ୍ରାଂଶ ଲୁଟ୍ ମାମଲା: ସିବିଆଇ ତଦନ୍ତ ଦାବି



**ଢେଙ୍କାନାଳ ଅଫିସ, ୧୪।୯**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଖଡଗ୍‌ପ୍ରସାଦ ଗ୍ରାମ ନିକଟରେ ଥିବା ଲାନ୍‌କୋ କମ୍ପାନୀରୁ ଲକ୍ଷାଧିକ ଟଙ୍କାର ଲୁହା ସାମଗ୍ରୀ ଓ ଯନ୍ତ୍ରାଂଶ ଲୁଟ୍ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ନେତାଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ଆଣିଛି ଜିଲା ଭାଜପା। ଏହାର ସିବିଆଇ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପୋଲିସ ଜାଣତରେ କମ୍ପାନୀ ପରିସରରୁ ବାରମ୍ବାର ଚୋରି ହେଉଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଶାସକ ଦଳର ଜଣେ ନେତାଙ୍କ ସମ୍ପୃକ୍ତି ରହିଛି। ସିବିଆଇ ତଦନ୍ତ କରାଗଲେ ଏହାର ପର୍ଦ୍ଦାଫାଶ ହେବ। କିଛିଦିନ ତଳେ କମ୍ପାନୀରୁ ସାମଗ୍ରୀ ଲୁଟ୍ କରୁଥିବା ଦୁଇଟି ଗାଡ଼ିକୁ ସ୍ଥାନୀୟ ଯୁବକ ଜବତ କରି ପୋଲିସ ଜିମା ଦେଇଥିଲେ। ହେଲେ ପୋଲିସ ମାମଲା ରୁଜୁ କରିବା ପରିବର୍ତ୍ତେ ଗାଡ଼ି ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ଏସ୍‌ପି ଓ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କୁ ଫୋନ କରି ଜଣାଯିବା ପରେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଲାନ୍‌କୋ କମ୍ପାନୀ ପ୍ରତିଷ୍ଠା ପାଇଁ ଅନ୍ୟ ରାଜ୍ୟର ଜଣେ ପୂର୍ବତନ ଏମ୍‌ପି ଉପା ସରକାର ସମୟରେ ୧୨ହଜାର କୋଟି ଟଙ୍କା ଋଣ କରିଥିଲେ। ହେଲେ କମ୍ପାନୀ ପ୍ରତିଷ୍ଠା ନ କରି ସେ ୮ହଜାର କୋଟି ଟଙ୍କା ଲୁଟିନେଇ ଦୁବାଇ ପଳାଇଥିଲେ। ଏସବୁ ଘଟଣାବଳୀ ବିଷୟରେ ରାଜ୍ୟ ସଭାପତିଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲା ଉପସଭାପତି ନବକିଶୋର ଗୁରୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଶର୍ମା, ପ୍ରେମାନନ୍ଦ ଜେନା, ସତ୍ୟରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଭଜନ ପ୍ରତିଯୋଗିତା

# ଅଂଶୁମାନ, ସୌମ୍ୟାଶ୍ରୀ, ସମାୟିରା ଚାମ୍ପିୟନ

**ଢେଙ୍କାନାଳ ଅଫିସ,୧୪।୯**

ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ପଞ୍ଚାୟତର ବଳଭଦ୍ରପୁର ଶାସନରେ ପବିତ୍ର ଗଣେଶ ପୂଜା ଅବସରରେ ଗୁରୁବାର ସନ୍ଧ୍ୟାରେ ଜିଲାସ୍ତରୀୟ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାବା ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୪୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ବିଭାଗରେ ଏମ୍. ଅଂଶୁମାନ ଭରଦ୍ୱାଜ ଶ୍ରେଷ୍ଠ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ରୁଦ୍ରନାରାୟଣ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନନ୍ୟା ପ୍ରିୟଦର୍ଶିନୀ ହୋତା, ଦିବ୍ୟାଶା ମହାନ୍ତି ଯୁଗ୍ମ ଦ୍ୱିତୀୟ ଏବଂ ଆଲିଶା ରଥ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବିଭାଗରେ ଚାମ୍ପିୟନ ହୋଇଥିବା ସୌମ୍ୟାଶ୍ରୀ ମହାନ୍ତିଙ୍କୁ ଉଦୟନାଥ ମହାପାତ୍ର ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଛି। ଚିନ୍ମୟୀ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ମାମାଲି ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସର୍ବକନିଷ୍ଠ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ସମାୟିରା ମିଶ୍ରଙ୍କୁ ଚିନ୍ମୟ ମହାପାତ୍ର ମେମୋରିଆଲ ଟ୍ରଫି ଦିଆଯାଇଛି। ଦିବ୍ୟଜ୍ୟୋତି ମିଶ୍ର ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ଦାସ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ।

ନିଶା ନିବାରଣରେ ବଳିଷ୍ଠ ଅବଦାନ ଲାଗି ଲକ୍ଷ୍ମୀ ନାରାୟଣ କ୍ଲବ, ବେବର୍ତ୍ତାକାଟେଣୀ ମହିଳା ସମିତି ସମେତ ସମସ୍ତ ଏସ୍‌ଏଚ୍‌ଜିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗ୍ରାମର ୬ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମରେ ଏକତା ବଜାୟ ରଖିବାରେ ବଳିଷ୍ଠ ଭୂମିକା ନିଭାଇଥିବା ଶାନ୍ତି କମିଟି ଉପସଭାପତି କିଶୋର ଚନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ ହୋଇଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ ବଂଶୀବାଦକ ଗଗନ ବିହାରୀ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ସଙ୍ଗୀତ ଗୁରୁ ଯାମିନୀରଞ୍ଜନ ଦାସ, ସରପଞ୍ଚ ରାମଚନ୍ଦ୍ର ସାହୁ, କ୍ଲବ ସଭାପତି ଦିଲୀପ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀମାନେ।

# 'ପୋଲିସ ଲୋକଙ୍କ ପାଖରେ ପହଞ୍ଚୁ'

**କାମାକ୍ଷାନଗର, ୧୪।୯(ଡି.ଏନ.ଏ.)**

କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଆମ ପୋଲିସ ବୈଠକ ଏବଂ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ଚାକିରି ସରିଗଲେ ପୋଲିସ କର୍ମଚାରୀ ଜଣେ ସାଧାରଣ ମଣିଷ। ନିଜ କ୍ଷମତାର ସଦୁପଯୋଗ କରି ପ୍ରକୃତ ସତ୍ୟତାର ଉନ୍ମୋଚନ କଲେ ଲୋକେ ନ୍ୟାୟ ପାଇପାରିବେ ଏବଂ ସାମାଜିକ ବ୍ୟବସ୍ଥାରେ ସୁଧାର ଆସିବ। ଏଥିପାଇଁ ପୋଲିସ କର୍ମଚାରୀଙ୍କୁ ଲୋକଙ୍କ ପାଖରେ ପହଞ୍ଚିବାକୁ ପଡ଼ିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ନଗରପାଳ ଧର୍ମାନନ୍ଦ ପରିଡ଼ା, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ମଞ୍ଚାସୀନ ଥିଲେ। ସାଧାରଣ ଲୋକ ମଧ ଜଣେ ଜଣେ ପୋଲିସ। ନିଜ ଆଖପାଖ ଅଞ୍ଚଳରେ ହେଉଥିବା ଆପରାଧିକ କାର୍ଯ୍ୟ ସମ୍ପର୍କରେ ପୋଲିସକୁ ସୂଚନା ଦେବା ପ୍ରତ୍ୟେକଙ୍କ ନୈତିକ ଦାୟିତ୍ୱ ବୋଲି ସେମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଆଇନଜୀବୀ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ଆମ ପୋଲିସ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ଗ୍ରାମ-ଗ୍ରାମ, ସହର-ସହର, ପ୍ରାନ୍ତ-ପ୍ରାନ୍ତ ପ୍ରତ୍ୟେକଙ୍କୁ ମିଳିଛି ପରିଣାମ
'ଜାଣନ୍ତୁ ପ୍ରକୃତ ଲୋକଙ୍କ ସତ୍ୟ ଅନୁଭୂତି'

**ବାସ୍ତବିକ ଅନୁଭୂତି:** ପୂଜା ହରନଲ ଉତ୍ତରପ୍ରଦେଶର ବାସିନ୍ଦା। ସେ ନିଜ ଚେହେରାରେ ବ୍ରଣ କାରଣରୁ ବହୁତ ଚିନ୍ତିତ ରହୁଥିଲେ। ଏଥିପାଇଁ ସେ ଅନେକ କସ୍‌ମେଟିକ୍ କ୍ରିମ ବ୍ୟବହାର କଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ। ଏହାପରେ ସେ ନିଜ ବାନ୍ଧବୀଙ୍କ କଥାକୁ ମାନି ରୂପ ମନ୍ତ୍ରା ଫେସ୍ ୱାଶ୍‌ରେ ଚେହେରାକୁ ଧୋଇ ଆୟୁର୍ବେଦିକ ରୂପ ମନ୍ତ୍ରା କ୍ରିମ୍ ବ୍ୟବହାର କଲେ। ମାତ୍ର ଏକମାସର ପ୍ରୟୋଗ ଦ୍ୱାରା ହିଁ ଚେହେରାର ବ୍ରଣରେ ଅନେକ ପାର୍ଥକ୍ୟ ଦେଖାଗଲା।


ପୂଜା ହରନଲ

**ବାସ୍ତବିକ ଅନୁଭୂତି:** ମୁଁ ଶିବାନୀ ସେଠୀ ଚଣ୍ଡିଗଡ଼ ବାସିନ୍ଦା। ବିଗତ ଅନେକ ସମୟ ଧରି ମୋ ଚେହେରାର ରଙ୍ଗ ଶ୍ୟାମଳ ଏବଂ ସ୍କିନ୍ ବହୁତ ଅଏଲି ହୋଇଯାଇଥିଲା। ମୁଁ ଦିନରେ ଦୁଇଥର ରୂପ ମନ୍ତ୍ରା ଫେସ୍‌ୱାଶ୍‌ରେ ଚେହେରା ଧୋଇ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ଲଗାଇଲି। ଏବେ ଏହାକୁ ବ୍ୟବହାର କରିବାରେ ମୋତେ ମାତ୍ର ତିନି ସପ୍ତାହ ହିଁ ହୋଇଛି, କିନ୍ତୁ ମୋ ଚେହେରାର ସ୍କିନ୍ କୋମଳ ଏବଂ ଅଏଲ୍ ଫ୍ରି ହୋଇଯାଇଛି।


ଶିବାନୀ ସେଠୀ

**ବାସ୍ତବିକ ଅନୁଭୂତି:** ଅଳକା ଗୌତମ ହିମାଚଳ ପ୍ରଦେଶର ବାସିନ୍ଦା। ଅଳକାଙ୍କ କହିବା ଅନୁଯାୟୀ ସେ ଜବ୍ କରନ୍ତି ଏବଂ ଅଫିସ୍ ଯିବା ଆସିବା ସମୟରେ ପଲ୍ୟୁସନ୍ କିମ୍ବା ଫାଷ୍ଟ-ଫୁଡ୍ ଖାଇବା ଦ୍ୱାରା ତାଙ୍କ ଚେହେରାର ତ୍ୱଚା ଶ୍ୟାମଳ ଓ ନିସ୍ତେଜ ହେବାରେ ଲାଗିଥିଲା। ସେ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌କୁ ମଧ ଦିନରେ ଦୁଇଥର ଲଗାଇଲେ ଓ ରୂପ ମନ୍ତ୍ରା ଫେସ୍‌ୱାଶ୍‌କୁ ନିୟମିତ ପ୍ରୟୋଗ କଲେ। ସେ ଲେଖିଛନ୍ତି ଯେ ଏବେ ତାଙ୍କ ଚେହେରାରେ ସ୍ଥାୟୀ ଗ୍ଲୋ ଆଣ୍ଡ ଫିଲ୍ ଆସିଯାଇଛି।


ଅଳକା ଗୌତମ

**ବାସ୍ତବିକ ଅନୁଭୂତି:** ମୁଁ ରୋହିତ କୋଚର ନୂଆଦିଲ୍ଲୀ ବାସିନ୍ଦା। ମଡେଲିଂ ଏବଂ ଆକ୍ଟିଂ ମୋର ସ୍ୱପ୍ନ। କିନ୍ତୁ କିଛି ମାସ ତଳେ ମୋ ଚେହେରାରେ ଗଭୀର, ଅଏଲି ଦେଖାଯିବାକୁ ଲାଗିଥିଲା, ଏହା ସହିତ ଚେହେରାରେ ବ୍ରଣ ମଧ ହୋଇଗଲା। ମୁଁ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍, ଫେସ୍ ୱାଶ୍‌ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଏକମାସ ପାଇଁ ବ୍ୟବହାର କଲି। ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା।


ରୋହିତ କୋଚର

କେବଳ ହଳଦୀ, ଚନ୍ଦନ ହିଁ ନୁହେଁ "ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍"ରେ ଅଛି ଏଲୋଭେରା, ଦ୍ରାକ୍ଷା, ତୁଳସୀ ଏବଂ ମୁଲେଠି ଭଳି ଅନ୍ୟ ୧୨ ଜଡ଼ି-ବୁଟିର ଅଦ୍ୱିତୀୟ ସନ୍ତୁଳିତ ମିଶ୍ରଣ, ଯାହା ଆପଣଙ୍କ ଚେହେରାର ତ୍ୱଚାର ରଙ୍ଗକୁ ଭିତରୁ ସୁଧାରିବା ଏବଂ ଚମକଦାର କରିବାରେ ଅତ୍ୟନ୍ତ ସହାୟକ । ଏହା ଡାର୍କ ସର୍କଲ୍ସ ଏବଂ ବାଦାମୀ ଦାଗକୁ କମ୍ କରି ଆପଣଙ୍କ ରଙ୍ଗକୁ ସଫା ରଖିବାରେ ସାହାଯ୍ୟ କରିଥାଏ।

HELPFUL IN PROTECTING FROM :
- Dark Complexion
- Scars
- Wrinkles
- Pimples
- Dull Skin




24x7 Helpline : 0171-3055111 | www.roopmatra.com
Like us on Facebook.com/roopmantra | Available at all medical & general stores




Buy Dzire/Swift before 15th Sept'18 & Get ASSURED 5g* GOLD COIN + Scratch & Win Contest GET UPTO 10g* GOLD/SILVER COIN

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

DZIRE | SWIFT

**SKY AUTOMOBILES**
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

**NARAYANI MOTORS**
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

**ODYSSEY MOTORS**
• ANGUL: 7752076136,9776901481
• PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240
• NAYAGARH: 7381028515 • BALASORE: 7064499108

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. The scheme of assured 5 gm of gold coin is applicable on all variants of Swift and Dzire upon delivery from 1st Sep'18 to 15th Sep'18. Scratch & Win offer is valid on all models except Eeco and under this scheme, customers can win Gold coin upto 10 gm or silver coin upto 50 gm. This offer is valid till 15th Sept. 2018. Offers as shown above may change without any prior notice.